


# ସଂଚାର
THE SANCHAR




Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 77 | ଭାଗ ୩୪ | ସଂଖ୍ୟା ୭୭
Bhubaneswar | Monday 9 June 2025 | Page 8 Rs. 4.00
● ଭୁବନେଶ୍ୱର ସୋମବାର ୯ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ଭିଜିଲାନ୍ସ ଜାଲରେ ବଡ଼ ମୁଣ୍ଡ



- ଧରାପଡ଼ିଲେ ଧରମଗଡ଼ ଉପଜିଲ୍ଲାପାଳ
- ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲେ
- ୨୦ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା

**ଭୁବନେଶ୍ୱର,୮।୬(ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଣେ ଆଇଏଏସ୍ ଅଫିସର୍। ୨୦୨୧ ବ୍ୟାଚ୍ ଆଇଏଏସ୍ ଧିମନ୍ ଚକ୍‌ମା ଆଜି ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାବୁଡ଼ରେ ପଡ଼ିଯାଇଛନ୍ତି। କଳାହାଣ୍ଡି ଜିଲ୍ଲାର ଧରମଗଡ଼ ଉପଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ଚକ୍‌ମା ଜନୈକ ବ୍ୟବସାୟୀଙ୍କଠାରୁ ଏହି ଟଙ୍କା ନେଉଥିଲେ। ଉକ୍ତ ବ୍ୟବସାୟୀଙ୍କଠାରୁ ଶ୍ରୀ ଚକ୍‌ମା ମୋଟ ୨୦ ଲକ୍ଷ ଟଙ୍କା ଲାଞ୍ଚ ଆକାରରେ ନେବା ସକାଶେ ଡିଲ୍ କରିଥିଲେ। ସେ ବ୍ୟବସାୟୀଙ୍କୁ ଲାଞ୍ଚ ନ ଦେଲେ କୌଣସି ମାମଲାରେ ଫସାଇଦେବାର ଧମକ ଦେଇ ଏହି ଟଙ୍କା ହାସଲ କରିବାକୁ ଉଦ୍ୟମ କରିଥିଲେ। ତେଣୁ ବ୍ୟବସାୟୀ ଜଣଙ୍କ ଶେଷରେ ଭିଜିଲାନ୍ସ ଦ୍ୱାରସ୍ଥ ହୋଇଥିଲେ। ଆଜି ଲାଞ୍ଚ ଟଙ୍କା ନେବା ସକାଶେ ଉପଜିଲ୍ଲାପାଳ ଶ୍ରୀ ଚକ୍‌ମା ଉକ୍ତ ବ୍ୟବସାୟୀଙ୍କୁ ତାଙ୍କ ଧରମଗଡ଼ସ୍ଥିତ ସରକାରୀ ବାସଭବନକୁ ଡକାଇଥିଲେ। ସେ ବ୍ୟବସାୟୀଙ୍କଠାରୁ ନେଇ ୨୬ଟି ଟଙ୍କା ବଣ୍ଡଲ୍ ଦୁଇ ହାତରେ ଧରିଥିବା ସମୟରେ ସେଠାରେ ଭିଜିଲାନ୍ସ ଅଧିକାରୀମାନେ ପହଞ୍ଚିଯାଇଥିଲେ। ଏହାଛଡ଼ା ତାଙ୍କ କାର୍ଯ୍ୟାଳୟର ଡ୍ର'ରୁ ମଧ୍ୟ କିଛି ଟଙ୍କା ଜବତ ହୋଇଛି। ➪ପୃଷ୍ଠା-୬

## ମୋହନଙ୍କ ନେତୃତ୍ୱରେ ଶିଳ୍ପାୟନର ନୂଆ ରେକର୍ଡ

- ୫ ବର୍ଷରେ ଯାହା ହୋଇନଥିଲା, ବର୍ଷକରେ ତା' ସମ୍ଭବ ହୋଇଛି
- ବର୍ଷପୂର୍ତ୍ତି ପୂର୍ବରୁ ଶିଳ୍ପପତିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା
- ଆସନ୍ତା ବର୍ଷ ପାଇଁ ପ୍ରସ୍ତୁତ ହେଲା ବିକାଶର ରୋଡ୍‌ମ୍ୟାପ
- ବର୍ଷକରେ ୪.୫ କୋଟିର ନିବେଶ ପ୍ରସ୍ତାବକୁ ମିଳିଛି ମଞ୍ଜୁରୀ
- ବଡ଼ ନିବେଶ ସହ ବିଶ୍ୱ ବଜାରକୁ ଆଖେଇଛି ଓଡ଼ିଶା



**ଭୁବନେଶ୍ୱର,୮।୬(ସଂଚାର ବ୍ୟୁରୋ):** ବର୍ଷ ପୂର୍ତ୍ତି ଉତ୍ସବ ପୂର୍ବରୁ ଦେଶର ବିଶିଷ୍ଟ ଶିଳ୍ପପତିଙ୍କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କ୍ଷୁଦ୍ର ଓ ମଧ୍ୟ ଶିଳ୍ପ ପାଇଁ ପୁଞ୍ଜିନିବେଶକାରୀଙ୍କଠାରୁ ଆରମ୍ଭ କରି ମହିଳା ଶିଳ୍ପପତି ଓ ଷ୍ଟାର୍ଟଅପ କ୍ଷେତ୍ରରେ ନିବେଶକାରୀଙ୍କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ। ରାଜ୍ୟର ଶିଳ୍ପ ବିକାଶ ଯାତ୍ରାରେ ସାମିଲ ହୋଇଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ମାଝୀ।

ଏହି ଆଲୋଚନା ସମୟରେ ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟା ଓ ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ କିଭଳି ଏକ ଶିଳ୍ପର ଆକର୍ଷଣ ପାଲଟିବା ସହ ବିଦେଶୀ ବଜାରର ଆବଶ୍ୟକତାକୁ ପୂରଣ କରିପାରିଛି, ସେନେଇ ମୁଖ୍ୟମନ୍ତ୍ରୀ ନିବେଶକାରୀଙ୍କୁ ଅବଗତ କରିଥିଲେ। ରାଜ୍ୟ ସରକାର ଅଧିକ ନିଯୁକ୍ତି ସୃଷ୍ଟିକୁ ଗୁରୁତ୍ୱ ଦେଉଥିବାରୁ ମୁଖ୍ୟମନ୍ତ୍ରୀ ଶିଳ୍ପ କ୍ୟାପଟେନଙ୍କୁ ଏହି ବିକାଶ ଯାତ୍ରାରେ ସାମିଲ ହୋଇ ଓଡ଼ିଶାକୁ ଏକ ଶିଳ୍ପର ପାୱାରହାଉସରେ ରୂପାନ୍ତରିତ କରିବାରେ ସହଯୋଗ ଲୋଡିଥିଲେ।

ବର୍ଷେ ତଳେ ରାଜ୍ୟବାସୀ ଏକ ସମନ୍ୱିତ, ଆକାଂକ୍ଷୀ ଓ ରୂପାନ୍ତରିତ ଓଡ଼ିଶା ଗଠନ ଆଶା ନେଇ ବିଜେପି ଉପରେ ଭରସା ରଖିଥିଲେ। ବର୍ଷକର ଅନୁଭୂତିକୁ ଦେଖିଲେ ଏକ ବିକଶିତ ଓଡ଼ିଶା ବିକାଶ ଦିଗରେ ଆମର ସଂକଳ୍ପ ଆମେ ପୂରଣ କରିପାରିଛୁ। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଗଦାନ ରାଜ୍ୟରେ ଶିଳ୍ପାୟନର ପ୍ରକ୍ରିୟାକୁ ନୂଆ ଦିଗଦର୍ଶନ ଦେଇଛି। ରାଜ୍ୟରେ ପୁଞ୍ଜି ନିବେଶ ପାଇଁ ନିବେଶକାରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଅପିଲ ରାଜ୍ୟ ପାଇଁ ପୁରସ୍କାର ସଦୃଶ ହୋଇଛି। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ପରେ ରାଜ୍ୟ ସରକାର ୧୫୦ରୁ ଅଧିକ ଏମଓୟୁ ସ୍ୱାକ୍ଷର କରିଛନ୍ତି। ଏହ୍ୱାଦ୍ୱାରା ରାଜ୍ୟରେ ୧୬ କୋଟି ୭୦ ଲକ୍ଷ ଟଙ୍କାର ପୁଞ୍ଜିନିବେଶ ସହ ୧୨ ଲକ୍ଷ ୯୦ ହଜାର ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ସେଥିମଧ୍ୟରୁ ଗତ ବର୍ଷକ ମଧ୍ୟରେ ୨୦୬ଟି ପ୍ରକଳ୍ପକୁ ସରକାର ମଞ୍ଜୁରୀ ଦେଇଛନ୍ତି, ଯାହାକି ଗତ ୫ ବର୍ଷଠାରୁ ଦୁଇଗୁଣା ଅଧିକ। ଏହାଦ୍ୱାରା ରାଜ୍ୟରେ ୪ କୋଟି ୫୦ ଲକ୍ଷ ଟଙ୍କାର ପୁଞ୍ଜିନିବେଶ ହେବା ସହ ୨ ଲକ୍ଷ ୯୦ ହଜାର ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। କେବଳ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ପରେ ୫୬ ପ୍ରକଳ୍ପ ପାଇଁ ଭୂମିପୂଜନ ସରିଛି। ଏହିସବୁ ପ୍ରକଳ୍ପରେ ୧ କୋଟି ୭୮ ଲକ୍ଷର ନିବେଶ ହେବା ସହ ୧ ଲକ୍ଷ ୧୦ହଜାର ଲୋକଙ୍କୁ ନିଯୁକ୍ତି ମିଳିପାରିବ। ଏହି ସଂଖ୍ୟାରୁ ହିଁ ଆମର ବେଗ ପ୍ରତିଫଳିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟର ବିକାଶ ଯାତ୍ରା ଖଣିଠାରୁ ଆରମ୍ଭ କରି ମେଟାଲ ଓ ଆନୁଷଙ୍ଗିକ ଶିଳ୍ପ ଭଳି ୨୦ଟି ବିଭିନ୍ନ କ୍ଷେତ୍ରରେ ସମ୍ପ୍ରସାରିତ ହୋଇଛି। ଏଥିସହ ରସାୟନ, ଖାଦ୍ୟ ପ୍ରକ୍ରିୟାକରଣ, ପୋଷାକ, ବୟନ, ଅକ୍ଷୟ ଶକ୍ତି, ଇଲେକ୍ଟ୍ରୋନିକ୍ସ ଓ ପର୍ଯ୍ୟଟନଭିତ୍ତିକ ଶିଳ୍ପ ପାଇଁ ବି ସୁଯୋଗ ସୃଷ୍ଟି ହୋଇଛି। ଓଡ଼ିଶା ଆଉ ଏବେ କେବଳ ଦେଶର ଖଣି କିମ୍ବା ମେଟାଲ ହବ୍ ହୋଇ ରହିନାହିଁ, ଏହା ବିବିଧକରଣ ଶିଳ୍ପର ପାୱାର ହାଉସ ପାଲଟିଛି।

ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ ଓ ସରଳ କରିବାକୁ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣିବାକୁ ସରକାର ଯୋଜନା କରୁଛନ୍ତି। ଆସନ୍ତା ବର୍ଷରେ ସରକାର ୪ଟି ଦିଗକୁ ବିଶେଷ ଗୁରୁତ୍ୱ ଦେବେ। ବିଶ୍ୱ ସ୍ତରରେ ପ୍ରତିଯୋଗିତା ପାଇଁ ନୂଆ ନୂଆ କ୍ଷେତ୍ର ପାଇଁ ରାଜ୍ୟରେ ସୁଯୋଗ ➪ପୃଷ୍ଠା-୬

## ସ୍ମରଣୀୟ ହେବ ବର୍ଷପୂର୍ତ୍ତି ଉତ୍ସବ

- ରାଜ୍ୟବାସୀଙ୍କୁ ଭେଟି ଦେବେ ପ୍ରଧାନମନ୍ତ୍ରୀ
- ୧୧ ଦିନ ଧରି ସବୁ ଜିଲ୍ଲାରେ ହେବ ଉତ୍ସବ
- ଯୋଗଦେବେ ବହୁ କେନ୍ଦ୍ରମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୮।୬(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାରକୁ ରାଜ୍ୟରେ ଏକ ବର୍ଷ ପୂରିବାକୁ ଯାଉଛି। ୨୦୨୪ ଜୁନ ୧୨ ତାରିଖରେ ପଦ ଓ ଗୋପନୀୟତାର ଶପଥ ନେଇଥିଲେ ମୋହନ କ୍ୟାବିନେଟ୍। ତେଣୁ ଏହି ବର୍ଷପୂର୍ତ୍ତି ଉତ୍ସବକୁ ସ୍ମରଣୀୟ କରିବାକୁ ପ୍ରସ୍ତୁତ ହୋଇଛି ବଡ ଯୋଜନା। କେବଳ ରାଜନୀତିରେ ବର୍ଷପୂର୍ତ୍ତି ଉତ୍ସବ ସୀମିତ ରହିବନି। ସବୁ ଜିଲ୍ଲାରେ ୧୧ ଦିନ ଧରି ଚାଲିବ ସଭା, ସମିତି ଓ ସମ୍ମିଳନୀ। ସମସ୍ତଙ୍କୁ ଚମକାଇ ଦେଇ ଶାସନକୁ ଆସିଥିବା ମୋହନ ସରକାରକୁ ବର୍ଷେ ପୂରଣ ହେବାକୁ ଯାଉଛି। ବର୍ଷପୂର୍ତ୍ତି ପାଇଁ ଆଜିଠାରୁ ଆରମ୍ଭ ହୋଇଛି କାର୍ଯ୍ୟକ୍ରମ । ପ୍ରଥମ ଦିନରେ ଶିଳ୍ପପତିଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହିଭଳି କାର୍ଯ୍ୟକ୍ରମ ଜୁନ୍ ୨୧ ପର୍ଯ୍ୟନ୍ତ ଚାଲିବ। ଜୁନ ୨୦ରେ ଜନତା ମଇଦାନରେ ଆୟୋଜିତ ହେବ ରାଜ୍ୟସ୍ତରୀୟ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ। ଏଥିରେ ଯୋଗହେବାକୁ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାର ଗଠନ ପରେ ଏହା ହେବ ପ୍ରଧାନମନ୍ତ୍ରୀଙ୍କ ଷଷ୍ଠ ଓଡ଼ିଶା ଗସ୍ତ। ଏହି ଅବସରରେ ରାଜ୍ୟବାସୀଙ୍କୁ ଅନେକ ବିକାଶମୂଳକ ପ୍ରକଳ୍ପ ଭେଟି ଦେବେ ମୋଦି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଭବ୍ୟ ବନାଇବା ପାଇଁ ଚଳଚଞ୍ଚଳ ବିଜେପି ଶିବିର। ପିଏମଙ୍କ ସଭାରେ ଯୋଗ ଦେବା ଲାଗି ରାଜ୍ୟବାସୀଙ୍କୁ ଭୁବନେଶ୍ୱର ଆସିବା ଲାଗି ନିମନ୍ତ୍ରଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ସରକାରଙ୍କ ବର୍ଷ ପୂର୍ତ୍ତି ଲାଗି ଜୁନ ୧୩ରେ କଟକରେ ହେବ ନାରୀ ଶକ୍ତି କାର୍ଯ୍ୟକ୍ରମ। ତଳ ବାଲିଯାତ୍ରା ପଡ଼ିଆରେ ହେବାକୁ ଥିବା ଏହି ସମାରୋହରେ ପ୍ରାୟ ୬ ହଜାର ମହିଳା ହେବେ ସାମିଲ। ଗତ ବର୍ଷେ ମଧ୍ୟରେ ମହିଳାଙ୍କ ବିକାଶ ପାଇଁ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ରାଜ୍ୟବାସୀଙ୍କୁ ଅବଗତ କରାଯିବ। ଏହି ➪ପୃଷ୍ଠା-୬

## ମାଟି ତଳେ ଯିବ ମେଟ୍ରୋ

### ପ୍ରଭାବିତ ହେବନି ରାଜଧାନୀ ସୌନ୍ଦର୍ଯ୍ୟ ସୂଚନା ଦେଲେ ପୂର୍ତ୍ତ ମନ୍ତ୍ରୀ




**ଭୁବନେଶ୍ୱର, ୮।୬ (ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ବହୁପ୍ରତୀକ୍ଷିତ ମେଟ୍ରୋ ରେଳ ପ୍ରକଳ୍ପ ସମ୍ପର୍କରେ ଆଜି ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସରକାର ସ୍ପଷ୍ଟ କରିଛନ୍ତି ଯେ ରାଜଧାନୀ ସହରରେ ଏଲିଭେଟେଡ ମେଟ୍ରୋ ରେଳ ବ୍ୟବସ୍ଥା ନୁହେଁ, ବରଂ ପ୍ରଶାସନ ଏବେ ମାଟିତଳେ ମେଟ୍ରୋ ରେଳ ନେଟୱାର୍କ ପ୍ରବର୍ତ୍ତନ ଯୋଜନା ଉପରେ କାର୍ଯ୍ୟ କରୁଛି। ଏନେଇ ଆଜି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ସମୟରେ କହିଛନ୍ତି ଯେ ବିଭିନ୍ନ ଲଜିଷ୍ଟିକ ଓ ସହରୀ ଯୋଜନା ସମ୍ବନ୍ଧୀୟ ଚିନ୍ତା ଯୋଗୁଁ ଭୁବନେଶ୍ୱର ପାଇଁ ଏଲିଭେଟେଡ ମେଟ୍ରୋ ରେଳକୁ ଗ୍ରହଣ କରାଯାଇପାରିନାହିଁ। ସହରର ଭୂଦୃଶ୍ୟ ଓ ଟ୍ରାଫିକ ଭିଡ଼ ଏଲିଭେଟେଡ ମେଟ୍ରୋ ଯୋଜନା ନେଇ ଆଗକୁ ବଢ଼ିବା ସକାଶେ ଅନୁମତି ପ୍ରଦାନ କରୁନାହିଁ। ତେଣୁ ଏବେ ମାଟିତଳେ ମେଟ୍ରୋ ରେଳ ବ୍ୟବସ୍ଥା ସହ ସରକାର ଆଗକୁ ବଢୁଛନ୍ତି। ଅବଶ୍ୟ ପ୍ରସ୍ତାବିତ ମାଟିତଳେ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ କୌଣସି ନୂଆ ରୁଟ୍ ନିର୍ଦ୍ଧାରଣ କରାଯାଇନାହିଁ। ନଗର ଉନ୍ନୟନ ବିଭାଗ ଏନେଇ ନିବେଦନ କରାଯାଇଛି ଓ ସର୍ଭେ ପାଇଁ କିଛି ସମୟ ଲାଗିବ। ସେହିପରି ଏଲିଭେଟେଡ୍ ମେଟ୍ରୋ କରିଡର ଭୁବନେଶ୍ୱର ଓ ଏହାର ଆଖପାଖର ସୌନ୍ଦର୍ଯ୍ୟକୁ ପ୍ରଭାବିତ କରିବ। ଅର୍ଥାତ୍ ରାଜଧାନୀ ଓ ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକ ସୌନ୍ଦର୍ଯ୍ୟ ଏହାଦ୍ୱାରା କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ତେଣୁ ରାଜଧାନୀର ସୌନ୍ଦର୍ଯ୍ୟକୁ ଅକ୍ଷୁଣ୍ଣ ରଖିବା ପାଇଁ ମାଟିତଳେ ମେଟ୍ରୋ ରେଳ ପ୍ରକଳ୍ପ ସପକ୍ଷରେ ନିଷ୍ପତ୍ତି ନିଆଯାଇଛି। ତେବେ ଏହା କିପରି କାର୍ଯ୍ୟକାରୀ ହେବ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କେଉଁସବୁ ସର୍ଭେ କରାଯିବ, ସେନେଇ ଆଗାମୀ ଦିନରେ ନିଷ୍ପତ୍ତି ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଗୃହ ଓ ନଗର ଉନ୍ନୟନ ବିଭାଗ ଏହି ପ୍ରକଳ୍ପ ପାଇଁ ଯୋଜନା ପ୍ରସ୍ତୁତି ଦିଗରେ ଆଗୁଆ କାର୍ଯ୍ୟ ଆରମ୍ଭ କରିଦେଇଛି। ପ୍ରସ୍ତାବିତ ମାଟିତଳେ ବ୍ୟବସ୍ଥା ପାଇଁ ସବୁଠାରୁ ଉପଯୁକ୍ତ ରୁଟ ଓ ଭିତ୍ତିଭୂମି ଆବଶ୍ୟକତା ମୂଲ୍ୟାଙ୍କନ ପାଇଁ ସମ୍ଭାବ୍ୟତା ଅଧ୍ୟୟନ ଓ ବୈଷୟିକ ବିଶେଷଜ୍ଞ ଏବଂ ହିତାଧିକାରୀଙ୍କ ସହ ପରାମର୍ଶ ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି।

### ବଢୁଛି କରୋନା ସଂକ୍ରମଣ

## ସଂକ୍ରମିତ ସଂଖ୍ୟା ୬ ହଜାର ଟପିଲା



- ଦିନକରେ ୬ ଜଣଙ୍କ ମୃତ୍ୟୁ
- ଅକ୍ସିଜେନ୍, ବେଡ୍ ଓ ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୮।୬:** ଦେଶରେ ହୁ ହୁ ହୋଇ ମାଡି ଚାଲିଛି କରୋନା। ଦିନକୁ ଦିନ ବଢୁଛି ସଂକ୍ରମିତଙ୍କ ସଂଖ୍ୟା। ବର୍ତ୍ତମାନ ଆକ୍ରାନ୍ତ ସଂଖ୍ୟା ୬ ହଜାର ଟପିଛି। ସକ୍ରିୟ ସଂକ୍ରମଣ ମାମଲା ୬ ହଜାର ୧୩୩ରେ ପହଞ୍ଚିଛି। କେରଳରେ ସର୍ବାଧିକ ମାମଲା ଚିହ୍ନଟ ହୋଇଥିବା ବେଳେ ଗୁଜରାଟରେ ୭୧୭, ଦିଲ୍ଲୀରେ ୬୬୫ ଏବଂ ମହାରାଷ୍ଟ୍ରରେ ସକ୍ରିୟ ମାମଲା ୫୭୭ ରହିଛି । ସରକାରୀ ସୂତ୍ର ଅନୁଯାୟୀ ଅଧିକାଂଶ ମାମଲା ମୃଦୁ ଏବଂ ଘରୋଇ ଯତ୍ନରେ ରହିଛନ୍ତି।

ସେହିପରି କର୍ଣ୍ଣାଟକ ଓ ଉତ୍ତରପ୍ରଦେଶରେ ଯଥାକ୍ରମେ ୪୪୪ ଏବଂ ୨୮୮ ମାମଲା ଚିହ୍ନଟ ହୋଇଥିବା ବେଳେ ତାମିଲନାଡୁରେ ୨୦୮ଟି ମାମଲା ଚିହ୍ନଟ କରିଛି ସ୍ୱାସ୍ଥ୍ୟ ବିଭାଗ । ସେହିପରି ଗତ ୨୪ ଘଣ୍ଟାରେ ଦେଶରେ ୬ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ମୋଟ ମୃତ୍ୟୁ ସଂଖ୍ୟା ୬୫ରେ ପହଞ୍ଚିଛି । ଆଇସିଏମଆର ରିପୋର୍ଟ ଅନୁଯାୟୀ ପଶ୍ଚିମ ଓ ଦକ୍ଷିଣରେ ➪ପୃଷ୍ଠା-୬

## ୧୨୪ ବର୍ଷର ରେକର୍ଡ ଭାଙ୍ଗିଲା ମେ' ବର୍ଷା



**ନୂଆଦିଲ୍ଲୀ,୮।୬:** ନିକଟରେ ଶେଷ ହୋଇଛି ଚଳିତ ବର୍ଷ ମେ' ମାସ। ସାଧାରଣତଃ ମେ'ରେ ଦେଶରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଥାଏ। କିନ୍ତୁ ଚଳିତ ବର୍ଷର ମେ' ଥିଲା ଭିନ୍ନ। କାରଣ ମାସର ୩୧ ଦିନ ମଧ୍ୟରୁ ଅଧିକାଂଶ ସମୟରେ ଖରା ନୁହେଁ, ବରଂ ବର୍ଷା ହୋଇଛି। ଅଧିକନ୍ତୁ ଗତ ମାସରେ ଯେତିକି ବର୍ଷା ହୋଇଛି, ତାହା ୧୨୪ ବର୍ଷ ମଧ୍ୟରେ ବି ହୋଇନଥିଲା। ଅର୍ଥାତ୍ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାଗାରେ ଦେଶବାସୀ ବର୍ଷାର ଅନୁଭୂତି ହାସଲ କରିଛନ୍ତି। ଅର୍ଥାତ୍ ଗତ ମାସରେ ହୋଇଥିବା ବର୍ଷା ୧୨୪ ବର୍ଷର ରେକର୍ଡକୁ ବି ଭାଙ୍ଗିଦେଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ଏକ ରିପୋର୍ଟ ଅନୁଯାୟୀ, ଗତ ମେ'ରେ ମୋଟ ୧୨୬.୭ ମିମି ବର୍ଷା ରେକର୍ଡ କରାଯାଇଛି। ଏହି ସମୟରେ କେନ୍ଦ୍ରୀୟ ଭାରତରେ ୧୦୦.୯ ମିମି ବର୍ଷା ହୋଇଛି। ଏହା ୧୯୦୧ ପରଠାରୁ ସର୍ବାଧିକ। ଅର୍ଥାତ୍ ଏହା ଏକ ଐତିହାସିକ ଋତୁକାଳୀନ ପରିବର୍ତ୍ତନ। ଗତ ଶତାବ୍ଦୀ ଆରମ୍ଭ ପରେ ଏପରି ଦେଖିବାକୁ ମିଳିଛି। ଏହା କେବଳ ବର୍ଷା ନୁହେଁ ବରଂ ପାଗର ମିଜାଜରେ ଏକ ବଡ଼ ପରିବର୍ତ୍ତନ ଥିଲା। ପୁଣି ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏବର୍ଷ ସମୟର ଯଥେଷ୍ଟ ପୂର୍ବରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଭାରତରେ ପହଞ୍ଚିଥିଲା । ଯାହା ଫଳରେ ଦକ୍ଷିଣାଞ୍ଚଳ ଓ ପୂର୍ବାଞ୍ଚଳ ଭାରତରେ ଲଗାତାର ବର୍ଷା ହୋଇଥିଲା। ଲଗାଣ ବର୍ଷା ଯୋଗୁଁ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଫସଲ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ଲୋକେ ଖରାଦିନରେ ଅଧିକାଂଶ ସମୟ ବର୍ଷାର ଅନୁଭବ ନେଇଥିଲେ। ➪ପୃଷ୍ଠା-୬

## ବର୍ଷାରେ ଭିଜିବ ରଜ

### ୧୨ରୁ ବଦଳିବ ପାଗ

**ଭୁବନେଶ୍ୱର:** ଚଳିତ ବର୍ଷର ରଜ ବର୍ଷାରେ ଭିଜିବାର ସମ୍ଭାବନା ରହିଛି। କାରଣ ଆସନ୍ତା ୧୨ ତାରିଖରୁ ରାଜ୍ୟରେ ପାଗରେ ପରିବର୍ତ୍ତନ ହେବା ସହ ରଜ ତିନିଦିନଯାକ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରଜ ସଜବାଜରୁ ଶେଷ ରଜ ପର୍ଯ୍ୟନ୍ତ ପାଗ କୋହଲା ରହିବ। ଆସନ୍ତା ସପ୍ତାହରେ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରଜ ତିନିଦିନ ଯାକ ପାଗ କୋହଲା ରହିବା ସହିତ ବର୍ଷା ହୋଇପାରେ। ସୂଚନାଯୋଗ୍ୟ ଯେ ଗତବର୍ଷ ତୁଳନାରେ ଏଥର ସଅଳ ଆସିଛି ମୌସୁମୀ। ଫଳରେ ରାଜ୍ୟରେ ଚଳିତ ବର୍ଷ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ନେଇ ଅନୁମାନ କରାଯାଉଛି।

### ଶ୍ରୀମନ୍ଦିରରେ ଅଘଟଣ

## ଭକ୍ତଙ୍କ ଉପରେ ପଡ଼ିଲା ଗରମ ଡାଲି, ୭ ଆହତ

**ପୁରୀ,୮।୬(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ପରିସରରେ ରବିବାର ଏକ ଅଘଟଣ ଘଟିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ମଧ୍ୟରୁ ୭ ଜଣ ଆହତ ହୋଇଛନ୍ତି। ସେମାନଙ୍କ ଉପରେ ଗରମ ଡାଲି ପଡ଼ିଯିବାରୁ ଏପରି ଅଘଟଣ ଘଟିଥିବା ବେଳେ ଆହତ ଭକ୍ତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନାନୁସାରେ, ଆଜି ଛୁଟିଦିନ ଥିବାରୁ ଶ୍ରୀମନ୍ଦିରରେ ଭକ୍ତମାନଙ୍କର ପ୍ରବଳ ଭିଡ଼ ଥିଲା। ତେବେ ଏହି ସମୟରେ ଭୋଗ ମଣ୍ଡପ ଉଠିବା ପରେ ଅପରାହ୍ନ ସମୟରେ ବୋଝିଆ ସେବାୟତମାନେ ଗରମ ଡାଲି ନେଇ ଯାଉଥିଲେ। କିନ୍ତୁ ଅସାବଧାନତା କାରଣରୁ ସେମାନଙ୍କ ହାତରୁ ଗରମ ଡାଲି ଖସି ପଡ଼ିଥିଲା। ଉକ୍ତ ଡାଲି ସେଠାରେ ଥିବା ଭକ୍ତମାନଙ୍କ ଉପରେ ପଡ଼ିଥିଲା। ସେମାନଙ୍କୁ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରେ ଥିବା ଜରୁରୀକାଳୀନ ସେବା କେନ୍ଦ୍ରକୁ ନିଆଯାଇଥିଲା। ଡାଲି ପଡ଼ିବାରୁ ଭକ୍ତମାନଙ୍କ ଗୋଡ଼ରେ ମୁଖ୍ୟତଃ ➪ପୃଷ୍ଠା-୬



### କାନ ଡେରିଥା

ଦେଖି ଗୁଡ଼ ହାଣ୍ଡି ପିମ୍ପୁଡି ଭଳିଆ
ବିରୋଧୀ ହାଜର ଆସି
ଭୋଟରଟା ଏବେ ବାଉଳି ହେଉଛି
ମୁରୁକି ମୁରୁକି ହସି
ହେଉଥିଲା କେତେ ଖୁସି...
ବିରୋଧ କରିଲା
ଗାଁ ଦାଣ୍ଡେ ସିଏ
ଏବେ ହେଉଅଛି ପେଷି ।

■ ଦେବାଶିଷ

## ବିଜେଡିର ଅସଲ ସୁରକ୍ଷାଦାତା କିଏ ?

- ତଦନ୍ତ ଅପେକ୍ଷାରେ ମାଳ ମାଳ ମାମଲା
- ନିରାଶ ହେବେ କି ପୀଡ଼ିତା ପରିବାର ?

ବ୍ଲାକରୋଜ




ପରୀ



ପିହୁ



ଡିଏମ୍ଏଫ୍




**ଭୁବନେଶ୍ୱର,୮।୬(ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ସରକାର ଗଠନକୁ ବର୍ଷେ ପୂରିବାକୁ ଯାଉଛି। ସରକାର ମଧ୍ୟ ବେଶ ଧୁମଧାମରେ ବର୍ଷପୂର୍ତ୍ତି ଉତ୍ସବ ପାଳିବାକୁ ଯୋଜନା କରୁଛନ୍ତି। ହେଲେ ନିର୍ବାଚନ ପୂର୍ବରୁ ଗତ ୨୪ ବର୍ଷରେ ବିଜେଡି ସରକାର ଅମଳରେ ହୋଇଥିବା କେତେକ ଚର୍ଚ୍ଚିତ ଓ ସମ୍ବେଦଶୀଳ ଘଟଣାର ତଦନ୍ତ କରିବାକୁ ଯେଉଁ ଘୋଷଣା କରିଥିଲେ ତାହା କେବଳ ଘୋଷଣାରେ ସୀମିତ ରହିଯାଇଥିବା ପରି ଲାଗୁଛି। ଯେଉଁସବୁ ଘଟଣାର ଫାଇଲ ପୁଣି ଖୋଲିବାକୁ ବିଜେପି ନେତାମାନେ ନିର୍ବାଚନ ସମୟରେ ଘୋଷଣା କରିଥିଲେ, ତାହା ନିର୍ବାଚନ ପରେ ଆଉ ପ୍ରତିଫଳିତ ହେଉନାହିଁ। ଯେଉଁଥିପାଇଁ ଲାଗୁଛି କେଉଁଠି ନା କେଉଁଠି ସରକାରରେ ବିଜେଡି ଓ ଏହାର ନେତାମାନଙ୍କୁ କିଏ ନା କିଏ ସୁରକ୍ଷା ଦେବାକୁ ଚେଷ୍ଟା କରୁଛି।

### ■ କୁଆଡେ ଗଲା ବ୍ଲାକରୋଜ ତଦନ୍ତ ?

ବିଜେଡି ସରକାରରେ କିଛି ଚର୍ଚ୍ଚିତ ଓ ବିବାଦୀୟ ଘଟଣା ମଧ୍ୟରୁ ବ୍ଲାକରୋଜ ଦୁର୍ନୀତି ଅନ୍ୟତମ। ୨୦୦୯ ସେପ୍ଟେମ୍ବର ୯ରେ ପାରାଦୀପ ବନ୍ଦର ନିକଟରୁ ପ୍ରାୟ ୫ କିମି ଦୂରରେ ଏମଭି ବ୍ଲାକରୋଜ୍ ଜାହାଜ ବୁଡ଼ିଯାଇଥିଲା। ମିଳିଥିବା ତଥ୍ୟ ଅନୁସାରେ ମଙ୍ଗୋଲୀୟ ଜାହାଜ ବେଆଇନ ଭାବେ ଏବି ମିନେରାଲ୍ସ ଓ ବବି ଦାସଙ୍କ ପରିବାରର କମ୍ପାନୀ ରେକ୍ଟର ମାଇନ୍ସର ୨୩୮୪୭ ମେଟ୍ରିକ ଟନ୍ ଲୁହାପଥର ଓ ୯୨୦ ମେଟ୍ରିକ ଟନ୍ ଫର୍ଣ୍ଣେସ ନେଇ ଚୀନ ଯାଉଥିଲା। ଏହି ଘଟଣା ସେତେବେଳେ ଅଧିକ ବିବାଦୀୟ ହେବାରୁ ରାଜ୍ୟ ସରକାର ୨୦୦୯ ଡିସେମ୍ବର ୧୭ରେ କ୍ରାଇମବ୍ରାଂଚକୁ ତଦନ୍ତ ଭାର ଦେଇଥିଲେ । ଉଭୟ ପୁଲିସ ଓ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ କରିଥିଲେ ମଧ୍ୟ କାହାରିକୁ ଗିରଫ କିମ୍ବା ଜେରା କରିନଥିଲେ। ପରେ ଏହି ମାମଲାର ସିବିଆଇ ତଦନ୍ତ ଦାବି କରି ଶଙ୍ଖନାଦ ବେହେରା ଓ ଗୁରୁପ୍ରସାଦ ମହାନ୍ତି ନାମକ ଦୁଇ ଜଣ ବ୍ୟକ୍ତି ଭିନ୍ନ ଭିନ୍ନ ମାମଲା ଓଡ଼ିଶା ହାଇକୋର୍ଟରେ ଦାଖଲ କରିଥିଲେ। କିନ୍ତୁ ସେମାନେ କୋର୍ଟରେ ବାରମ୍ବାର ଅନୁପସ୍ଥିତ ରହିବାରୁ ମାମଲା ଖାରଜ ହୋଇଯାଇଥିଲା।

୨୦୧୮ରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟ ଏହି ମାମଲାର ତଦନ୍ତ ପାଇଁ ସିବିଆଇକୁ ଅନୁରୋଧ କରିଥିଲେ। ଯାହା ଆଧାରରେ ସିବିଆଇ ୨୦୧୯ ସେପ୍ଟେମ୍ବର ୩୦ ଓ ଡିସେମ୍ବର ୯ ତାରିଖରେ ରାଜ୍ୟ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ବ୍ଲାକରୋଜ୍ ବୁଡ଼ି ମାମଲାର ତଦନ୍ତ ସଂକ୍ରାନ୍ତ ଦସ୍ତାବିଜ ଦେବାକୁ ଅନୁରୋଧ କରିଥିଲେ। କିନ୍ତୁ ରାଜ୍ୟ ସରକାର ଏଥିପ୍ରତି ସାମାନ୍ୟ ଦୃଷ୍ଟି ଦେଇନଥିଲେ। ୨୦୨୩ ଅଗଷ୍ଟ ୩୦ ତାରିଖରେ ସୂଚନା ଅଧିକାର କର୍ମୀ ଶ୍ରୀ ପ୍ରଧାନ ବ୍ଲାକରୋଜ୍ ବୁଡ଼ି ଘଟଣାର ସିବିଆଇ ତଦନ୍ତ ଦାବିରେ ଓଡ଼ିଶା ହାଇକୋର୍ଟରେ ➪ପୃଷ୍ଠା-୬



## ମୁହୂର୍ତ୍ତ

**ସନ୍ତୋଷ କୁମାର ସାହୁ**

ତିନିଟି ଅକ୍ଷର ମୁହୂର୍ତ୍ତ ନାମଟି
ବଦଳାଏ ପରିସ୍ଥିତି
କେତେବେଳେ ଆସେ
କେତେବେଳେ ଫେରେ
ନାହିଁ ତା'ର ରୀତି ଗତି..
ଆଖି ପିଛୁଳାକେ ଘଟଣା ଟା ଘଟେ
ଅଜଣା ମୁହୂର୍ତ୍ତେ ଆସି
ଦୋଷୀ ଖସିଯାଏ ନିରୀହ ମଣିଷ
ବିପଦରେ ଯାଏ ଫଶି ...
କିଛିବି ମୁହୂର୍ତ୍ତ ଜୀବନରେ ଆସେ
ଶୁଭର ସମ୍ଭାର ଧରି
କେବେ ଯେ ମୁହୂର୍ତ୍ତ ଅଫେରା
ପଥରେ
ଆଉ ନ ଆସଇ ଫେରି ...
ମୁହୂର୍ତ୍ତର ବାଖ୍ୟା ନୁଁହେତ ସହଜ
କରିବାକୁ ଉପସ୍ଥାନ
ଅସମ୍ଭବ କାର୍ଯ୍ୟା ସମ୍ଭବ ବି ହୁଏ
ମୁହୂର୍ତ୍ତ ହିଁ ବଳବାନ ....
ବେଳେବେଳେ କିଛି ମୁହୂର୍ତ୍ତ ବି
ଆଣେ
ସୁବର୍ଣ୍ଣ ସୁଯୋଗ ଖୋଜି
ଦୁଃଖ ଅବସାଦ ପଛରେ ପକେଇ
ଆନନ୍ଦରେ ଯାଏ ହଜି ....
ଧନୀ କି ଗରିବ ବୁଝେନି ମୁହୂର୍ତ୍ତ
ସମସ୍ତଙ୍କ ପାଇଁ ସମ
ସମୟ ବିଧାନ ପରିସ୍ଥିତି ସହ
ମୁହୂର୍ତ୍ତର ସମାଗମ ....
**ଗାନ୍ଧିନଗର, କୋରାପୁଟ**



## ବରଷା ଆସିଲା

**ଧୀରେନ୍ଦ୍ର ମଲ୍ଲିକ**

ଆକାଶରୁ ମେଘ ଝରିଲା
ନଈ ନାଳ ବିଲ ପୋଖରୀର ସାଥେ
ଗାଡ଼ିଆରେ ଜଳ ଭରିଲା।
ପୁଷୀ ଚୁଲି ମୂଳ ରାମ୍ଭିଲା
ବେଙ୍ଗୁଲି ନାନୀର କେଁ କଟରରେ
ସାରୁ ବୁଦା ମୂଳ କମ୍ପିଲା।
ଚଷାପୁଅ ଦେଖି ହସିଲା
ବଣ ଗଛ ଲତା ବରଷା ସକାଶେ
ସବୁଜ ସୁନ୍ଦର ଦିଶିଲା।
କଦମ୍ବ କେତକୀ ଫୁଟିଲା
ମେଘ ଉହାଡରେ ସୁରୁଜ ଦେବତା
ଆକାଶେ ବଉଦ ଘୋଟିଲା।
ଜଳଚର ଜୀବ ପାଇଲା
ଆନନ୍ଦ ମନରେ ଖେଳିକି ପାଣିରେ
ଧନ୍ୟ ଭଗବାନ କହିଲା।
ନାନା ଜାତି ଫଳ ମିଳିଲା
ରଙ୍ଗି ଆଈ ମୋର ବହୁତ ପରବ
ହରଷ ମନରେ ପାଳିଲା।
ନଦୀରେ ନଉକା ଭାସିଲା
ନଈ ସେପାରିରୁ ନୂଆ କନିଆଟେ
ଆମରି ଗାଆଁକୁ ଆସିଲା ।
ଜଗନ ଖୁସିରେ ମଜିଲା
ବରଷା ରାଣୀକୁ ଧନ୍ୟବାଦ ଦେଇ
କିଛିକ୍ଷଣ ପାଇଁ ଭିଜିଲା।।
**ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର**
**ମୋବାଇଲ୍: ୭୯୦୪୩୯୨୬୮୬**

# ବୃଦ୍ଧାଶ୍ରମ



**ପୁଷ୍ପଲତା ମିଶ୍ର**



ସରକାରଙ୍କର ଅଧସ୍ତନ କର୍ମଚାରୀ ଥିଲେ ମୋହନ ଚରଣ ମହାନ୍ତି। ମହାନ୍ତି ବାବୁ ନାମରେ ସେ ଖୁବ୍ ପରିଚିତ ଏଇ ଖଣ୍ଡ ମଣ୍ଡଳରେ, ସମସ୍ତଙ୍କର ଭଲ ମନ୍ଦ ସେ ବୁଝନ୍ତି।ପାଖ ପଡିଶା ହୁଅନ୍ତୁ କି ଦୁଃଖୀ ଦରିଦ୍ର ହୁଅନ୍ତୁ କି ଅଫିସର ଯିଏ ବି ହୁଅନ୍ତୁ ସମସ୍ତ ଙ୍କ ଭଲ ମନ୍ଦ ରେ ଠିଆ ହୁଅନ୍ତି ମୋହନ ବାବୁ। ଦୁଇ ପୁଅ ଗୋଟେ ଝିଅକୁ ନେଇ ତାଙ୍କ ପରିବାର, ପରିବାର ତ ନୁହେଁ ସୁଖୀ ପରିବାର କହିଲେ ଅତ୍ୟୁକ୍ତି ହେବ ନାହିଁ। ମୋହନ ବାବୁ ଙ୍କ ସ୍ତ୍ରୀ ମଧ ପରିବାର ଓ ପିଲା ମାନଙ୍କ ର ଯତ୍ନ ସହକାରେ ପାଠ ପଢା ରେ ମନ ନିବେଶ କରି ଥାଆନ୍ତି। କ୍ରମେ ପିଲାମାନେ ବଡ଼ ହୋଇ ଚାକିରି ବାକିରି ମଧ କରି ଗଲେ। ବଡ଼ ପୁଅ ଟି ସରକାରୀ ଅଫିସର ଝିଅ ଟି ମଧ ସରକାରୀ ଦପ୍ତର ରେ କାରିଣୀ ଚାକିରି ସବା ସାନ ପୁଅ ଟି କମ୍ପାନୀ ଚାକିରି ସେ ପୁଣି ସୁଦୂର ବାଙ୍ଗାଲୋର ରେ ......। ମୋହନ ବାବୁ ତାଙ୍କ ଜୀବନ ତମାମ ମୁଣ୍ଡ ଝାଳ ତୁଣ୍ଡରେ ମାରି ଯାହା କମେଇ ଥିଲେ ସେଥିରେ ତିନି ତିନୋଟି ପିଲା ଙ୍କ ର ବିବାହ ସାରି ଦେଲେ। ସମସ୍ତେ ସମସ୍ତଙ୍କ କର୍ମ କ୍ଷେତ୍ର ରେ। ଦୁଃଖେ ସୁଖେ ଚଳି ଯାଉଥିଲେ ମୋହନ ବାବୁ ଓ ତାଙ୍କ ଧର୍ମ ପତ୍ନୀ ପିଲା ମାନଙ୍କ ର ସୁଖ କୁ ଦେଖି। ଧିରେ ଧିରେ ପିଲା ମାନେ ଘର କୁ ଆସିବା ଭୁଲି ଗଲେ। ସେମାନଙ୍କ ର ଯେତେବେଳେ ଟଙ୍କା ର ଆବଶ୍ୟକ ପଡେ ଆସନ୍ତି ବାପା ମାଆ ଙ୍କ ପାଖକୁ ଅସୁବିଧା ର ବାହାନା କରି ଭଲରେ ଅଛୁ କହି ମୋଟା ଅଙ୍କ ର ଟଙ୍କା ନେଇ ଚାଲି ଯାଆନ୍ତି। ବୁଝନ୍ତି ନାହିଁ ବାପା ମା କେମିତି ଚଳୁଛନ୍ତି।

ମୋହନ ବାବୁ ଙ୍କ ସ୍ତ୍ରୀ ମାଳତୀ ଙ୍କ ର ଦେହ ଭୀଷଣ ଅସୁସ୍ଥ ,ମୋହନ ବାବୁ ତାଙ୍କୁ ନେଇଗଲେ ବଡ଼ ପୁଅ ପାଖକୁ ସହର ରେ ବଡ଼ ଡାକ୍ତର ଖାନା ରେ ବଡ ଡାକ୍ତର ଙ୍କୁ ଦେଖାଇଲେ ଭଲ ହେଇଯିବେ ମାଳତୀ ପୁଅ ଦାୟିତ୍ୱ ରେ ଛାଡି ମୋହନ ବାବୁ ଘରକୁ ଚାଲି ଆସିଲେ। ମୋହନ ବାବୁ ଙ୍କ ର ପୂର୍ଣ୍ଣ ବିଶ୍ୱାସ ପୁଅ ବୋହୁ ମା ର ଡାକ୍ତର ଦେଖେଇ ଯତ୍ନ ନେବେ। ପୁଅ ଡାକ୍ତର ଙ୍କୁ ଦେଖେଇବା କୁ ନେଇ ଜାଣିଲା ଯେ ଅନେକ ଟଙ୍କା ଖର୍ଚ୍ଚ ହବ ଯାଇ ତାଇ ଔଷଧ କିଣି ଆଣିଲା ପୁଅ ମାଆ ପାଇଁ .....। ଏତେ ଔଷଧ ଦେଖି ବୋହୁ ରାଗ ରେ କହିଲା ଆମେ କଣ ଏକା ହେଇଛୁ କି ବଡ଼ ପୁଅ ଦେଖି ବାପା ଛାଡ଼ି ଦେଇଗଲେ ଆଉ ତ ତାଙ୍କର ପୁଅ ଅଛନ୍ତି ସେମାନଙ୍କ ପାଖକୁ ନେଇ ଗଲେନି ? ପୁଅ ର ପାଟି ଚୁପ୍ ବୋହୁ କହିଲା ମୁଁ ଘରେ ରଖି ସେବା କରି ପାରିବି ନାହିଁ ,ତୁମେ ନିଅ ତାଙ୍କୁ ଗାଁ ରେ ଛାଡି ଆସ ନ ହେଲେ ଅନ୍ୟ କୋଉଠି ଛାଡ଼ି ଆସ। ମୁଁ ତାଙ୍କ ପାଇଁ ରାତିରେ ଶୋଇବି ପାରୁନି। ପୁଅ ବୋହୂ ଚିନ୍ତା କରି ଠିକ୍ କଲେ ଅନ୍ୟ ଭାଇ ମାନଙ୍କ ପାଖରେ ଛାଡ଼ି ହବନି। ଚିକିତ୍ସା ନ କରି ବାପା ଙ୍କ ପାଖକୁ ନେଲେ ବାପା କଣ କହିବେ ?ତେଣୁ ମା କୁ ନେଇ ବୃଦ୍ଧାଶ୍ରମ ରେ ଛାଡ଼ି ଦେଇ ଆସିବା।

ମାଆ କୁ ମେଡିକାଲ କୁ ନବାକୁ କହି ପୁଅ ବୋହୂ ନେଇ ଗଲେ ଗୋଟେ ବୃଦ୍ଧାଶ୍ରମ କୁ........। ପୁଅ କହିଲା ମା ତୁ କିଛିଦିନ ଏଇ ମେଡିକାଲ ରେ ରହିଯା ଭଲ ହେଇଗଲେ ମୁଁ ଆସି ନେଇ ଯିବି।

ମାଆ କହୁଥାଏ ପୁଅ ରେ ବାପା ଙ୍କୁ ଖବର ଦେ ସେ ଆସନ୍ତୁ ମତେ ଏକା ଏଠି ଡର ଲାଗୁଛି। ନାଇ ମାଆ ତୁ ଥା ମୁଁ ଆସିବି ମଝିରେ ମଝିରେ କହି ପୁଅ ବୋହୂ ପଳେଇ ଆସିଲେ। ଏ ସହର ଜାଗାରେ ମାଳତୀ ଦେବୀ ନିରୁପାୟ ହେଇ ପଡ଼ି ରହି ଥାଆନ୍ତି। ଦିନେ ସେଇ ବୃଦ୍ଧାଶ୍ରମ କୁ ଆସିଥାନ୍ତି ସ୍ୱେଚ୍ଛାସେବୀ ସଂଗଠନ ର କିଛି ଯୁବକ ଓ ଯୁବତୀ ରୋଷେଇ ବାସ ଚାଲି ଥାଏ। କିଛି ବୁଝିପାରୁ ନଥାଏ ମାଳତୀ ଦେବୀ। ଖାଇବା ସମୟ ରେ ଜଣେ ଯୁବକ ନିକଟ କୁ ଆସି କହିଲା ମାଆ ଆପଣ ଏଠି ? ତୁ କିଏ ପୁଅ ମୁଁ ତୋତେ ଚିହ୍ନି ପାରୁନି। ଯୁବକ ଜଣକ କହିଲା ମୁଁ ମୁରଲୀ ପ୍ରଧାନ ର ପୁଅ ରମୁ ମାଳତୀ ଦେବୀ କହିଲେ ଆରେ ତୁ ମୁରଲୀ ର ପୁଅ କେତେ ଟିକି ଟା ହେଇଥିଲୁ ଏତେ ବଡ ହୋଇଗଲୁଣି। ରମୁ କହିଲା ମତେ ଆଗ କୁହ ତୁମେ ଏଠି କ'ଣ ? ମାଳତୀ ଦେବୀ କହିଲେ ବଡ ପୁଅ ବା ଏଇ ମେଡିକାଲ ରେ ରଖି ଯାଇଛି ଭଲ ହେବା ପାଇଁ କିନ୍ତୁ ଏଠି କିଛି ଚିକିତ୍ସା ତ କରୁ ନାହାଁନ୍ତି? ରମୁ କହିଲା ଏଇଟା ମେଡିକାଲ ନୁହଁ ମାଆ ! ମୁଁ ଏବେ ଗାଁ କୁ ଯାଉଛି ବାବା ଙ୍କୁ ସବୁ କଥା କହିବି କିନ୍ତୁ ଏବେ ମୋ ସାଙ୍ଗରେ ଚାଲ ମୋ ବସା କୁ ,ବୃଦ୍ଧାଶ୍ରମ ର ମ୍ୟାନେଜର ସହ କଥା ହେଇ ରମୁ ମାଳତୀ ଦେବୀ ଙ୍କୁ ସାଙ୍ଗରେ ନେଇ ଗଲା ନିଜେ ରହୁଥିବା ବସା ଘରକୁ। ତା ପରଦିନ ରମୁ ମାଳତୀ ଦେବୀ ଙ୍କୁ ସାଙ୍ଗରେ ନେଇ ପହଁଚି ଗଲେ ମୋହନ ବାବୁ ଙ୍କ ଘରେ । ମୋହନ ବାବୁ କିଛି ବୁଝି ପାରୁ ନଥାନ୍ତି ,ମାଳତୀ ଏତେ ଝଡି ଯାଇଛନ୍ତି ଯେ ତାଙ୍କୁ ବି ଚିହ୍ନି ହେଉ ନାହିଁ। ରମୁ ସବୁ କଥା ବଖାଣି ବସିଲା ମୋହନ ବାବୁ ଙ୍କ ଆଗରେ ,ସବୁ ଶୁଣି ମୋହନ ବାବୁ ରମୁ ପାଖ ପଡୋଶୀ ଙ୍କ ଦାୟିତ୍ୱ ରେ ଛାଡି ବାହାରିଲେ ବଡ଼ ପୁଅ ଘରକୁ...।

ବଡ଼ ପୁଅ ଘର ପାଖରେ ପହଁଚି ବାହାରୁ ଥାଇ ଯାହା ଶୁଣିଲେ ମୁଣ୍ଡ ଘୁରେଇ ଦେଲା। ଘର ଭିତରେ ପୁଅ ,ବୋହୁ ଆଉ ବୋହୁର ମା ମିଶି କଥା ହଉଛନ୍ତି ବୁଢ଼ୀ ଠାରୁ ତ ଦସ୍ତଖତ ରଖିଛ ଆଉ ଗାଁ କୁ ଯାଇ ମା ର ଚିକିତ୍ସା ପାଇଁ ଦସ୍ତଖତ ଦରକାର କହି ଦସ୍ତଖତ ଆଣି ବୁଢା କୁ ବି ସେଇ ବୃଦ୍ଧାଶ୍ରମ ରେ ଛାଡି ଦିଅ। ମୋହନ ବାବୁ ଙ୍କ ଗୋଡ଼ ତଳୁ ମାଟି ଖସି ଗଲା। ପୁଅ ପାଖକୁ ଘର ଭିତରକୁ ଆଉ ଯିବେ କଣ ? ଗାଁ କୁ ଫେରି ଆସିଲେ ମୋହନ ବାବୁ ଆଉ ସମସ୍ତ ଜମି ବାଡ଼ି ବିକି ମାଳତୀ ଦେବୀ ଙ୍କୁ ଭଲ ଡାକ୍ତର ଦେଖେଇ ଭଲ କରି ଚାଲିଲେ ପୁରୀ ଜଗନ୍ନାଥ ଧାମ କୁ ଆଉ କହିଲେ ପିଲା ମାନଙ୍କ ପାଖରେ ରହିବା ମାନେ ଯଦି ବୃଦ୍ଧାଶ୍ରମ ତେବେ କଣ ପାଇଁ ଏତେ ପ୍ରହସନ ବାକି ଜୀବନ ବୃଦ୍ଧାଶ୍ରମ ଅପେକ୍ଷା କାଳିଆ ର ପାଦ ଦେଶରେ ଜୀବନ ବିତେଇବା ଯଥେଷ୍ଟ ମାତ୍ରା ରେ ଭଲ। ଜୟ ଜଗନ୍ନାଥ !ଜୟ ଜଗନ୍ନାଥ !!ଜୟ ଜଗନ୍ନାଥ !!! କହି ମୋହନ ବାବୁ ଆଉ ମାଳତୀ ଦେବୀ ପୁରୀ ଜଗନ୍ନାଥ ଧାମ କୁ ଅଭିମୁଖେ ଚାଲିଲେ।

**ଭୁବନେଶ୍ୱର, ମୋବାଇଲ୍: ୩୩୮୨୯୪୬୫୭**



## ମୋ ପରିବେଶ ମୋ ପାଇଁ ସ୍ୱର୍ଗ

**ସ୍ୱାଗତିକା ସାହୁ**

ପ୍ରେମ ତୂଳୀରେ ଅଙ୍କା ଯାଇଥିବା
ସେଇ ପରିବେଶ ତାର ପ୍ରତିଟି ବୀଜ
ବନାନୀ ପ୍ରାନ୍ତର ସ୍ୱର୍ଗୀୟ ମୂର୍ଚ୍ଛନା...
ପ୍ରକୃତିର ଦିବ୍ୟ ଅଗଣା
ଶିକ୍ତ କର୍ମ ଜ୍ଞାନରେ ପ୍ରଶସ୍ତି ଲଭେ... !
ସ୍ନେହ ଦରଦିଆ ସବୁଜ ଉପକଣ୍ଠ ତା
ଫଳ ଫୁଲେ ଭରା ବିଶ୍ୱ ବିଶାଳ
ମୃତ୍ୟୁ ଦେହରେ ପ୍ରାଣ ସଂଚାରେ...!
ନିସର୍ତ୍ତ ନିର୍ବିକଳ୍ପ ରୂପେ ଗଢି ଚାଲିଛି
ଉଦାର ମୁକ୍ତ ସ୍ୱଚ୍ଛ ବାୟୁ,ଗଗନ
ଜଳ,ଅଗ୍ନି,ମୃତିକାର ଅପ୍ରମ ଶଯ୍ୟା
କରୁଣାର ଚୌହଦି ସର୍ବତ୍ର....
ବହୁଗୁଣେ ରହସ୍ୟା ବୃତ୍ତ ଏ ପରିବେଶ
ଜୀବନ୍ୟାସ କରି ଗଢିତୋଳେ
ତା ଶୁଦ୍ଧ ପ୍ରକୃତି ଅଙ୍ଗେ....!
ମୃତ୍ୟୁଞ୍ଜୟ କରେ ସନ୍ତାନକୁ ତାର
ଅକ୍ଷୁର୍ଣ୍ଣ ସାରା ଦୁନିଆ ତା ପାଇଁ ।
କିନ୍ତୁ ବାଟହୁଡା ମଣିଷ...
ନିଜ ହସ୍ତେ ଜିହ୍ୱା ଛେଦନ ପରି
ଅବିଚାରିତ ଭାବେ
ଜଙ୍ଗଲ,ପରିବେଶକୁ
କରି ଧ୍ୱଂସ ହେଉଛି ଧ୍ୱଂସାବିମୁଖୀ
ଇତିହାସ ମୂକସାକ୍ଷୀ ....
ତା ପବିତ୍ରତାର ତୋପାଗ୍ନିରେ
ସ୍ୱାର୍ଥର ବଳୀୟାନରେ
ମୂଲ୍ୟାଙ୍କନ ହୋଇପାରେନା
ପ୍ରଣତର ସବୁଜ ଶୁଦ୍ଧ ରୂପ...!
ଆଧୁନିକତାର ପ୍ରଗତିରେ ଛନ୍ଦି
ଶୁନ୍ୟତା ଶ୍ରୀହିନ ଆଜି ପ୍ରକୃତି କୋଳ...
ଅଭାବ ମୁକ୍ତ ବାୟୁ,
ଅଭାବ ଅମ୍ଳଜାନ, ଟିକିଏ ସ୍ୱଚ୍ଛ ଜଳ...!
ବୃକ୍ଷ୍ୟାତକ ଛାୟାଟିକକ ପାଇଁ
ପଥିକଟିଏ ଆତୁର...
ବୃକ୍ଷ ବିନା ମରୁଡି,ଉତ୍କଟ ଜଳ ସମସ୍ୟା
ଫାଟୁଛି ଧାରା ହେଉଛି ବିବର୍ଣ୍ଣ ପୃଥିବୀ...
ବାର୍ଜ୍ୟ ଦୁର୍ଗନ୍ଧରେ ଅକ୍ରାମାକ୍ରା ତା ନାଶା
ଶବ୍ଦ ଶବ୍ଦର ଘୋ ଘୋ ରେ
କର୍ଣ୍ଣ ପଟଳ ଟା ଶ୍ରାବଣ ବାଧିତା....
ସ୍ୱାଭିମାନ ଆମ ପରିବେଶ
ଗଛଟିଏ ଜୀବନଟିଏ
ଚାଲ ରୋପିବା ବୀଜଟିଏ
ସଜେଇବା ବସୁଧାକୁ ସବୁଜ ଶାଢ଼ୀରେ
ଗଢ଼ିବା ସୁସ୍ଥ ଶୁଦ୍ଧତା ସ୍ୱର୍ଗୀୟ
ପରିବେଶ ।
**ଉମରକୋଟ, ନବରଙ୍ଗପୁର**



## ଝୁଲାମୁଣି

**ଡ ଚନ୍ଦ୍ରକଳା ନାୟକ**

ଭୂମିଷ୍ଠ ହେବା ଦିନରୁ
ଏଇ ଝୁଲାମୁଣି ସର୍ବଦା ସାଥୀରେ
ଧୀରେ ଧୀରେ ବଢେ ତାର ଆକାର
ଯନ୍ତ୍ରଣା, ପ୍ରେମ, ସମ୍ଭାବନା ଓ ସ୍ୱପ୍ନକୁ ନେଇ
ମିଠା ପଣରେ ସେ ବଢି ଚାଲିଲା
ହୃଷ୍ଟପୃଷ୍ଟ ବି ହେଲା ।
ମନର ଯେପରି ଗୋଟେ ଭାବ ଅଛି
ହୃଦୟର ବି ଏକ ସ୍ପନ୍ଦନ ଅଛି
ମନଟା ଯେତେ କୋମଳ
ପୁଣି ବେଳେ ବେଳେ ଶକ୍ତ
ତୁଳା ପରି ଆହୁରି ନରମ,
ପାଣି ପରି ତରଳ ପୁଣି ଧୂସର
ଅନେକ ବେଳେ ନିର୍ମମ
ଠିକ ଶାଗୁଣା ପରି ।
ନାହିଁ ନଥିବା ଗୋଟେ ଶକ୍ତ ଉଲକା
ଲୁକ୍କାୟିତ, ସିନ୍ଦୁକ ଫରୁଆରେ
ତାକୁ ପାଇବା ଭାରି କାଠିକର ପାଠ ।
ତାକୁ କିନ୍ତୁ ମୁଁ ବଡ ଯତ୍ନରେ ରଖିଛି
ସେଥିରେ ଅଛି, ମୋ ଅନ୍ତରର ଯଶ, ମାନ ଆଉ ସ୍ୱାଭିମାନ,
ପୁଣି ମାଣିଆବନ୍ଧ ଶାଢ଼ୀ, ସିଂଗ ପାନିଆ
ଖଣ୍ଡୁଆ ଜରିଲଗା ଅଳତା ଆଉ
କମକୁଟ ଶଙ୍ଖା ବି
ଏହିପରି ଅନେକ ବସ୍ତୁକୁ
ସଜାଡି ସାଇତି ରଖିଛି ମୋ ଝୁଲାମୁଣିରେ ।
ତୁ ସିନା କାହା ପାଇଁ ଅହଂର ପ୍ରତୀକ
ସାଜୁଥାଉ ପ୍ରତିଦିନ
ଭାଙ୍ଗୁଥିବା ମନର ଝରକା,
କେଉଁଦିନ ମନା ତ କରିନୁ
ରଖିବୁନି ଏତେ ସବୁ ବୋଝ
ସଜାଡି ନିଜ ଭିତରେ
ସବୁକିଛି ମୁଣ୍ଡାଇ ତୋ ଦେହରେ
ଅବିରତ ପାଇଟି କରି ଚାଲିଛୁ ଅକ୍ଳାନ୍ତରେ ।
ଯେଉଁଦିନ ଯିବି ଶ୍ମଶାନକୁ
ସେଦିନ ଖୋଲିଦେବୁ
ତୋ ଭିତରର ଅର୍ନ୍ତ ବେଦନାକୁ ହେଲେ
ସେଥିରେ କିଛି ବି ନଥିବ
ଶୂନ୍ୟଥିବ ମୋ ଝୁଲାମୁଣି
ଅପେକ୍ଷା ରଖିଥିବ ଆଉ ଏକ
ଜନ୍ମରୁ ଜନ୍ମାନ୍ତରକୁ ।
ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ , ଯାଜପୁର, ମୋବାଇଲ: ୯୪୩୭୯୫୬୭୬୭



## ଜନନୀ

**ଅପରାଜିତା ହୋତା**

କିଛି ଗୋପନ ଆଶ୍ୱସ୍ତି, କିଛି ପ୍ରଶଂସା ପ୍ରଶସ୍ତି
ଉତଫୁଲିତ ଉଜ୍ଜୀବିତ ନୟନେ ବିରାଜେ
ଗର୍ଭଗୃହେ ଶକ୍ତିମୟି ମୁକୁତାଟେ ଉଙ୍କିଚାହେଁ।
ସଜନେ ନିତ୍ୟଦୋଳି ଖେଳେ ପଦ୍ମପାଖୁଡାରେ
ଅଳସବିଳାସ ତେଜି ନବଚେତନା ଜାଗୃତି ନିଏ
ବିନ୍ଦୁଏ ପିୟୁଷ ଲାଗି ଉଜାଗର ଦିବାନିଶି
ସକଳ ସମର୍ପିଦେଇ ଅନାଏ ରଙ୍ଗ ଅଧରେ
ହୁଏ ନିମଗ୍ନ ଯୋଗନିଦ୍ରାରେ, ମୁରୁଛି ରୂପଲାବଣ୍ୟ
ଲଂଘିବାର ଲକ୍ଷ୍ୟନେଇ ଜନ୍ମ ମୃତ୍ୟୁ ବ୍ୟବଧାନ
ଜୀବନ୍ୟାସେ ମହମ ପିତୁଳାଟିର, କୁଆଁ କୁଆଁ ଶୁଭେ।
କ୍ଷତସବୁ ଫିକାଫିକା ଅଥବା ଅଦେଖା।
ସୀମାହୀନ ଆନନ୍ଦରେ ଅଶ୍ରୁ ଝରିଯାଏ
ଅନନ୍ତ ତୃପ୍ତିରେ ନାରୀଟି ଜନନୀ ପାଲଟିଯାଏ।



**ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ**

# ସାହିତ୍ୟରେ ଅସହିଷ୍ଣୁତା

ପ୍ରସିଦ୍ଧ ଇଂରାଜୀ କବି ୱିଲିଅମ ବ୍ଲେକ୍ 'ଏ ପଏଜନ ଟ୍ରି' ନାମକ ଏକ ଚମତ୍କାର କବିତା ଲେଖିଥିଲେ। କବିତାର ନାୟକ ନିଜର ଶତ୍ରୁ ପ୍ରତି ଈର୍ଷା ଓ ଅସହିଷ୍ଣୁତାର ବୀଜଟିଏ ମନରେ ପାଳି ରଖେ। ତାର ଯତ୍ନରେ ଏହା ଡାଳ ପତ୍ର ମେଲି ଏକ ଦ୍ରୁମରେ ପରିବର୍ତ୍ତିତ ହୁଏ, ଫଳ ଧରେ। ଏହି ଫଳକୁ ଖାଇ ଦିନେ ଶତ୍ରୁ ମରି ଶୁଏ। ଏହି କବିତାକୁ ସାଙ୍କେତିକ ଭାବରେ ଦେଖିଲେ ଏହି ଶତ୍ରୁ ମଧ ଆମ ମନର ଉତ୍ପତ୍ତି। ଆମର ଶତ୍ରୁ ଭାବନାଟି ଶେଷରେ ଆମକୁ ହିଁ ଖାଇ ଯାଏ। ଜଣେ ଶତ୍ରୁ ହେବା ଓ ଜଣଙ୍କୁ ଶତ୍ରୁ ବୋଲି ଭାବି ନେବା ଭିତରେ ଥାଏ ଅନେକ ପ୍ରଭେଦ। ତାହା ହିଁ ବିଷ ଫଳ ପରି କାୟା ମେଲି ଥାଏ ଆମ ଭିତରେ। ଆମେ ନିଜର ଅସହାୟତା, ହତାଶବୋଧ ଓ ଅସଫଳତାକୁ ମଞ୍ଜି କରି ଫଳ ଟିଏ ଫଳାଉ ଓ ତାକୁ ଅନ୍ୟକୁ ଖାଇବାକୁ ବାଧ କରୁ। ସେ ଆମର ଶତ୍ରୁ ନୁହେଁ, କିନ୍ତୁ ତାର ସଫଳତାକୁ ଆମେ ଆମର ଶତ୍ରୁ ବୋଲି ଭାବି ନେଉ।

ଗୋଟିଏ ଭଲ ବହିର ତରବରିଆ ଆଲୋଚନା ଏହାର ଅବମୂଲ୍ୟାୟନ। ମୁଁ ଅନୁଭବ କରେ ପ୍ରତ୍ୟେକ ଚରିତ୍ରର ଏକ ପ୍ରାଣଶକ୍ତି ଥାଏ। ଯାହା ସଚରାଚର ଲେଖକେଇ ନେଉଥାଏ ତାର ଯାତ୍ରାର କାହାଣୀ। ଏହା ସେହି ଈଶ୍ୱରୀୟ ସତ୍ତା, ଯାହା ଲେଖକର ଚେତନାକୁ ଚରିତ୍ର ସହ ଯୋଡ଼ି ରଖେ। ଲେଖକ ନିମିତ୍ତ ମାତ୍ର। ମୋର ଏହି ନିଜସ୍ୱ ମତକୁ ଜଣେ ବରିଷ୍ଠ କବି ଅପରିପକ୍ୱ ଓ ହାସ୍ୟାସ୍ପଦ ବୋଲି ଆଖ୍ୟା ଦେଲେ । ଏହା ମତେ କୌଣସି ମାତ୍ରାରେ ପ୍ରଭାବିତ କରି ନାହିଁ। କାରଣ ଆଜିର ସମାଜରେ ଆମ ସମସ୍ତଙ୍କ ଚେତନା ତନ୍ଦ୍ରାଗ୍ରସ୍ତ। ଈର୍ଷା, ପରଶ୍ରୀକାତରତା, ନିଜସ୍ୱ ଅହଙ୍କାରର ତନ୍ଦ୍ରାରେ ଆମେ ଏତେ ନିମଗ୍ନ ଯେ କିଛି ସକାରାତ୍ମକ ମନ୍ତବ୍ୟ ଦେବା ବେଳେ ଆମେ ସହଜ ହେଇପାରୁ ନାହିଁ। ଜଣେ ସତ୍ ଲେଖକ ଯେ ଈଶ୍ୱରୀୟ ଆଶୀର୍ବାଦପ୍ରାପ୍ତ, ଏଥିରେ ଈର୍ଷା କରିବାର କିଛି ନାହିଁ। ତନ୍ଦ୍ରାରୁ ବାହାରି ଉଦ୍ଭାସିତ ଆଲୋକ ଆଡ଼କୁ ଆମର ଯାତ୍ରା ପଥ ହେବା ଉଚିତ୍, ଏତିକି କାମନା ମଧ ଆମେ କରୁ ନାହାନ୍ତି।

କିଛି ଦିନ ହେବ ଓଡିଆ ସାହିତ୍ୟରେ ବରିଷ୍ଠ କନିଷ୍ଠ କଳି ସାମାଜିକ ଗଣମାଧମରେ ବେଶ୍ ରୋଚକ ହେଉଛି। ଏଡ଼େ ଈର୍ଷା, ଅସହିଷ୍ଣୁତା କଣ ପାଇଁ? ଓଡ଼ିଆ କଙ୍କଡା ଗୁଣ ସାହିତ୍ୟରେ ବେଶି। ଗୋଟେ ନୂଆ ପିଲା ଯଦି ଆଉ କେଉଁ ବରିଷ୍ଠକୁ ଭଲ କହିଲା, ତାକୁ ଏମାନେ କହିବେ, ଅମୁକ ? ଲେଖା ଲେଖି କରେ? ମୁଁ କାଇଁ ଜାଣେନି। ଯେମିତି ତୁମେ ଜାଣିଚ ବୋଲି କହିଥିଲେ ତାର ନ ମିଳୁଥିବା ବହି ସବୁ ବିକ୍ରି ହେଇ ଯାଇ ଥାଆନ୍ତା! ଯେଉଁ ମଧମ ବର୍ଗ ଏବେ କନିଷ୍ଠ ମାନଙ୍କ ଯୋଗ୍ୟତା ନେଇ ପ୍ରଶ୍ନ କରୁଛନ୍ତି ସେମାନେ ତାଙ୍କ ବରିଷ୍ଠଙ୍କ ପାଇଁ କଣ ସବୁ କରିଛନ୍ତି ଭାବିବା ଉଚିତ୍। ସେମାନଙ୍କ ବରିଷ୍ଠ ସେମାନଙ୍କୁ କେତେ ଚିହ୍ନୁ ଥିଲେ ବା ଆଗକୁ ଆଣୁଥିଲେ ତାହା ମଧ ଭାବିବାର ବିଷୟ। ପୀଢ଼ିଗତ ପାର୍ଥକ୍ୟ ରହିଥିଲା ଓ ରହିବ।

ଅନେକ ଯୁବ କବି ଫେସ୍ ବୁକ୍‌କୁ ସାହିତ୍ୟର ପରୀକ୍ଷଣ ବୋଲି ଭାବନ୍ତି। ସେ ବି ଭଲ। ପ୍ରକାଶନ ଝାମେଲାରୁ ମୁକ୍ତ। ଯାହା କିଛି ପରିଚୟ ମିଳିଲା ମିଳିଲା। ଅନ୍ତତଃ ଯେତେ ଦିନ ଯାଏଁ ଭାରତରେ ଫେସ୍ ବୁକ୍ ଚାଲିଚି, ସେତେ ଯାଏଁ ଫେସବୁକୀୟ ସମର୍ଥନ ଜାରି ରହିବ। ତେବେ ଏଠି ଧୂଆ ମୂଳା ଅଧୂଆ ମୂଳା ସମାନ। ଏହା ବିଶେଷ ଭାବରେ କବିତାମୟ। ଓଡ଼ିଆରେ ଦୀର୍ଘ କଥା ବସ୍ତୁ ଟାଇପ ନ କରି ପାରିବା, କାଗଜ କଲମରେ ଅଭ୍ୟସ୍ତ ଥିବା ସାହିତ୍ୟିକ ଏଥିରେ ଅନ୍ତର୍ଭୁକ୍ତ। ସେ ଯାହହେଉ ନା କାହିଁକି, ଆମ ପରି ପାଠକ, ଯିଏ ବହି ଖଣ୍ଡିଏ ଧରି ଚା କପ୍ର ମଜା ନିଅନ୍ତି କିମ୍ବା ଉପନ୍ୟାସର ସୁଅରେ ଭସାଇ ଦିଅନ୍ତି ଅଳସ ଅପରାହ୍ନ ସବୁ, ତାଙ୍କ ପାଇଁ ଫେସ୍ ବୁକ୍ ଏକ ଆଶ୍ୱାସନା ନୁହେଁ। ଅଧା ଖଣ୍ଡିଆ ଗପ, ଫାଳେ କବିତା, ବୋଝେ ଫୋଟୋ, ଅନାବନା ରିଲ୍ ରେ ଭର୍ତ୍ତି ଫେସ୍ ବୁକ୍ । ସାହିତ୍ୟ ଚର୍ଚ୍ଚା ନାଁ ରେ ଗୋଡ଼ ଟଣା ଟଣି। ଆହୁରି ହସ ଲାଗେ, ଯେତେ ବେଳେ କେହିଁ ଜଣେ ସମ୍ପାଦକ ଆଉ ସାହିତ୍ୟିକଙ୍କୁ ଉଚ୍ଚ ପ୍ରଶଂସା କରି ଫେସ ବୁକ୍‌ରେ ଭାବ ବିହ୍ୱଳ ହୋଇ ଯାଆନ୍ତି। କହିବା ବାହୁଲ୍ୟ, ଦିନେ ସେ ସେମାନଙ୍କୁ ଚରିତ୍ରହୀନ କହି ତାଙ୍କ ସମ୍ପାଦିତ ପତ୍ରିକାକୁ ଲେଖା ନ ପଠେଇବାକୁ ପ୍ରବର୍ତ୍ତାଉଥିଲେ। ଫେସ ବୁକ୍ ଆଉ ଯାହା ଶିଖାଉ ନ ଶିଖାଉ, ମଣିଷର ବିବିଧ ଚରିତ୍ର କିନ୍ତୁ ଶିଖାଇ ଚାଲି ଥାଏ। ଏଠି ପାଞ୍ଚ ଜଣ ପରସ୍ପର ନାଁରେ କୁତ୍ସରଟନା କରିସାରି ପୁଣି ସାଙ୍ଗ ହୋଇ ଗଙ୍ଗାରେ ବୁଡ଼ ପକାନ୍ତି। ପରସ୍ପରକୁ ଅନ୍ୟ ପାଖରେ ଖରାପ୍ କରାଇ ପୁଣି ନିଜେ ମିଶି ଯାଆନ୍ତି। ଏହି ସାହିତ୍ୟିକ ସାହିତ୍ୟିକା ମାନଙ୍କୁ ଦେଖିଲେ ପ୍ରକୃତରେ ଭାବନା ଆସେ, ମଣିଷ ତେବେ ନିଜ ଚେତନାକୁ ଉର୍ଦ୍ଧ୍ୱ ମୁଖୀ କରିଚି କେବଳ କଥା ଓ କବିତାରେ। ଚରିତ୍ର ତାହାର ପୂର୍ବବତ ରହି ଥାଏ। ମୃତ୍ୟୁ ପର୍ଯ୍ୟନ୍ତ।

ଭାରି ଦୁଃଖ ସତେ ଓଡିଆ ସାହିତ୍ୟର। ବିଗତ ବର୍ଷମାନଙ୍କରେ କଣ ନୂଆ ବହି ଆସିଛି, କେଉଁଥିରେ କଣ ଅଛି ଆମେ ପଢନ୍ତି କି? ତେବେ ନୂଆ ଲେଖକଟିଏ ଯୋଗ୍ୟ କି ଅଯୋଗ୍ୟ ଆମେ କିପରି କହି ପାରିବା? ନୂଆ ମାନେ ଆଗେଇଲେ। ସେଥିରେ ଆମେ ଅସହିଷ୍ଣୁ ହେବାର କିଛି ନାହିଁ। ସାହିତ୍ୟ ପାଇଁ କିଛି ନୂଆ ହେଲେ ଆମେ ତ ଖୁସି ହେବା କଥା। ପ୍ରକୃତ କଥା ହେଉଛି ଆମ ନିଜ ଭିତରର ନକାରାତ୍ମକତା।ଯାହା ହୃଦୟକୁ ବିଚଳିତ କରେ, ଆନ୍ଦୋଳିତ କରେ, ଦୁଃଖରେ ମ୍ରିୟମାଣ କରେ, ଅନ୍ୟର କ୍ଷତି କରିବାକୁ ଉସୁକାଏ, ଅନ୍ୟର ଦୁଃଖ ଦେଖି ଆନନ୍ଦିତ ହୁଏ, ତାହା ହିଁ ନକରାତ୍ମକତା। ଯାହାର ଉପସ୍ଥିତିରେ ଚତୁର୍ଦ୍ଦିଗ ଆଲୋକିତ ହୁଏ, ଉଲ୍ଲାସରେ ହୃଦୟ ଅଭିମନ୍ତ୍ରିତ ହୁଏ, ଫୁଲ ଫୁଟେ, ମଳୟ ବହେ, ଖୁସି ଖୁସି ଲାଗେ, ତାହା ହିଁ ସକରାତ୍ମକତା। ସକରାତ୍ମକ ଭାବରେ ଅନ୍ୟକୁ ଗ୍ରହଣ କଲେ ଆମର ଗ୍ରହଣୀୟତା ରହିବ, ନଚେତ୍ ଆମେ ମଧ ସମୟ ଦ୍ୱାରା ପାଛୁଡ଼ି ହୋଇ ଅଗାଡ଼ି ପାଲଟି ଯିବା।

**ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**
**ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪**

ଅନେକ ଯୁବ କବି ଫେସ୍ ବୁକ୍ କୁ ସାହିତ୍ୟର ପରୀକ୍ଷଣ ବୋଲି ଭାବନ୍ତି। ସେ ବି ଭଲ। ପ୍ରକାଶନ ଝାମେଲାରୁ ମୁକ୍ତ। ଯାହା କିଛି ପରିଚୟ ମିଳିଲା ମିଳିଲା। ଅନ୍ତତଃ ଯେତେ ଦିନ ଯାଏଁ ଭାରତରେ ଫେସ୍ ବୁକ୍ ଚାଲିଚି, ସେତେ ଯାଏଁ ଫେସବୁକୀୟ ସମର୍ଥନ ଜାରି ରହିବା। ତେବେ ଏଠି ଧୂଆ ମୂଳା ଅଧୂଆ ମୂଳା ସମାନ।



# ରାଜଧାନୀରେ ୩୦ ଜିଲ୍ଲା ପାଇଁ ଅତିଥି ଭବନ

● ସୂଚନା ଦେଲେ ରାଜସ୍ୱ ମନ୍ତ୍ରୀ
● ଉପକୃତ ହେବେ କାମରେ ଆସୁଥିବା ଲୋକେ

ଭୁବନେଶ୍ୱର,୮।୬(ସଂଚାର ବ୍ୟୁରୋ): ଓଡ଼ିଶା ରାଜଧାନୀକୁ ବିଭିନ୍ନ ଉଦ୍ଦେଶ୍ୟରେ ଆସୁଥିବା ଲୋକଙ୍କ ପାଇଁ ସୁଲଭ ବାସସ୍ଥାନ ଯୋଗାଇବା ନିମନ୍ତେ ରାଜ୍ୟ ସରକାର ଭୁବନେଶ୍ୱରରେ ୩୦ଟି ଅତିଥି ଭବନ ନିର୍ମାଣ କରିବ। ରବିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହା ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ସମସ୍ତ ୩୦ଟି ଜିଲାର ଲୋକଙ୍କ ପାଇଁ ପୃଥକ ଅତିଥି ଭବନ ନିର୍ମାଣ କରିବେ। ପ୍ରତ୍ୟେକ ଅତିଥି ଭବନରେ ୧୦୦ଟି କୋଠରୀ ରହିବ, ଯାହା ସ୍ୱାସ୍ଥ୍ୟ ସେବା କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟରେ ରାଜଧାନୀକୁ ଆସୁଥିବା ଲୋକଙ୍କ ପାଇଁ ଉଦ୍ଦିଷ୍ଟ ହେବ, ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ଏହି ଲୋକମାନେ ପ୍ରାୟତଃ ରାଜଧାନୀରେ ସ୍ୱଳ୍ପ ସମୟ ରହିବା ପାଇଁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। କେତେକ ସମୟରେ ସେମାନେ ହୋଟେଲ ଓ ଲଜରେ ବାସସ୍ଥାନ ପାଇଁ ବହୁତ ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟ ହୁଅନ୍ତି। ୩୦ଟି ଅତିଥି ଭବନ ନିର୍ମାଣ ସହିତ ଏହି ସମସ୍ୟାଗୁଡ଼ିକର ସମାଧାନ ହେବ ସେ କହିଛନ୍ତି। ରାଜ୍ୟ ସରକାର ପ୍ରତ୍ୟେକ ଜିଲା ପାଇଁ ଏକ ଅତିଥି ଭବନ ନିର୍ମାଣ କରିବ। ପ୍ରତ୍ୟେକ ଅତିଥି ଭବନର ନାମ ଏକ ଜିଲ୍ଲାର ନାମାନୁଷାରେ ରଖାଯିବ, ବୋଲି ପୂଜାରୀ ପ୍ରକାଶ କରିଛନ୍ତି। "ଏହି ଅତିଥି ଭବନଗୁଡ଼ିକରେ ମୋଟ ୩ ହଜାର କୋଠରୀ ରହିବ। ଯାହା ରାଜ୍ୟର ଦୂରଦୂରାନ୍ତରୁ ବିଭିନ୍ନ ସେବା ଗ୍ରହଣ କରିବା ପାଇଁ ରାଜଧାନୀକୁ ଆସୁଥିବା ଲୋକଙ୍କ ପାଇଁ ଉପଲବ୍ଧ ହେବ," ସେ କହିଛନ୍ତି।

# ଭୁବନେଶ୍ୱରରେ ହେବ ଓଡ଼ିଶା ମଣ୍ଡପ



ଭୁବନେଶ୍ୱର,୮।୬(ସଂଚାର ବ୍ୟୁରୋ): ରାଜ୍ୟର ଭିତ୍ତିଭୂମିକୁ ଆଧୁନିକୀକରଣ ଦିଗରେ ଏକ ବଡ଼ ପଦକ୍ଷେପ ନେଇ ଓଡ଼ିଶା ସରକାର ଆଧୁନିକ ସ୍ଥାପତ୍ୟ ଢାଞ୍ଚାରେ ଲୋକସେବା ଭବନ ଓ ଓଡ଼ିଶା ବିଧାନସଭା ପାଇଁ ନୂତନ ଭବନ ନିର୍ମାଣର ମହତ୍ୱାକାଂକ୍ଷୀ ଯୋଜନା ଘୋଷଣା କରିଛନ୍ତି। ଏଥିସହିତ ବିଦ୍ୟମାନ ପ୍ରଶାସନିକ କୋଠାଗୁଡ଼ିକୁ ନୂତନ ଡିଜାଇନ ଓ ରୂପାନ୍ତରଣ ପାଇଁ ସମୀକ୍ଷା କରାଯାଉଛି ବୋଲି ଲୋକ ନିର୍ମାଣ ବିଭାଗ (ପିଡବ୍ଲ୍ୟୁଡି) ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରବିବାର ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ଆମେ ଲୋକସେବା ଭବନ ଓ ବିଧାନସଭାର ବିଦ୍ୟମାନ ଭବନଗୁଡ଼ିକୁ ବିକାଶଶୀଳ ପ୍ରଶାସନ ଓ ସୌନ୍ଦର୍ଯ୍ୟବୋଧର ଆବଶ୍ୟକତା ଅନୁଯାୟୀ କିପରି ପୁନର୍ଗଠନ କରାଯାଇ ପାରିବ, ତାହା ମୂଲ୍ୟାଙ୍କନ କରୁଛୁ। ଏକ ନୂତନ ଗଠନ ଖସଡ଼ା ବିଚାରାଧୀନ ଅଛି। ଏଥିସହିତ ରାଜ୍ୟର ଦୀର୍ଘମିଆଦୀ ଭିତ୍ତିଭୂମି ଦୃଷ୍ଟିକୋଣର ଅଂଶସ୍ୱରୂପ ଭୁବନେଶ୍ୱରରେ ଏକ ବିଶ୍ୱସ୍ତରୀୟ ଓଡ଼ିଶା ମଣ୍ଡପନିର୍ମାଣ କରାଯିବ। ଓଡ଼ିଶା ମଣ୍ଡପ ପାଇଁ ରାଜଧାନୀର ଚନ୍ଦ୍ରଶେଖରପୁରରେ ଏକ ଉପଯୁକ୍ତ ସ୍ଥାନ ଚିହ୍ନଟ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ବିଶ୍ୱ ମାନଦଣ୍ଡ ଅନୁଯାୟୀ ଡିଜାଇନ କରାଯାଉଥିବା ଓଡ଼ିଶା ମଣ୍ଡପରେ ଅତ୍ୟାଧୁନିକ ବୋର୍ଡ ରୁମ ଓ ୧୦ ହଜାରରୁ ଅଧିକ ଆସନ କ୍ଷମତା ସହ ଏକ ମୁଖ୍ୟ ସମ୍ମିଳନୀ ହଲ ରହିବ। ଏହା ବୃହତ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ ପାଇଁ ବ୍ୟବହାର କରାଯିବ। ଏହା ଓଡ଼ିଶାକୁ ବୃହତ ସମାବେଶ ଓ କୂଟନୀତି ପାଇଁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବ।

## ବଦଳିବ ଲୋକସେବା ଭବନ ଓ ବିଧାନସଭା ଢାଞ୍ଚା



ସେହିପରି ଲୋକସେବା ଭବନ ଓ ବିଧାନସଭାର ରୂପରେଖ ବଦଳଯିବ ବୋଲି ମଧ୍ୟ ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ଖୁବ୍‌ଶୀଘ୍ର ନୂଆ ଢାଞ୍ଚାରେ ତିଆରି ହେବ ଲୋକସେବା ଭବନ ଓ ବିଧାନସଭା କୋଠା। ପୁରୁଣା କୋଠାର ରୂପରେଖ ବଦଳାଯିବା ନେଇ ବିଚାର ଚାଲିଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

# ଜ୍ୱାଇଁ ଜାଳିଦେଲା ଜାଲ

## ୯ ଲକ୍ଷ ଟଙ୍କାର କ୍ଷତି ସହିଲେ ଶ୍ୱଶୁର

ବାଲେଶ୍ୱର,୮।୬(ସଂଚାର ବ୍ୟୁରୋ): ଶ୍ୱଶୁର ଉପରେ ରାଗ ଶୁଝାଇଛି ଜ୍ୱାଇଁ। ରାଗ ତମତମ ହୋଇ ୯ ଲକ୍ଷ ଟଙ୍କାର ମାଛଧରା ଜାଲକୁ ନିଆଁ ଲଗାଇ ପୋଡ଼ିଦେଇଥିବା ଅଭିଯୋଗ ହୋଇଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଜାରି ରଖିଛି। ପରିବାରର ସୁରକ୍ଷା ପାଇଁ ତୁରନ୍ତ ଜ୍ୱାଇଁଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଶ୍ୱଶୁର ଦାବି କରିଛନ୍ତି। ମିଳିଥିବା ସୂଚନାନୁଯାୟୀ, ଭୋଗରାଇ ନାରାୟଣ ମହାରି ପଢ଼ିଆ ପଞ୍ଚାୟତ ଅଧୀନ କୀର୍ତ୍ତନିଆ କାଳପାଳି ଗାଁର ଅରବିନ୍ଦ ବେହେରା ତାଙ୍କ ଜ୍ୱାଇଁଙ୍କ ବିରୋଧରେ ଜାଲ ପୋଡ଼ିଦେଇଥିବା ଅଭିଯୋଗ ଆଣିଛନ୍ତି। ତାଙ୍କ ଦ୍ୱିତୀୟ କନ୍ୟା ଲୀଳା ୬ ବର୍ଷ ପୂର୍ବେ କମର୍ଦ୍ଧ୍ୟ ଥାନ୍ୟ ଅଧୀନସ୍ଥ କଣ୍ଟାବାଣୀ ଗାଁର ମୁରଲୀ ଭୂୟାଁଙ୍କ ପୁଅ ଗୋବିନ୍ଦଙ୍କୁ ବିବାହ କରିଥିଲେ। ମାତ୍ର ୪ ମାସ ତଳେ ଶାଶୂଘରର ଲୋକ ଲୀଳାଙ୍କୁ ମାରପିଟ କରିବା ସହ ମରଣାନ୍ତକ ଆକ୍ରମଣ କରଥିଲେ। ତେଣୁ ୩ ବର୍ଷର ଝିଅକୁ ଧରି ଲୀଳା ବାପଘରକୁ ପଳାଇ ଆସିଥିଲେ। କିନ୍ତୁ କିଛିଦିନ ପରେ ତାଙ୍କ ଶାଶୂ ଓ ଜ୍ୱାଇଁ ଆସି ଆଉ ନିର୍ଯାତନା ଦେବେ ନାହିଁ ବୋଲି କହି ଲୀଳାଙ୍କୁ ଘରକୁ ନେଇଯାଇଥିଲେ। କିନ୍ତୁ ୧୦ ଦିନ ପରେ ଲୀଳା ଶାଶୂ ଘରୁ ନିଖୋଜ ହୋଇଯାଇଛନ୍ତି।

ନିକଟରେ ଜ୍ୱାଇଁ ଓ ତାଙ୍କର ୩/୪ ଜଣ ସାଙ୍ଗ କୀର୍ତନିଆ ମତ୍ସ୍ୟ ଅବତରଣ କେନ୍ଦ୍ର ନିକଟରେ ବୁଲାବୁଲି କରୁଥିବାର ତାଙ୍କ ଶ୍ୱଶୁର ଦେଖିବାକୁ ପାଇଥିଲେ। ରାତି ପ୍ରାୟ ୧୨ଟା ସମୟରେ ସେମାନେ ମାରଣାସ୍ତ୍ର ଧରି ଘରର ଗ୍ରୀଲ ଖୋଲିବାକୁ କହିବା ସହ ଜୀବନରେ ମାରିଦେବାର ଧମକ ଦେଇଥିଲେ। କିନ୍ତୁ ପରିବାର ଲୋକେ କେହି ବି ବାହାରକୁ ନ ଆସିବାରୁ ଜ୍ୱାଇଁ ଓ ତାଙ୍କର ସହଯୋଗୀମାନେ ଘର ଆଗରେ ଗଛ ମୂଳେ ଥିବା ୮ କ୍ୱିଣ୍ଟାଲ୍‌ର ମାଛଧରା ଜାଲରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ପାଖାପାଖି ୯ ଲକ୍ଷ ଟଙ୍କାର ଉକ୍ତ ଜାଲ ଆଖି ଆଗରେ ପୋଡ଼ିଯାଇଥିଲେ ମଧ୍ୟ ଶ୍ରୀ ବେହେରା ଜୀବନ ପ୍ରତି ବିପଦ ଥିବା ଭୟରେ ବାହାରକୁ ଆସିନଥିଲେ। ତେବେ ପଡୋଶୀମାନେ ଘରୁ ବାହାରକୁ ଆସିବା କ୍ଷଣି ଜ୍ୱାଇଁ ଓ ତାଙ୍କ ସହଯୋଗୀମାନେ ସେଠାରୁ ଖସି ପଳାଇଥିଲେ। ଏନେଇ ଶ୍ରୀ ବେହେରା ଭୋଗରାଇ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ଶିଳ୍ପାୟନ ସ୍ଥିତି ନେଇ ସରକାରଙ୍କୁ ବିଜେଡିର ଟାର୍ଗେଟ୍



ଭୁବନେଶ୍ୱର,୮।୬(ସଂଚାର ବ୍ୟୁରୋ): ଗତ ବର୍ଷେ ମଧ୍ୟରେ ଓଡ଼ିଶାର ଶିଳ୍ପାୟନ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ପରିସଂଖ୍ୟାନ ବାସ୍ତବତାଠାରୁ ବହୁ ଦୂରରେ। ଡବଲ ଇଞ୍ଜିନ ସରକାରରେ ରାଜ୍ୟର ଶିଳ୍ପାୟନ ସ୍ଥିତି ବେଶ୍ ନୈରାଶ୍ୟଜନକ ବୋଲି ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେଲିନ୍ ମହାନ୍ତି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ୨୦୨୩-୨୪ରେ ଶ୍ରେଷ୍ଠ ନିବେଶଯୋଗ୍ୟ ରାଜ୍ୟ ଭାବେ କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରାଳୟ ପକ୍ଷରୁ ଏବଂ ୨୦୨୨-୨୨ରେ ଦ୍ୱିତୀୟ ସର୍ବାଧିକ ନିବେଶ ଆକୃଷ୍ଟକାରୀ ରାଜ୍ୟ ଭାବେ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା। ଏହାଛଡ଼ା ଏମ୍ଏସ୍ଏମ୍ଇ କ୍ଷେତ୍ରରେ ୨୦୨୩-୨୪ରେ ଶ୍ରେଷ୍ଠ ରାଜ୍ୟ ଭାବେ ଓଡ଼ିଶା ପୁରସ୍କୃତ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ସ୍ୱଚ୍ଛ ନୀତି ଯୋଗୁଁ ଓଡ଼ିଶା ଇସ୍ପାତ ଉତ୍ପାଦନରେ ୧୫ ଗୁଣା, ସିମେଣ୍ଟରେ ୨୨ ଗୁଣା, ଆଲୁମିନିୟମରେ ସାଢ଼େ ୭ ଗୁଣା ଓ ଶକ୍ତି ଉତ୍ପାଦନରେ ସାଢ଼େ ୩ ଗୁଣା ଅଭିବୃଦ୍ଧି ହାସଲ କରିପାରିଥିଲା। କିନ୍ତୁ ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର ଆସିବା ପରଠାରୁ ବର୍ଷକ ମଧ୍ୟରେ ଓଡ଼ିଶା ପ୍ରତି ନିବେଶକଙ୍କ ଆସ୍ଥା ଓ ଭରସା କମିଯାଉଥିବା ଲକ୍ଷ୍ୟ କରାଯାଉଛି। ୪୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ କଟକର ନରାଜଠାରେ ପ୍ରତିଷ୍ଠା ହେବାକୁ ଥିବା ଜେଏସ୍‌ଡବ୍ଲ୍ୟୁର ବୈଦ୍ୟୁତିକ ଯାନ ଓ ବ୍ୟାଟେରୀ ଉତ୍ପାଦନ ପ୍ରକଳ୍ପ ଏବେ ମହାରାଷ୍ଟ୍ରମୁହାଁ। କେନ୍ଦ୍ରାପଡ଼ା ଜିଲ୍ଲାରେ ହେବାକୁ ଥିବା ଆର୍ସେଲର୍ ମିତ୍ତଲ-ନିପ୍ପନ ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପ ଆନ୍ଧ୍ରକୁ ଚାଲିଯିବା ଏକପ୍ରକାର ନିଶ୍ଚିତ। ବିଜେଡି ସରକାର ସମୟରେ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱ ଉପରେ ଭରସା କରି ଅନେକ ନିବେଶକ ଓଡ଼ିଶାରେ ନିବେଶ ପାଇଁ ଆକୃଷ୍ଟ ହୋଇଥିଲେ। କିନ୍ତୁ ଆଜି ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଓ ଦିଗହରା ଶାସନ ବ୍ୟବସ୍ଥା ଲାଗି ନିବେଶକମାନେ ଓଡ଼ିଶାରୁ ମୁହଁ ଫେରାଇ ନେଉଛନ୍ତି। ଏଭଳି ସ୍ଥିତିରେ ଶିଳ୍ପାୟନ କ୍ଷେତ୍ରରେ ରାଜ୍ୟ ସରକାର ନିଜ ପିଠି ନିଜେ ଥାପୁଡ଼େଇବା ଅନୁଚିତ ବୋଲି ଡ. ମହାନ୍ତି କହିଛନ୍ତି।

## ବର୍ଷ ପୂର୍ତ୍ତି ଅବସରରେ ବିଧାୟକ ଓ ସାଂସଦଙ୍କ ସମ୍ମିଳନୀ

# ପ୍ରତିଶ୍ରୁତିକୁ ବାସ୍ତବରେ ପରିଣତ କରିଛୁ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୮।୬ (ସଂଚାର ବ୍ୟୁରୋ): ଓଡ଼ିଶାରେ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ଅବସରରେ ଆଜି ବିଜେପି ବିଧାୟକ ଓ ସାଂସଦଙ୍କୁ ନେଇ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ପ୍ରାରମ୍ଭରେ ଆତଙ୍କବାଦ ବିରୋଧରେ 'ଅପରେସନ ସିନ୍ଦୂର'ର ସଫଳତା ପାଇଁ ଭାରତର ସେନା ବାହିନୀକୁ ସଲାମ କରିଥିଲେ। ଏଥିସହ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱ ପାଇଁ ତାଙ୍କୁ ଅଭିନନ୍ଦନ ଜଣାଥିଲେ। ପାକିସ୍ତାନର ଆତଙ୍କବାଦର ମୁଖାକୁ ସାରା ବିଶ୍ୱରେ ଖୋଲିବା ପାଇଁ ଓଡିଶାର ଦୁଇ ଜଣ ସାଂସଦ (ଅପରାଜିତା ଷଡଙ୍ଗୀ ଏବଂ ବୈଜୟନ୍ତ ପଣ୍ଡା) ଭାରତର ସଫଳ ପ୍ରତିନିଧିତ୍ୱ କରିଥିବାରୁ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତବର୍ଷ ଗତ ବର୍ଷ ୪ ତାରିଖରେ ରାଜ୍ୟ ଜନସାଧାରଣ ଆମ ଉପରେ ଆସ୍ଥା ପ୍ରକଟ କରି ଆମକୁ ସମୃଦ୍ଧି ଓ ବିକଶିତ ଓଡ଼ିଶା ଗଠନର ଦାୟିତ୍ୱ ଦେଇଥିଲେ। ଆସନ୍ତା ୧୨ ତାରିଖରେ ଓଡିଶାରେ ପ୍ରଥମ ଥର ଭାବେ ଆମ ସରକାର ଗଠନ ହୋଇଥିଲା। ଏହା ଆମ ସମସ୍ତଙ୍କ ପାଇଁ ଏକ ଐତିହାସିକ କ୍ଷଣ ଥିଲା। ବର୍ଷକର ଯାତ୍ରା ଏକ ସ୍ପଷ୍ଟ ଜନାଦେଶ ଏବଂ ଦୃଢ଼ ପ୍ରତିବଦ୍ଧତା ସହିତ ଆରମ୍ଭ ହୋଇଥିଲା। ଏକ ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ଜନକଲ୍ୟାଣକାରୀ ଶାସନର ନୂତନ ଯୁଗ ଆରମ୍ଭ ହୋଇପାରିଛି। କ୍ଷେତରେ ଚାଷୀଙ୍କ ଠାରୁ ଆରମ୍ଭ କରି ଗାଁର କାରିଗର, ଶ୍ରେଣୀ ଗୃହରେ ଛାତ୍ରଙ୍କ ଠାରୁ ଆରମ୍ଭ କରି ଉଦ୍ୟୋଗୀ ପର୍ଯ୍ୟନ୍ତ ପ୍ରତ୍ୟେକ ନାଗରିକଙ୍କୁ ସଶକ୍ତ କରିବା ପାଇଁ ଆମେ ପ୍ରତିଶୃତି ଦେଇଥିଲୁ। ମୁଁ ଖୁସି ଓ ଆନନ୍ଦର ସହ କହିବାକୁ ଚାହେଁ ଯେ ଏହି ସ୍ୱଳ୍ପସମୟ ମଧ୍ୟରେ ଆମେ ଉଲ୍ଲେଖନୀୟ ଅଗ୍ରଗତି କରିଛୁ ଏବଂ ଆମର ପ୍ରତିଶୃତିଗୁଡ଼ିକୁ ବାସ୍ତବତାରେ ପରିଣତ କରିଛୁ।

ପ୍ରଧାନମନ୍ତ୍ରୀଙ୍କ ଆଶୀର୍ବାଦରେ ଶପଥଗ୍ରହଣ ଉତ୍ସବ ସାରିବା ମାତ୍ରେ ପ୍ରଥମ କ୍ୟାବିନେଟ ବସିଥିଲା ଏବଂ ମାତ୍ର ୨୪ ମିନିଟରେ ଚାରିଗୋଟି ଐତିହାସିକ ନିଷ୍ପତ୍ତି ନିଆଯାଇଥିଲା, ଯାହା ଆମ ପ୍ରତିଶୃତିର ଥିଲା 'ଆତ୍ମା'। ଆଉ ସେହି ଦିନରୁ ଆରମ୍ଭ ହୋଇଥିଲା 'ସୁଶାସନର ଯାତ୍ରା'। ନୂତନ ସରକାରଙ୍କ ପ୍ରଥମ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଥିଲା, 'ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା'। ପ୍ରଥମ ସ୍ତମ୍ଭ ଜୀବନ ଜୀବିକା, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଜୀବନ ଜୀବିକାକୁ ସୁଦୃଢ଼ କରିବା ପାଇଁ ଦୁଇଗୋଟି ମୁଖ୍ୟ ରଣନୀତି ପ୍ରସ୍ତୁତ କରଯାଇଥିଲା, କୃଷି ଏବଂ ଉଦ୍ୟୋଗ।। ଏହାକୁ ପୂରଣ କରିବାକୁ ଆମେ ପ୍ରଥମ କ୍ୟାବିନେଟରେ ନେଇଥିବା ନିଷ୍ପତ୍ତି 'ଧାନକିଣା ବାବଦକୁ ପ୍ରତିଶୃତି ମୁତାବକ ୩୧୦୦ ଟଙ୍କା କରିଥିଲୁ। 'ସମୃଦ୍ଧ କୃଷି', 'ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି', 'ସିଏମ କିଶାନ' ଏବଂ ଯଦି ସୁଭଦ୍ରା ସହାୟତାକୁ ମିଶେଇବେ ପ୍ରତି କୃଷି ପରିବାରର ଆୟ ବାର୍ଷିକ ଅତିକମରେ ୩୦ ହଜାର ଟଙ୍କା ବୃଦ୍ଧି ହୋଇଛି। ଆଜି ଡବଲ ଇଞ୍ଜିନ ସରକାରର ସବୁ ସିଲିଣ୍ଡର ଫାୟାର କରୁଛି। ଏହାର ପ୍ରମାଣ ହେଉଛି ମାତ୍ର ବର୍ଷକ ଭିତରେ ରେଳ ବିକାଶ ପାଇଁ ୭୩ ହଜାର କୋଟି ଟଙ୍କା ମଞ୍ଜୁର ହୋଇଛି। ସହରାଞ୍ଚଳ ଭିତ୍ତି ଭୂମିରେ ପରିବର୍ତ୍ତନ ଆଣିବା ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ପାଞ୍ଚ ବର୍ଷ (୨୦୨୫-୨୦୩୦) ମଧ୍ୟରେ ୬,୦୦୦ କୋଟି ଟଙ୍କାରେ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଆରମ୍ଭ କରୁଛୁ। ଏହି କ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ, ନାରୀ ସଶକ୍ତିକରଣ, ଜନଜାତି ଓ ଅନୁସୂଚିତ ଜାତି ତଥା ପଛୁଆବର୍ଗଙ୍କ କଲ୍ୟାଣ, ରୋଜଗାର ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ଗରିବ ଏବଂ ଆର୍ଥିକ ଭାବେ ଅନୁଗ୍ରସର ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା, ବର୍ଦ୍ଧିତ ଦରରେ ବରିଷ୍ଠ ନାଗରିକଙ୍କୁ ପେନସନ ପ୍ରଦାନ, ଶ୍ରମିକ ତଥା କେନ୍ଦୁ ପତ୍ର ତୋଳାଳୀଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଲାଗୁ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଏକ ସମୃଦ୍ଧ ଓଡ଼ିଶା, ଏକ ସଶକ୍ତ ଓଡ଼ିଶା ଗଠନ କରିବା ଦିଗରେ ରାଜ୍ୟବାସୀଙ୍କ ସହଯୋଗ କାମନା କରିଥିଲେ।

# ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା !

ପାରଳାଖେମୁଣ୍ଡି,୮।୬(ସଂଚାର ବ୍ୟୁରୋ): ଗୁଣିଗାରେଡ଼ି ସନ୍ଦେହରେ ଜନୈକ ବୃଦ୍ଧଙ୍କୁ ହତ୍ୟା କରି ଦୁର୍ବୃତ୍ତମାନେ ପୋଡ଼ିଦେବା ଭଳି ଅଭାବନୀୟ କାଣ୍ଡ ଘଟିଛି ଗଜପତି ଜିଲ୍ଲା ମୋହନା ଥାନାଞ୍ଚଳରେ। ମୃତକ ଜଣଙ୍କ ସ୍ଥାନୀୟ କୁଇହୁରୁ ଗାଁର ୬୦ ବର୍ଷୀୟ କାମ୍ବି ମଳିକ ବୋଲି ଜଣାପଡ଼ିଛି। ଗତ ମଙ୍ଗଳବାର ଏହି ହତ୍ୟାକାଣ୍ଡ ଘଟିଥିବା ବେଳେ ରବିବାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ହାଡ଼ପାଉଁଶ ଆଦି ଜବତ କରିଛି। ଘରେ କେହି ନ ଥିବା ସମୟରେ ଗତ ମଙ୍ଗଳବାର ରାତିରେ ତାଙ୍କ ବାପାଙ୍କୁ ହତ୍ୟା କରାଯାଇଥିବା କାମ୍ବିଙ୍କ ପୁଅ ଓ ଝିଅ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ ହତ୍ୟାକାଣ୍ଡ ସମୟରେ ଘରେ କାମ୍ବିଙ୍କ ପରିବାରର କୌଣସି ସଦସ୍ୟ ଉପସ୍ଥିତ ନଥିଲେ। ଘରେ ବାପା କାମ୍ବି ଏକା ଥିଲେ। ବୁଧବାର ସକାଳେ ପୁଅଝିଅ ଘରକୁ ଆସି ଦେଖିବା ବେଳକୁ ବାପା ଘରେ ନ ଥିଲେ। କିନ୍ତୁ ଘର ଆଗରେ ରକ୍ତଛିଟା ପଡ଼ିଥିବା ଦେଖି ସେମାନଙ୍କ ମନରେ ସନ୍ଦେହ ଉପୁଜିଥିଲା। ଏହା ପରଠାରୁ ବାପାଙ୍କୁ ଖୋଜିଥିଲେ। ତେବେ ବାପାଙ୍କୁ ହତ୍ୟାକାରୀମାନେ ଗାଁଠାରୁ କିଛି ଦୂରରେ ପୋଡ଼ିଦେଇଥିବା କେତେକ ଲୋକ ଜାଣିବାକୁ ପାଇଥିଲେ ବି ଭୟରେ ସେମାନେ କିଛି ବି କହିନଥିଲେ ବୋଲି କାମ୍ବିଙ୍କ ପୁଅ ଓ ଝିଅ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଆଜି ମୋହନା ପୁଲିସ ଖବର ପାଇ କୁଇହୁରୁ ଗାଁରେ ପହଞ୍ଚି ତଦନ୍ତ କରିବା ପରେ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଜାଣିବାକୁ ପାଇଛି। ମୃତ କାମ୍ବି ଗାଁରେ ଝଡ଼ଫୁଙ୍କା କରିବା ସହ ଚେରମୂଳି ଆଦି ଔଷଧ ଦେଉଥିଲେ। ତେଣୁ ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ଗାଁର କିଛି ଲୋକ ମିଶି ତାଙ୍କୁ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାରେ ଗାଁରେ ଏକ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିବା ବେଳେ ଗାଁଟି ପୁରୁଷଶୂନ୍ୟ ହୋଇଯାଇଥିବା ଜଣାପଡ଼ିଛି।

# ଯୋବ୍ରା ନୂଆସାହି ରଥଯାତ୍ରା ପାଇଁ ଅନ୍ତିମ ପ୍ରସ୍ତୁତି ବୈଠକ



କଟକ,୮।୬(ସଂଚାର ବ୍ୟୁରୋ): ଯୋବ୍ରା ନୂଆସାହିସ୍ଥିତ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଯୋବ୍ରା ରଥର ଶେଷ ପ୍ରସ୍ତୁତି ବୈଠକ ରଥଖଳାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋବ୍ରା ସାତସାହିର ସଭାପତି, ସମ୍ପାଦକ, ମହନ୍ତ, ଅଧିକାରୀ, ଯୋବ୍ରା ଦୁର୍ଗା ମନ୍ଦିର ପରିଚାଳନା କମିଟି ସାଧାରଣ ସମ୍ପାଦକ ଶ୍ରୀମନ୍ତ ଦାସ ଓ କୋଷାଧ୍ୟକ୍ଷ ମଳୟ ବେହେରା ଯୋଗଦେଇଥିଲେ। ବୈଠକରେ ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ହିମାଂଶୁ ମହାରଣା, ଶୁଭେନ୍ଦୁ ମହାନ୍ତି, ଭରତ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ଜଗନ୍ନାଥ ନାୟକ, ରମେଶ ମହାରଣା, ଶଙ୍କର ନାୟକ, ଅଜିତ ସ୍ୱାଇଁ, ଶୁଭମ ପଟ୍ଟନାୟକ, ଆଶିଷ ମହାନ୍ତି, ପ୍ରସନ୍ନ ନାୟକ, ଆଲୋକ ନାୟକ, ଅଶୋକ ବେହେରା, ବିଦ୍ୟାଧର ନାୟକ, ସୀମାଞ୍ଚଳ ରେଡ୍ଡୀ, ଚନ୍ଦନ ନାୟକ, ଭାବଗ୍ରାହୀ ନାୟକ, ସଭାପତି ତନୟ କୁମାର ବେହେରା ମନ୍ଦିର ପରିଚଳନା କମିଟିର ମହନ୍ତ ଶିବେନ୍ଦ୍ର ନାୟକ, ଅଧିକାରୀ କାଶୀନାଥ ନାୟକ ଉପସ୍ଥିତି ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଅମ୍ବିକା ପ୍ରସାଦ ସାମଲ ସଭା ପରିଚାଳନା କରିଥିଲେ।

# 'ଜୟ ଓଡ଼ିଶା'ର ସପ୍ତମ ରକ୍ତଦାନ ଶିବିର

ଭୁବନେଶ୍ୱର,୮।୬(ସଂଚାର ବ୍ୟୁରୋ): ରକ୍ତ ଭଣ୍ଡାରରେ ରକ୍ତ ଅଭାବ ସମସ୍ୟା ଦୂର କରିବା ଲକ୍ଷ୍ୟ ନେଇ ଆଜି ଗାଡ଼କଣସ୍ଥିତ ଓଁ ସାଇ ବିହାର ସୋସାଇଟିଠାରେ ସ୍ୱେଚ୍ଛାସେବୀ ସଂଗଠନ 'ଜୟ ଓଡ଼ିଶା' ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏହା 'ଜୟ ଓଡ଼ିଶା'ର ରକ୍ତଦାନ ଅଭିଯାନରେ ସପ୍ତମ ଶିବିର ହୋଇଥିବା ବେଳେ ଏଥିରେ ଓଁ ସାଇ ବିହାରର ବାସିନ୍ଦାମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ତାଙ୍କ ସହ ସ୍ଥାନୀୟ କର୍ପୋରେଟର, ପୁଲିସ ଏସିପି ଲଲାଟେନ୍ଦୁ ମହାନ୍ତି ଓ 'ଜୟ ଓଡ଼ିଶା'ର ପ୍ରତିଷ୍ଠାତା ରୁଦ୍ର ନାରାୟଣ ସାମନ୍ତରାୟ ଓ ଓମ୍ ସାଇ ବିହାର ସୋସାଇଟିର ସଭାପତି ସୁଶୀଲ ସିଂ, ସମ୍ପାଦକ ଉମାକାନ୍ତ ଗୁରୁ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ସାମନ୍ତରାୟ କହିଛନ୍ତି ଯେ ଗୃହିଣୀମାନେ ଅଭୂତପୂର୍ବ ଆଗ୍ରହ ନେଇ ଏହି ରକ୍ତଦାନ ଶିବିରରେ ଯୋଗଦେବା ସବୁଠାରୁ ବଡ଼ ଅନୁଭୂତି। ସେମାନଙ୍କ ଏହି ଆଗ୍ରହ ଅନ୍ୟ ମହିଳାମାନଙ୍କୁ ପ୍ରୋତ୍ସାହିତ କରିବ ଓ ରାଜ୍ୟରେ ପୁରୁଷଙ୍କ ପରି ମହିଳାମାନେ ମଧ୍ୟ ରକ୍ତଦାନ ପ୍ରତି ଆଗ୍ରହୀ ହେବେ ବୋଲି ଶ୍ରୀ ସାମନ୍ତରାୟ ଆଶା ପ୍ରକାଶ କରିଛନ୍ତି। ଶିବିରକୁ ଓଁ ସାଇ ବିହାରର ସଭାପତି ଧୀରେନ୍ଦ୍ର କୁମାର ସ୍ୱାଇଁ, ସମ୍ପାଦକ ସରୋଜ କୁମାର ପ୍ରଧାନ, ବିଷ୍ଣୁପ୍ରସାଦ ସାହୁ, ସୂର୍ଯ୍ୟଦୀପ୍ତ ରଣା, ସତ୍ୟରଞ୍ଜନ ସାହୁ, ଲକ୍ଷ୍ମୀଧର ସାହୁ ପ୍ରମୁଖ ପରିଚାଳନା କରିଥିଲେ।




# ନିର୍ବାଚନକୁ ହଡ଼ପ କରୁଛନ୍ତି ସିଇସି: ଭକ୍ତ



ଭୁବନେଶ୍ୱର,୮।୬(ସଂଚାର ବ୍ୟୁରୋ): ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ଏକ ସାମ୍ବିଧାନିକ ଅନୁଷ୍ଠାନ ହୋଇଥିବା ବେଳେ ଏହାର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି)ଙ୍କ କର୍ତ୍ତବ୍ୟ। ଦେଶ ତଥା ରାଜ୍ୟରେ ମୁକ୍ତ ଓ ଅବାଧ ନିର୍ବାଚନ ସହ ଜନତାଙ୍କ ଜନମତକୁ ସମ୍ମାନ ଜଣାଇବା ମଧ୍ୟ ଆୟୁକ୍ତଙ୍କ ପ୍ରଥମ କର୍ତ୍ତବ୍ୟ। କିନ୍ତୁ ସିଇସି ନିଜର ସାମ୍ବିଧାନିକ ଅଧିକାରର ଦୁରୁପଯୋଗ କରିବା ସହ କେନ୍ଦ୍ରରେ କ୍ଷମତାସୀନ ବିଜେପିକୁ ନିର୍ବାଚନରେ ସହଯୋଗ କରୁଥିବା ନେଇ କଂଗ୍ରେସର ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ ମତ ଦେଇଥିବା ବେଳେ ଏହାକୁ ଆଜି ପିସିସି ସଭାପତି ଭକ୍ତ ଚରଣ ଦାସ ମତ ରଖିଛନ୍ତି। ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି ଯେ ଶ୍ରୀ ଗାନ୍ଧୀ ଉପସ୍ଥାପନ କରିଥିବା ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆମ ଗଣତନ୍ତ୍ର ଓ ଜନମତକୁ କିପରି ହଡ଼ପ କରାଯାଉଛି, ତା'ର ସ୍ପଷ୍ଟ ଚିତ୍ର ଦେଉଛି। ଇସିଆଇର ସଦସ୍ୟଙ୍କୁ ନିଯୁକ୍ତି ଦେଉଥିବା ପ୍ୟାନେଲକୁ କେନ୍ଦ୍ର ସରକାର ଏକରକମ ଅକ୍ତିଆର କରିଛନ୍ତି। ଏହି ପ୍ୟାନେଲ୍‌ରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ସ୍ଥାନ ପାଇବାର ନିୟମ ଥିଲେ ମଧ୍ୟ ତାଙ୍କ ସ୍ଥାନରେ ପ୍ରଧାନମନ୍ତ୍ରୀ ଗୃହମନ୍ତ୍ରୀଙ୍କୁ ସଦସ୍ୟ ଆକାରରେ ନେଇଛନ୍ତି। ପ୍ୟାନେଲରେ ମାତ୍ର ୩ ଜଣ ସଦସ୍ୟ ପ୍ରଧାନମନ୍ତ୍ରୀ, କେନ୍ଦ୍ରର ଅନ୍ୟ ଜଣେ ବରିଷ୍ଠ ମନ୍ତ୍ରୀ ଓ ବିରୋଧୀ ଦଳ ନେତା ସଦସ୍ୟ ଭାବେ ରହିଛନ୍ତି। ତେଣୁ କେନ୍ଦ୍ର କଥାରେ ପରିଚାଳିତ ହେଉଥିବା ବ୍ୟକ୍ତିମାନଙ୍କୁ ହିଁ ନିର୍ବାଚନ ଆୟୋଗରେ ସ୍ଥାନ ମିଳିବ ବୋଲି ପ୍ରମାଣିତ ହୋଇଛି ବୋଲି ଶ୍ରୀ ଦାସ କହିଛନ୍ତି। ଏପରି ସ୍ଥିତିରେ ସିଇସି ସଦସ୍ୟମାନଙ୍କଠାରୁ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ କେମିତି ଆଶା କରିବେ ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ମହାରାଷ୍ଟ୍ରରେ ୬ ମାସରେ ୪୧ ଲକ୍ଷ ନୂଆ ଭୋଟର୍ ସାମ୍ନାକୁ ଆସିବା ମଧ୍ୟ ସନ୍ଦେହ ସୃଷ୍ଟି କରିଛି। କାରଣ ୫ ବର୍ଷରେ ୩୧ ଲକ୍ଷ ନୂଆ ଭୋଟର୍ ବାହାରିଥିବା ବେଳେ ମାତ୍ର ୬ ମାସରେ ଏତେ ଅଧିକ ସଂଖ୍ୟକ ନୂଆ ଭୋଟର୍ କେମିତି ବାହାରିବା ନିର୍ବାଚନ ଅଧିକାରୀମାନେ କେନ୍ଦ୍ର ସରକାରଙ୍କ କଥାରେ ପରିଚାଳିତ ହେଉଛନ୍ତି ବୋଲି ପ୍ରମାଣିତ କରୁଥିବା ଶ୍ରୀ ଦାସ ଅଭିଯୋଗ କରିଛନ୍ତି।

# ନିଲାମ ହେବ ନୀଳାଚଳ ଉପବନ

● ଟିକେଟ୍ କାଟି ଦର୍ଶନ କରିବେ ଭକ୍ତ
● ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ

ପୁରୀ,୮।୬(ସଂଚାର ବ୍ୟୁରୋ): ଶ୍ରୀମନ୍ଦିର କୋଇଲି ବୈକୁଣ୍ଠ ଓ ରୋଷଘର ପରେ ନୀଳାଚଳ ଉପବନ ଦର୍ଶନ ପାଇଁ ଭକ୍ତମାନଙ୍କୁ ଟିକେଟ୍ କରିବାକୁ ପଡ଼ିବ। କାରଣ ଖୁବ୍‌ଶୀଘ୍ର ଏହି ଉପବନର ନିଲାମ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯିବା ସହ ଏନେଇ ଟେଣ୍ଡର ଆହ୍ୱାନ କରାଯାଇଥିବା ଜଣାପଡ଼ିଛି। ଅର୍ଥାତ୍ ପାଖାପାଖି ୫ ବର୍ଷ ଧରି ମାଗଣାରେ ଦର୍ଶନ କରିଆସୁଥିବା ଭକ୍ତମାନଙ୍କୁ ଏଣିକି ଏହାର ଦର୍ଶନ ପାଇଁ ଟିକେଟ୍ କରିବାକୁ ପଡ଼ିବ। ଟିକେଟ୍ କରିବା ପରେ ଶ୍ରଦ୍ଧାଳୁମାନେ ଉପବନ ଭିତରେ ଥିବା ମହାପ୍ରଭୁଙ୍କ ଫୁଲ, ତୁଳସୀ ଉଦ୍ୟାନ ଆଦି ବୁଲିପାରିବେ। ଗତ ୨୦୨୦ ଏପ୍ରିଲ ପହିଲାରୁ ଦୀର୍ଘ ୫ ବର୍ଷ ଧରି ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଭିତରେ ବିନା କୌଣସି ଶୁଳ୍କରେ ସମସ୍ତ ସ୍ଥାନ ଦର୍ଶନ କରିପାରୁଥିଲେ। ଗତ ୨୦୨୦ ଫେବୃଆରୀ ୧୮ ତାରିଖରେ ବସିଥିବା ଶ୍ରୀମନ୍ଦିର ପ୍ରଶାସନର ବିତ୍ତ ସବ୍ କମିଟି ବୈଠକରେ ଶ୍ରୀମନ୍ଦିର ଭିତରେ ୭ଟି ଦର୍ଶନୀ ମାହାଲ ଆଦାୟ ଉପରେ ରୋକ ଲଗାଯାଇଥିଲା। ଫଳରେ ସମସ୍ତ ଶ୍ରେଣୀର ଶ୍ରଦ୍ଧାଳୁ ବିନା କୌଣସି ଦେୟରେ କୋଇଲି ବୈକୁଣ୍ଠଠାରୁ ରୋଷଘର ପର୍ଯ୍ୟନ୍ତ ସବୁ ସ୍ଥାନ ପରିଦର୍ଶନ କରିପାରୁଥିଲେ। ହେଲେ ଚଳିତ ବର୍ଷ ହଠାତ୍ ପ୍ରଶାସନ ମନ ବଦଳାଇ ସମସ୍ତ ମାହାଲରୁ ଅର୍ଥ ଉପାର୍ଜନ ସପକ୍ଷରେ ନିଷ୍ପତ୍ତି ନେଇଛି। କିନ୍ତୁ ଭକ୍ତମାନେ ଏପରି ନିଷ୍ପତ୍ତିକୁ ଗ୍ରହଣ କରିପାରିନାହାନ୍ତି। ପ୍ରତିଦିନ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦାନ ଦକ୍ଷିଣାରୁ ଶ୍ରୀମନ୍ଦିର ପ୍ରଶାସନ ପାଖାପାଖି ୨୦ ଲକ୍ଷ ଟଙ୍କା ଆୟ କରୁଛନ୍ତି। ନୀଳାଚଳ ଉପବନର ବର୍ଷିକିଆ ଦର୍ଶନ ମାହାଲ ନିଲାମ ମୂଲ୍ୟ ୬.୨୫ ଲକ୍ଷ ଟଙ୍କା ରହିଛି। ସର୍ବାଧିକ ଟଙ୍କା ନିଲାମ ରଖିଥିବା ବ୍ୟକ୍ତିଙ୍କୁ ଏହା ଦିଆଯିବ। ଏଥିସହ ବର୍ଷକ ପରେ ୧୦ ପ୍ରତିଶତ ହିସାବରେ ପରବର୍ତ୍ତୀ ଦୁଇ ବର୍ଷ ନିମନ୍ତେ ଯଥାକ୍ରମେ ଦୁଇ ଥର ନିଲାମ ଦର ବଢ଼ାଇ ଆଦାୟ କରାଯିବ। ଏହି ସ୍ଥାନ ପରିଦର୍ଶନ ନିମନ୍ତେ ଆସୁଥିବା ଦର୍ଶନାର୍ଥୀଙ୍କୁ ଯଥୋଚିତ ବ୍ୟବହାର କରିବା ସହ ଏହି ସ୍ଥାନର ରକ୍ଷଣାବେକ୍ଷଣ ନେଇ ମାର୍ଗଦର୍ଶିକା ଜାରି ହୋଇଛି। ଏହାର ଖିଲାପ କଲେ ନିଲାମଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ସୂଚନାଯୋଗ୍ୟ ଯେ ଶ୍ରୀକ୍ଷେତ୍ର ଏକ ଧାର୍ମିକ ସ୍ଥଳ ହୋଇଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ଶ୍ରଦ୍ଧାଳୁ ଏଠାରେ ଥିବା ପ୍ରତିଷ୍ଠିତ ମନ୍ଦିର ଓ ତୀର୍ଥସ୍ଥଳରେ ଠାକୁର ଦର୍ଶନ ନିମନ୍ତେ ଆସିଥାଆନ୍ତି। ହେଲେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନରେନ୍ଦ୍ର ମାହାଲ ନାମରେ ଜଳକ୍ରୀଡ଼ା ମଣ୍ଡପ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କଠାରୁ ଟଙ୍କା ଆଦାୟ କରାଯାଉଛି। ସେହିପରି ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଟ୍ରଷ୍ଟ ବୋର୍ଡ ଅଧୀନରେ ପରିଚାଳନା ହେଉଥିବା ଚକ୍ରତୀର୍ଥ ରୋଡ୍‌ସ୍ଥିତ ପ୍ରସିଦ୍ଧ ବେଢ଼ି ହନୁମାନ ମନ୍ଦିର ଓ ନୃସିଂହ ମନ୍ଦିରରେ ଠାକୁର ଦର୍ଶନ ନିମନ୍ତେ ଟଙ୍କା ଆଦାୟ କରାଯାଉଛି। ଦର୍ଶନୀ ମାହାଲ ନାମରେ ଶ୍ରଦ୍ଧାଳୁଙ୍କଠାରୁ ଟଙ୍କା ଆଦାୟ କରାଯିବା ଧାର୍ମିକ ସଂସ୍କୃତିବିରୋଧୀ ବୋଲି କେତେକ ଭକ୍ତ ଅଭିଯୋଗ କରିଛନ୍ତି।

# ମହିଳା ଓ ଶିଶୁ ନିର୍ଯାତନା, ବର୍ଷକରେ ୨୮ ହଜାର



ଭୁବନେଶ୍ୱର,୮।୬: ମହିଳା ଓ ଶିଶୁ ନିର୍ଯାତନା ରୋକିବା ପାଇଁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଗୋଟିଏ ବର୍ଷରେ ପାଖାପାଖି ୨୮ ହଜାର ମହିଳା ଓ ଶିଶୁ ନିର୍ଯାତିତ ହୋଇଛନ୍ତି। ଏମାନଙ୍କ ସଂଖ୍ୟା ଯାଜପୁର ଜିଲ୍ଲାରେ ସର୍ବାଧିକ ରହିଛି।

ଗତବର୍ଷ ରାଜ୍ୟରେ ପାଖାପାଖି ୨୮ହଜାର ମହିଳା ଓ ଶିଶୁ ନିର୍ଯାତନା ଘଟଣାର ପଞ୍ଜିକରଣ ହୋଇଥିବା ବେଳେ ଯାଜପୁର ଜିଲ୍ଲାରେ ଏହି ସଂଖ୍ୟା ୨ ହଜାରରୁ ଅଧିକ ରହିଛି। ସେହିପରି ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, କଟକ, ଜଗତ୍‌ସିଂହପୁର, ଢେଙ୍କାନାଳ, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ ଆଦି ଜିଲ୍ଲାରେ ଏଭଳି ନିର୍ଯ୍ୟାତନାର ସଂଖ୍ୟା ହଜାରେରୁ ଅଧିକ ରହିଛି। ତେବେ ଆଦିବାସୀ ଅଧ୍ୟୁଷିତ ନୂଆପଡ଼ା, ମାଲକାନଗିରି, ଗଜପତି, ବୌଦ୍ଧ, କଳାହାଣ୍ଡି ଆଦି ଜିଲ୍ଲାରେ ଏହି ହାର ଅପେକ୍ଷାକୃତ କମ୍ ରେକର୍ଡ କରାଯାଇଛି। ତେବେ ରାଜ୍ୟର ଯେଉଁସବୁ ଜିଲ୍ଲାରେ ସାକ୍ଷରତା ହାର ଅଧିକ ରହିଛି, ସେଠାରେ ମହିଳା ଓ ଶିଶୁ ଅଧିକ ନିର୍ଯାତିତ ହେଉଥିବା ଲକ୍ଷ୍ୟ କରାଯାଉଛି। ଏହି ଜିଲ୍ଲାଗୁଡିକରେ ମହିଳାମାନେ ଘରୋଇ ହିଂସା ଓ ଯୌତୁକ ହିଂସାର ଶିକାର ହେଉଥିବା ବେଳେ ଶିଶୁମାନେ ପାଶବିକ ନିର୍ଯାତନା ଓ ଅପହରଣର ଶିକାର ହେଉଛନ୍ତି।

ରାଜ୍ୟରେ ମହିଳା ଓ ଶିଶୁ ନିର୍ଯାତନା ହାର କମାଇବା ପାଇଁ ୬ ଶହରୁ ଅଧିକ ଥାନାରେ ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟ କରୁଛି। ଏହିସବୁ ଥାନାରେ ମହିଳା ଓ ଶିଶୁମାନଙ୍କ ଅଭିଯୋଗ ଅଗ୍ରାଧିକାର ଭିତ୍ତିରେ ପଞ୍ଜିକରଣର ବ୍ୟବସ୍ଥା ରହିଛି। ସେହିଭଳି ମହିଳାମାନେ ଏଠାକୁ ଆସି ସହଜରେ ମଧ୍ୟ ନିଜର ଅଭିଯୋଗ ଦରଜ କରିପାରିବେ। ଏଥିସହ ଓଡ଼ିଶାରେ ୩୪ଟି ଶିଶୁ ବନ୍ଧୁ ପୁଲିସ୍ ଷ୍ଟେସନ ପ୍ରତିଷ୍ଠା କରାଯାଇଛି। ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ସାଇବର ଅପରାଧର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଅଧୀନରେ ଶିଶୁ ଏବଂ ମହିଳା ଅନଲାଇନ୍ ନିର୍ଯାତନା ମନିଟରିଂ ୟୁନିଟ୍ ବି କାର୍ଯ୍ୟ କରୁଛି। ବିପଦରେ ପଡ଼ିଥିବା ମହିଳାମାନଙ୍କୁ ଠିକ୍ ସମୟରେ ତ୍ୱରିତ ଓ ସମ୍ବେଦନଶୀଳ ସହାୟତା ପାଇଁ ଡାଏଲ-୧୧୨ କାର୍ଯ୍ୟ କରୁଛି।

ଏହାବାଦ୍ ମହିଳା ଓ ଶିଶୁ ନିର୍ଯାତନା ରୋକିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଅନୁଷ୍ଠାନ ଜରିଆରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚଳାଉଛନ୍ତି। ଏ ବାବଦରେ ମଧ୍ୟ ରାଜକୋଷରୁ ଅର୍ଥ ଖର୍ଚ୍ଚ ହେଉଛି। କିନ୍ତୁ ଏହା ସତ୍ତ୍ୱେ ବି ରାଜ୍ୟରେ ମହିଳା ଓ ଶିଶୁ ନିର୍ଯାତନା ଘଟଣାରେ ସେଭଳି ଉଲ୍ଲେଖନୀୟ ସୁଧାର ଆସୁନାହିଁ। ଯୌତୁକ ନିର୍ଯାତନା ପ୍ରାୟ ଅଧିକାଂଶ ଜିଲ୍ଲାରେ ପୁଲିସ୍ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିବା ବେଳେ ଶିଶୁ ନିର୍ଯାତନାକୁ ନେଇ ଅନେକ ସମୟରେ ରାଜ୍ୟରେ ଝଡ଼ ସୃଷ୍ଟି ହୋଇଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ସମ୍ପାଦକୀୟ



# ରାହୁଲଙ୍କ ପରାଜୟ ଆଶଙ୍କା

ମହାରାଷ୍ଟ୍ର ଭଳି ବିହାରରେ ମଧ ଏନଡିଏ ମ୍ୟାଚ ଫିକ୍ସିଂ କରି ନିର୍ବାଚନ ଜିତିବାକୁ ପ୍ରୟାସ କରୁଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧି ଅଭିଯୋଗ କରିଛନ୍ତି। ରାହୁଲଙ୍କ ଏହି ଅଭିଯୋଗର କୋ÷ଣସି ଆଧାର ନାହିଁ। ଏହା କେବଳ ଏକ ଅନ୍ଧ ଅଭିଯୋଗ। ରାହୁଲ କହିଛନ୍ତି ଯେ, ମହାରାଷ୍ଟ୍ରରେ ଜାଲ ଭୋଟରଙ୍କ ମାଧମରେ ବିଜେପି ଜିତିଛି। କିନ୍ତୁ ଗୋଟିଏ ଗୋଟିଏ ବିଧାନସଭା ଆସନରେ କେତେ ଜାଲ ଭୋଟର ହେଲେ ଜଣେ ଜିତିପାରିବ? ଜଣେ ବିଧାୟକ ୩୦ରୁ ୪୦ ହଜାର ଭୋଟ ବ୍ୟବଧାନରେ ବିଜୟ ହାସଲ କରୁଛନ୍ତି। ଗୋଟିଏ ବିଧାନସଭା ଆନରେ ୫୦ ହଜାର ଜାଲ ଭୋଟର ବ୍ୟବସ୍ଥା କରିବା ସମ୍ଭବ କି? ମହାରାଷ୍ଟ୍ରରେ ମୋଟ ୨୮୮ ବିଧାନସଭା ଆନ। ମହାରାଷ୍ଟ୍ରରେ କ'ଣ ୨ କୋଟି ଜାଲ ଭୋଟର ଅଛ୍ତି? ରାହୁଲଙଗ୍କ ଏହି ଅଭିଯୋଗରୁ ଜଣାପଡ଼ୁଛି ସେ ବିହାରରେ ଜିତିବା ସମ୍ଭାବନା କମ ବୋଲି ଅନୁଭବ କରୁଛନ୍ତି। ପରାଜୟ ପୂର୍ବରୁ ସେ ବିହାରରେ ପରାଜୟର ଆଳ ଖୋଜୁଛନ୍ତି। ବିହାରରେ ବିଜେପି-ଜେଡିୟୁ-ଏଲଜେପି ମେଣ୍ଟ ବା ଏନଡିଏ ଏବଂ କଂଗ୍ରେସ-ଆରଜେଡି-ବାମପନ୍ଥୀ ମେଣ୍ଟ ବା ଇଣ୍ଡିଆ ବ୍ଲକ ମଧ୍ୟରେ ମୁକାବିଲା ହେଉଛି। ଏହି ଦୁଇ ମେଣ୍ଟ ବାହାରେ ମଧ ଆଉ କିଛି ଦଳ ଅଛନ୍ତି ଯେଉଁମାନେ କିଛି ଆସନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିପାରନ୍ତି। ଉଦାହରଣ ସ୍ୱରୂପ ଗତ ଥର ଅସାଦୁଦ୍ଦିନ ଓୱେସିଙ୍କ ନେତୃତ୍ୱାଧିନ ଏଆଇଏମଆଇଏମ ବିହାରର ୧୫ଟି ଆସନରେ ପ୍ରାର୍ଥୀ ଦେଇଥିଲା। ସେଥିରୁ ୫ଜଣ ଆସନରେ ଦଳ ବିଜୟୀ ହୋଇଥିଲା। କିନ୍ତୁ ଏଆଇଏମଆଇଏମର ପ୍ରାର୍ଥିତ୍ୱ ଯୋଗୁ କଂଗ୍ରେସ ଏବଂ ଆରଜେଡି ଅନେକ ଆସନରେ ପରାଜିତ ହୋଇଥିଲା। ନିର୍ବାଚନ ପରେ ଏକ ଗଣମାଧମ ପକ୍ଷରୁ ଅସାଦୁଦ୍ଦିନଙ୍କୁ ଆରଜେଡି-କଂଗ୍ରେସ ମେଣ୍ଟର ପରାଜୟ ନିମନ୍ତେ ସେ ଦାୟୀ କି ବୋଲି ପ୍ରଶ୍ନ ପଚାରିଥିଲେ। ଏଥିରେ ଅସାଦୁଦ୍ଦିନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ ଏବଂ ତାଙ୍କ ଦଳର ବିହାର ସବୁ ଆସନରେ ପ୍ରାର୍ଥୀ ଦେବାର ଅଧିକାର ଅଛି ବୋଲି କହିଥିଲେ। କଂଗ୍ରେସ-ଆରଜେଡିର ପରାଜୟ ନିମନ୍ତେ ସେ ଉତ୍ତରଦାୟୀ କାହିଁକି ହେବ ଏବଂ ସେ କାହିଁକି ବିଜେପିକୁ ରୋକିବା ଲାଗି ନିର୍ବାଚନରେ ପ୍ରାର୍ଥୀ ଦେବେ ନାହିଁ ବୋଲିସ ପ୍ରଶ୍ନ କରିଥିଲେ। ତାଙ୍କ ପ୍ରଶ୍ନ ମଧ ଯଥାର୍ଥ। ଆରଜେଡିର ବିଜୟ ନିମନ୍ତେ ଏଆଇଏମଆଇଏମ ପ୍ରାର୍ଥୀ ଦେବନି ଏଭଳି ଆଶା କରିବା ଅନୁଚିତ ବୋଲି ସେ କହିଥିଲେ। ଏଥର ମଧ ଏଆଇଏମଆଇଏମ ବିହାର ନିର୍ବାଚନରେ ପ୍ରାର୍ଥୀ ଦେବ। ଆଉ କିଛି ଛୋଟ ଛୋଟ ଦଳ ମଧ ବିହାର ନିର୍ବାଚନରେ ନିଜର ସ୍ଥିତି ଜାହିର କରିବାକୁ ପ୍ରୟାସ କରିବେ। ପ୍ରଶାନ୍ତ କୁମାର ବିହାରରେ ତାଙ୍କ ଦଳ ପୁରା ଦମ ଲଗାଇ ଲଢ଼ିବ ଏବଂ ନିଜକୁ ତୃତୀୟ ଶକ୍ତି ଭାବେ ପ୍ରମାଣିତ କରିବ ବୋଲି କହିଛନ୍ତି। ଆଉ ଦୁଇଟି ଛୋଟ ଦଳ ମଧ ଏନଡିଏର ଅଂଶୀଦାର ଦଳ ଭାବେ ରହିଛନ୍ତି। ତେବେ ମୋଟାମୋଟି ଭାବେ ବିହାରରେ ଏନଡିଏ ବନାମ ଇଣ୍ଡିଆ ମଧ୍ୟରେ ମୁକାବିଲା ହେବାକୁ ଯାଉଛି। ଗତ ଥର ବିହାରରେ ଚିରାଗ ପାଶ୍ୱାନଙ୍କ ଏଲଜେପି ଜେଡିୟୁ ବିରୋଧରେ ବିଦ୍ରୋହ କରି ଏହା ବିରୋଧରେ ପ୍ରାର୍ଥୀ ଦେଇଥିଲା। "ଫଳରେ ଜେଡିୟୁ ଅତି କମରେ ୧୫ଟି ଆସନ ହରାଇଥିଲା। ଏହା ସତ୍ତ୍ୱେ ୨୦୨୦ରେ ବିହାରରେ ଏନଡିଏ ବିଜୟୀ ହୋଇଥିଲା ଏବଂ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିଥିଲେ। ଏଥର କିନ୍ତୁ ଏଲଜେପି ସେଭଳି ଭୁଲ କରିବ ନାହିଁ। ଏନଡିଏର ସବୁ ଅଂଶୀଦାର ଦଳ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ସହ ଲଢ଼ିବେ ବୋଲି କହିଛନ୍ତି। ତେବେ ବାସ୍ତବ କ୍ଷେତ୍ରରେ ଆସନ ବୁଝାମଣା କେତେଦୂର ସମ୍ଭବ ହେଉଛି ତାହା ଦେଖିବାର କଥା। ସେହିପରି ଇଣ୍ଡିଆ ବ୍ଲକରେ ଆରଜେଡି ଏବଂ କଂଗ୍ରେସ ମଧ୍ୟରେ ବୁଝାମଣା କେତେଦୂର ସଫଳ ହେବ ତହା ବି ଏକ ପ୍ରଶ୍ନ। ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ କଂଗ୍ରେସ ସହ ବୁଝାମଣା ତାଙ୍କ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେଉଛି ବୋଲି ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ତେଣୁ ଏଥର ଆରଜେଡି ସହଯୋଗୀ କଂଗ୍ରେସକୁ କମ ଆସନ ଛାଡ଼ିପାରେ। ଏହାକୁ କଂଗ୍ରେସ କେତେଦୂର ଗ୍ରହଣ କରିବ ତାହା ଦେଖିବାର କଥା। ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜୟ ପରେ ଏନଡିଏ ଶାସିତ ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗକୁ ବିହାର ଏବଂ ବେଙ୍ଗଲ ବିଧାନସଭା ନିର୍ବାଚନ ଉପରେ ଫୋକସ କରିବାକୁ ଆହ୍ୱାନ କରିଛନ୍ତି। ହରିୟାନା, ମହାରାଷ୍ଟ୍ର ଏବଂ ଦିଲ୍ଲୀ ଭଳି ବିହାର ଓ ପଶ୍ଚିମବଙ୍ଗରେ ମଧକ୍ଷ୍ୟ ଏନଡିଏ ସଫଳ ହେବ ବୋଲି ସେ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି। ବିହାର ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ବଜେଟରେ ବିହାର ଲାଗି ସ୍ୱତନ୍ତ୍ର ଅନୁଦାନ ବ୍ୟବସ୍ଥା କରାଯାଇଛି। ପିଏମ କିଷାନ ଯୋଜନାର ୧୯ତମ କିସ୍ତି ପ୍ରଦାନ ଅବସରରେ ବିହାରର ଭାଗଲପୁରରେ ଆୟୋଜିତ ସମାବେଶରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି ଆରଜେଡିକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, ଯିଏ ଗୋଖାଦ୍ୟ ଚୋରୀ କରୁଛି ସେ କୃଷକଙ୍କ କଲ୍ୟାଣ କଥା ଚିନ୍ତା କରିନପାରେ। ମହାକୁମ୍ଭକୁ ଲାଲୁଙ୍କ ସମାଲୋଚନା ଏବଂ ଫାଲତୁ ଶବ୍ଦ ବ୍ୟବହାରକୁ ସମାଲୋଚନା କରି ମୋଦିଜୀ କହିଛନ୍ତି ଯେ, ଯେଉଁମାନେ ଜଙ୍ଗଲ ରାଜରେ ସମ୍ପୃକ୍ତ ସେମାନେ ଭାରତୀୟ ସଂସ୍କୃତି ଏବଂ ପରମ୍ପରାକୁ ସମାଲୋଚନା କରୁଛନ୍ତି। ସେମାନଙ୍କର ଭାରତୀୟ ଧର୍ମ, ସଂସ୍କୃତି ଉପରେ ବିଶ୍ୱାସ ନାହିଁ। ଆଗାମୀ ବିଧାନସଭା ନିର୍ବାଚନରେ ବିହାରବାସୀ ଏହାର ଜବାବ ଦେବେ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ଏହିଠାରୁ ହିଁ ବିହାର ବିଧାନସଭା ନିର୍ବାଚନ ଲାଗି ବିଜେପିର ପ୍ରସ୍ତୁତି ଏବଂ ପ୍ରଚାର ଆରମ୍ଭ ହୋଇଛି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ବିହାର ବିଧାନସଭା ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହିଁ ଏନଡିଏର ପ୍ରଚାର ଅଭିଯାନର ନେତୃତ୍ୱ ନେବେ ଏବଂ ବିହାର ଲାଗି କେନ୍ଦ୍ରର ସହାୟତା ଏବଂ ସ୍ୱତନ୍ତ୍ର ଅନୁଦାନକୁ ପ୍ରଧାନମନ୍ତ୍ରୀ ଉଠାଇବେ। ବିଜେପି ଏବେ ସବୁ ରାଜ୍ୟରେ ଦୁଇଟି ଗୋଷ୍ଠୀକୁ ବିଶେଷ ଗୁରୁତ୍ୱ ଦେଉଛି। ଏହି ଦୁଇଟି ଗୋଷ୍ଠୀ ହେଲେ ମହିଳା ଏବଂ କୃଷକ। ଏହା ବ୍ୟତିତ ଯୁବ ଗୋଷ୍ଠୀର ସମର୍ଥନ ପାଇଁ ବିଜେପି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ମହାରାଷ୍ଟ୍ରରେ ଏହା ସଫଳ ହେଲା। କିନ୍ତୁ ବିହାରରେ ଏହି ରଣନୀତି କେତେଦୂର ସଫଳ ହେବ ତାହା ଦେଖିବାର କଥା। ବିହାରରେ ନୀତିଶ କୁମାର ଦୀର୍ଘ ବର୍ଷ ହେବ କ୍ଷମତାରେ ରହିଛି। ତାଙ୍କ ବିରୋଧରେ କିଛିଟା ଜନଅସନ୍ତୋଷ ରହିଛି ଏବଂ ରାଜ୍ୟରେ ପରବର୍ତ୍ତନର ହାୱା ସୃଷ୍ଟି ହୋଇପାରେ। ତେବେ ଏନଡିଏର ଅଂଶୀଦାର ଦଳମାନେ ଯଦି ଏକତାବଦ୍ଧ ଭାବେ ଲଢ଼େଇ କରନ୍ତି ତେବେ ବିଜୟ ସୁନିଶ୍ଚିତ। ଆରଜେଡି ଏବଂ କଂଗ୍ରେସକୁ ପୁନର୍ବାର ବିଫଳତାର ସ୍ୱାଦ ଚାଖିବାକୁ ପଡ଼ିପାରେ। ଯଦି ସଂଖ୍ୟାଲଘୁ ଶତ ପ୍ରତିଶତ ଇଣ୍ଡିଆ ବ୍ଲକ ସପକ୍ଷରେ ଯିବ ତେବେ ଭିନ୍ନ କଥା। ଅନ୍ୟ ପକ୍ଷରେ ଦଳିତ ଭୋଟ ବ୍ୟାଙ୍କ ସମ୍ପୂର୍ଣ୍ଣ ଭାବେ ଆରଜେଡି ସପକ୍ଷରେ ଯିବ ବୋଲି କୁହାଯାଇପାରିବ ନାହିଁ। ଆମ୍ବେଦକର ପ୍ରସଙ୍ଗ ଉଠାଇ ବିରୋଧୀ ବିଜେପି ବିରୋଧରେ ଦଳିତଙ୍କୁ ଉସୁକାଉଛନ୍ତି। କିନ୍ତୁ ବିଜେପି ମଧ ଏହାର କୁମାବିଲା ଲାଗି କାଉଣ୍ଟର ଆଟାକ କରୁଛି। ଦେଖିବାର କଥା ବିହାରବାସୀ ଏହା ଦ୍ୱାରା କେତେଦୂର ପ୍ରଭାବିତ ହେଉଛନ୍ତି। ଏବେ ୱାକଫ ସଂଶୋଧନ ବିଲକୁ ନେଇ ବିହାର ରାଜନୀତିରେ ବେଶ ଆରୋପ-ପ୍ରତ୍ୟାରୋପ ଚାଲିଛି। ଏହାକୁ ନେଇ ମୁସଲମାନ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ବାସ୍ତବରେ ୱାକଫ ଆଇନ ମୁସଲମାନ ଧର୍ମ ବିରୋଧୀ ନୁହେଁ କିମ୍ବା ଏହା ପଛରେ କିଛି ସାମ୍ପ୍ରଦାୟିକ ଅଭିପ୍ରାୟ ନାହିଁ। ଏଥିରେ ମୁସଲମାନ ଧର୍ମାବଲମ୍ବୀଙ୍କର କିଛି କ୍ଷତି ବା ସ୍ୱାର୍ଥହାନୀ ହେବନାହିଁ। କିନ୍ତୁ ବିରୋଧୀ ଦଳମାନେ ଏହାକୁ ନେଇ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ପଶ୍ଚିମବଙ୍ଗରେ ଏଥିନେଇ ହିଂସାର ବାତାବରଣ ସୃଷ୍ଟି ହୋଇଛି। ସଂଖ୍ୟାଲଘୁ ସମ୍ପ୍ରଦାୟକୁ ବୁଝାଇବାରେ ବିଜେପି ସଫଳ ହୋଇନାହିଁ। ତେଣୁ ବିହାର ବିଧାନସଭା ନିର୍ବାଚନରେ ସଂଖ୍ୟାଲଘୁ ଭୋଟ ସମ୍ମିଳିତ ଭାବେ ଏନଡିଏ ବିରୋଧରେ ଯାଇପାରେ। ଏଥିରେ ନୀ୍ତିଶଙ୍କ ଦଳ ଜେଡିୟୁ ଅଧିକ କ୍ଷତିଗ୍ରସ୍ତ ହେବ। ବିଜେପି ସହ ମେଣ୍ଟ କରିଥିଲେ ମଧ ନୀତିଶ ଜଣେ ତଥାକଥିତ ଧର୍ମନିରପେକ୍ଷ ନେତାଭାବେ ପରିଗଣିତ ହୁଅନ୍ତି। କିନ୍ତୁ ଏଥର ସଂଖ୍ୟାଲଘୁ ଭୋଟ ସାମଗ୍ରୀକ ଭାବେ ଏନଡିଏ ବିରୋଧରେ ବା ଆରଜେଡି-କଂଗ୍ରେସ ସମର୍ଥନରେ ଯାଇପାରେ। ଏହାକୁ ନୀତିଶ କିପରି ରକ୍ଷା କରିବେ ତାହା ବଡ଼ ପ୍ରଶ୍ନ। ଯଦି ନୀତିଶ କୁମାର ସଂଖ୍ୟାଲଘୁ ସମ୍ପ୍ରଦାୟକୁ ମନାଇବାରେ ସଫଳ ନହୁଅନ୍ତି ତେବେ ଏହା ତାଙ୍କ ପରାଜୟର ଏକ ପ୍ରମୁଖ କାରଣ ହୋଇପାରେ। ଯଦି ବିହାରରେ ଏନଡିଏ କ୍ଷମତାଚ୍ୟୁତ ହୁଏ ତେବେ ନୀତିଶଙ୍କୁ କେନ୍ଦ୍ରରେ ମନ୍ତ୍ରୀ ପଦ ଏପରିକି ଉପ-ପ୍ରଧାନମନ୍ତ୍ରୀ ପଦ ମିଳିପାରେ ବୋଲି ଚର୍ଚ୍ଚା ଚାଲିଛି। ବିଜେପିର ଜଣେ ବରିଷ୍ଠ ନେତା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ଚେ୍Øବେ ଏହା କହିଛନ୍ତି। କାରଣ ବିହାରରେ ବିଜେପି ଏବେ ମୁଖ୍ୟମନ୍ତ୍ରୀ ପଦ ଉପରେ ଆଖି ରଖିଛି। ଯଦି ନୀତିଶଙ୍କ ନେତୃତ୍ୱରେ ବିଜାର ବିଧାନସଭା ନିର୍ବାଚନରେ ଏନଡିଏ ବିଜୟୀ ହୁଏ ତେବେ ବିଜେପିର ଏହି ଯୋଜନା କିନ୍ତୁ ପଣ୍ଡ ହୋଇଯିବ।

# ଚାରିଧାମ ବନାମ ପବିତ୍ର ଜଗନ୍ନାଥ ପୁରୀଧାମ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଦିଘାରେ ଜଗନ୍ନାଥ ଧାମକୁ ନେଇ ଚର୍ଚ୍ଚା ବଢିଥିବା ବେଳେ ପୁଣି ମନ୍ଦିର ସମ୍ମୁଖରେ ବଡ ବଡ ଅକ୍ଷରରେ ପ୍ରସ୍ତୁତ କରି ମରାଯାଇଛି ଜଗନ୍ନାଥ ଧାମ। ଅମିତ ମାଳବ୍ୟ ଏକ୍ସରେ ପୋଷ୍ଟ କରିବା ପରେ ଏବେ ଦିଦି ପୋଷ୍ଟକୁ ଭୁଲ ପ୍ରମାଣ ଓ ଜିଦ ପାଇଁ ପୁଣି ରାତାରାତି ଜଗନ୍ନାଥ ଧାମ ଲେଖିବା ସହ ପୂର୍ବ ସେଲ୍ଫି ପଏଣ୍ଟ କରୁଛନ୍ତି। ଦିଘା ଜଗନ୍ନାଥ ମନ୍ଦିର ଉଦ୍ଘାଟନ ସମୟରେ ଯେଉଁ ଅସ୍ଥାୟୀ କାଗଜ ଓ ଥର୍ମାକୋଲରେ ସେଲ୍ଫି ପଏଣ୍ଟ କରାଯାଇଥିଲା ସେଥିରେ ଦିଘା ଜଗନ୍ନାଥ ଧାମ ବୋଲି କରାଯାଇଥିଲା। ଯାହା ୩୦ ତାରିଖ ଉଦଘାଟନ ସରିବା ପରେ ୧ ତାରିଖ ଦିନ ଟେଣ୍ଟ ମାଲିକ ଖୋଲି ନେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଜଗନ୍ନାଥ ଧାମ ଶବ୍ଦକୁ ପ୍ରତ୍ୟାବର୍ତ୍ତନ କରିବା ନେଇ ଜୋରଦାର ପ୍ରତିବାଦ ଓଡ଼ିଶାରେ ଦେଖିବାକୁ ମିଳିଛି। ଏହା ସ୍ୱାଭାବିକ। କାରଣ ଚାରି ଧାମ ମଧ୍ୟରୁ ପୁରୀ ଜଗନ୍ନାଥ ଧାମ ଅନ୍ୟତମ। ଅନ୍ୟ କେଉଁଟି ଆଉ ଜଗନ୍ନାଥ ଧାମ ହୋଇପାରିବ ନାହିଁ। ଅଲଗା ଆଡ଼େ ହଜାର ହଜାର ମନ୍ଦିର ଜଗନ୍ନାଥଙ୍କର ହେଉ ସେଥିରେ କିଛି ଆପତ୍ତି ନାହିଁ କିନ୍ତି ଜଗନ୍ନାଥ ଧାମ କେବଳ ପୁରୀ। ଏବେ ଆସନ୍ତୁ ଜାଣିବା ପୁରୀ ଧାମ ଜଗନ୍ନାଥ ମନ୍ଦିର ବିଷୟରେ ଓ ଚାରି ଧାମ ବିଷୟରେ। ଆର୍ଯ୍ୟାବର୍ତ୍ତ ଭାରତ ବର୍ଷର ପ୍ରତ୍ୟେକ ଭାରତୀୟ ଚତୁର୍ଦ୍ଧାମ ରାମେଶ୍ୱର, ପୁରୀ, ବଦ୍ରୀନାଥ ଓ ଦ୍ୱାରକା ଦର୍ଶନର କାମନା କରିଥାନ୍ତି। ଚାରୋଟି ସ୍ଥାନ – ଚାରିଧାମ ପରମ ପବିତ୍ର। ଏଥିମଧ୍ୟରୁ ତିନୋଟି ଧାମ ପୁରୀ, ରାମେଶ୍ୱର ଏବଂ ଦ୍ୱାରକା ସାଗର କୂଳରେ ଓ ବଦ୍ରୀନାଥ ଧାମ ହିମାଳୟ ପର୍ବତରେ ଅବସ୍ଥିତ। କଥିତ ଅଛି ଯେ ମନୁଷ୍ୟ ପରି ଭଗବାନ ମଧ ରାମେଶ୍ୱରରେ ସ୍ନାନ କରି ଆଭୂଷଣ ବିମଣ୍ଡିତ ହୁଅନ୍ତି ଦ୍ୱାରକାରେ, ଶ୍ରୀକ୍ଷେତ୍ରରେ ଷାଠିଏ ପଉଟି ଭୋଜନ କରି ବଦ୍ରିକାର ନିଷ୍କଳ ଅଞ୍ଚଳରେ ସୁଖ ନିଦ୍ରା ଯାଇଥାନ୍ତି। କାର୍ତ୍ତିକଠାରୁ ବୈଶାଖ ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ଛଅମାସ କାଳ ବଦ୍ରୀନାଥ ମନ୍ଦିର ଦ୍ୱାର ବନ୍ଦ ରହେ।

ଅଦ୍ୱୈତ ମତବାଦର ପ୍ରଣେତା ଆଦି ଶଙ୍କରାଚାର୍ଯ୍ୟ ସ୍ୱପ୍ରତିଷ୍ଠିତ ସନ୍ନ୍ୟାସୀ ସଂପ୍ରଦାୟକୁ ଦଶ ଭାଗରେ ଯଥା- ତୀର୍ଥ, ଆଶ୍ରମ, ବନ, ଅରଣ୍ୟ, ଗିରି, ପର୍ବତ, ସାଗର, ପୁରୀ, ଭାରତୀ ଓ ସରସ୍ୱତୀ, ବିଭକ୍ତ କରି ସେମାନଙ୍କ ବ୍ୟବହାର ପାଇଁ ଭାରତର ଚତୁର୍ଦ୍ଦିଗରେ ଚାରିଟି ମଠ ତାଙ୍କର ଚାରିଜଣ ଶିଷ୍ୟଙ୍କ ଅଧିନରେ ସ୍ଥାପନ କରିଥିଲେ ଓ ପ୍ରତ୍ୟେକ ମଠରେ ଦେବ, ଆଚାର୍ଯ୍ୟ ଏବଂ ମଠ ସେବକ ବ୍ରହ୍ମଚାରୀ ନିଯୁକ୍ତ କରିଥିଲେ। ସେହି ଚାରିଗୋଟି ମଠ ଆଜି ପର୍ଯ୍ୟନ୍ତ ଶିଷ୍ୟ ପ୍ରଶିଷ୍ୟାନୁକ୍ରମେ ମଠଧାରୀ ମାନଙ୍କଦ୍ୱାରା ପରିଚାଳିତ ହୋଇ ଆସୁଅଛି। ପଶ୍ଚିମରେ ଦ୍ୱାରକାସ୍ଥିତ ଶାରଦା ମଠରେ ପୀଠାଧିକାରୀଙ୍କ ନାମ ହସ୍ତାମଲକାଚାର୍ଯ୍ୟ। ଦଶନାମୀ ସନ୍ନ୍ୟାସୀ ମାନଙ୍କ ମଧ୍ୟରୁ ତୀର୍ଥ ଓ ଆଶ୍ରମ ନାମଧାରୀ ସନ୍ନ୍ୟାସୀ ମାନଙ୍କ ବାସ ନିମିତ୍ତ ଏହି ମଠଟି ଉଦ୍ଦିଷ୍ଟ। ପୂର୍ବରେ ପୁରୀସ୍ଥିତ ଗୋବର୍ଦ୍ଧନ ମଠରେ ପୀଠାଧିକାରୀଙ୍କ ନାମ ପଦ୍ମପାଦାଚାର୍ଯ୍ୟ। ବନ ଓ ଅରଣ୍ୟ ନାମଧାରୀ ସନ୍ନ୍ୟାସୀ ମାନଙ୍କ ନିମିତ୍ତ ଏହି ମଠଟି ଉଦ୍ଦିଷ୍ଟ। ଉତ୍ତରରେ ବଦରିକାଶ୍ରମସ୍ଥିତ ଯୋଶୀ ମଠ ବା ଜ୍ୟୋତିଃ ମଠରେ ପୀଠାଧିକାରୀଙ୍କ ନାମ ତ୍ରୋଟକାଚାର୍ଯ୍ୟ। ଗିରି, ପର୍ବତ ଓ ସାଗର ନାମଧାରୀ ସନ୍ନ୍ୟାସୀମାନଙ୍କ ବାସ ନିମିତ୍ତ ଏହି ମଠଟି ଉଦ୍ଦିଷ୍ଟ। ଦକ୍ଷିଣରେ ଶୃଙ୍ଗେରୀ ଯଥା ଋଷ୍ୟଶୃଙ୍ଗାଶ୍ରମ ମଠରେ ପୀଠାଧିକାରୀଙ୍କ ନାମ ସୁରେଶ୍ୱରାଚାର୍ଯ୍ୟ। ପୁରୀ, ଭାରତୀ ଓ ସରସ୍ୱତୀ ନାମଧାରୀ ସନ୍ନ୍ୟାସୀ ମାନଙ୍କ ବାସାର୍ଥେ ଏହା ଉଦ୍ଦିଷ୍ଟ।

ଜଗନ୍ନାଥ ମନ୍ଦିର ଯାହା ବଡ଼ଦେଉଳ, ଶ୍ରୀମନ୍ଦିର ନାମରେ ମଧ ଜଣା ଓଡ଼ିଶାର ପୁରୀ ସହରର ମଧଭାଗରେ ଅବସ୍ଥିତ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ପୂଜିତ ହେଉଥିବା ଏକ ପୁରାତନ ଦେଉଳ। ଓଡ଼ିଶାର ସଂସ୍କୃତି ଏବଂ ଜୀବନ ଶୈଳୀ ଉପରେ ଏହି ମନ୍ଦିରର ସବିଶେଷ ସ୍ଥାନ ରହିଛି। କଳିଙ୍ଗ ସ୍ଥାପତ୍ୟ କଳାରେ ନିର୍ମିତ ଏହି ଦେଉଳ ବିଶ୍ୱର ପୂର୍ବ-ଦକ୍ଷିଣ ଯାହାକୁ ଅଗ୍ନିକୋଣରେ ଭାରତ, ଭାରତର ଅଗ୍ନିକୋଣରେ ଓଡ଼ିଶା, ଓଡ଼ିଶାର ଅଗ୍ନିକୋଣରେ ଅବସ୍ଥିତ ପୁରୀ, ପୁରୀର ଅଗ୍ନିକୋଣରେ ଶ୍ରୀବତ୍ସଖଣ୍ଡଶାଳ ରୀତିରେ ନିର୍ମିତ ବଡ଼ଦେଉଳ ଏବଂ ବଡ଼ଦେଉଳର ଅଗ୍ନିକୋଣରେ ରୋଷଶାଳା, ଯେଉଁଠାରେ ମନ୍ଦିର ନିର୍ମାଣ କାଳରୁ ଅଗ୍ନି ପ୍ରଜ୍ଜ୍ୱଳିତ ହୋଇଥାଏ। ଏହା ମହୋଦଧିତୀରେ ଥିଲେ ହେଁ ଏଠାରେ କୂଅ ଖୋଳିଲେ ଲୁଣପାଣି ନ ଝରି ମଧୁରଜଳ ଝରିଥାଏ। ୧୯୭୫ ମସିହାରେ ଶ୍ରୀମନ୍ଦିରକୁ ଜାତୀୟ କୀର୍ତ୍ତି ରୂପେ ଘୋଷଣା କରାଯାଇଛି। ଦ୍ୱାଦଶ ଶତାବ୍ଦୀରେ ଗଙ୍ଗ ବଂଶର ରାଜା ଅନଙ୍ଗବର୍ମା ଚୋଡ଼ଗଙ୍ଗ ଦେବ ବର୍ତ୍ତମାନ ବଡ଼ଦାଣ୍ଡ ପତନଠାରୁ ୨୧୪ ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଶ୍ରୀମନ୍ଦିର କାର୍ଯ୍ୟ ଆରମ୍ଭ କରିଥିଲେ ଓ ଅନଙ୍ଗ ଭୀମଦେବ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ଶ୍ରୀବିଗ୍ରହମାନଙ୍କୁ ଅଧିଷ୍ଠିତ କରାଇଥିଲେ।



ଏହା ଦଶ ଏକର ଆୟତନ ବିଶିଷ୍ଟ ଜମି ଉପରେ ଅବସ୍ଥିତ। ୧୪୫୨ ଖ୍ରୀଷ୍ଟାବ୍ଦରେ ଗଜପତି କପିଳେନ୍ଦ୍ର ଦେବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ମେଘନାଦ ପାଚେରୀର ନିର୍ମାଣ କରାଇଥିଲେ। ଏହାର ଦୈର୍ଘ୍ୟ ୬୬୫ ଫୁଟ ଓ ପ୍ରସ୍ଥ ୬୪୦ ଫୁଟ, ଉଚ୍ଚତା ୨୨ ଫୁଟ ଓ ସ୍ଥାନେ ସ୍ଥାନେ ୨୦ରୁ ୨୪ ଫୁଟ ଉଚ୍ଚତା ମଧ ରହିଥିବା ଦେଖାଯାଇଛି। ମେଘନାଦ ପାଚେରି ପରେ କୂର୍ମ ବେଢ଼ାର ଦୈର୍ଘ୍ୟ ୪୨୦ ଫୁଟ,୩୫୦ ଫୁଟ ପ୍ରସ୍ଥ ଓ ୨୦ ଫୁଟ ଉଚ୍ଚତାରେ ନିର୍ମିତ ହୋଇଛି।

ଶ୍ରୀମନ୍ଦିରର ଶୋଭା ନୀଳଚକ୍ର ବୃଦ୍ଧି କରୁଛି ଓ ଏହା ଉପରେ ପତିତପାବନ ବାନା ଫର ଫର ହୋଇ ଉଡି ଅଗଣିତ ଭକ୍ତ, ପାପୀ ତପୀଙ୍କୁ ନିଜ ପାଖକୁ ଟାଣି ଆଣି ଅଭୟ ଦେଉଛି ଓ ଶରଣ ପଞ୍ଜର ନାମକୁ ସାର୍ଥକ କରୁଛି। ବର୍ତ୍ତମାନର ଶ୍ରୀମନ୍ଦିର ଗଙ୍ଗବଂଶୀୟ ରାଜା ଚୋଡ଼ଗଙ୍ଗଙ୍କଦ୍ୱାରା ନିର୍ମିତ ଓ ଏହା ଏକାଦଶ ଶତାବ୍ଦୀର ବିଷୟ। ଏଥିପୂର୍ବରୁ ଶ୍ରୀମନ୍ଦିରର ନାଭିକଟା ମଣ୍ଡପ ଓ ଶ୍ରୀଜଗନ୍ନାଥଙ୍କ ପାଦୁକାନଳା ମଧବର୍ତ୍ତୀ ସ୍ଥାନରେ ଦକ୍ଷିଣାଭିମୁଖୀ ଭାବେ ଅବସ୍ଥିତ ଥିବା ଜଣାଯାଏ। ଉକ୍ତ ମନ୍ଦିରର କଳା ଓ ଭାସ୍କର୍ଯ୍ୟ ଖ୍ରୀଷ୍ଟୀୟ ଦ୍ୱିତୀୟ କିମ୍ବା ତୃତୀୟ ଶତକର ବୋଲି କେହି କେହି ପ୍ରତ୍ନତାତ୍ତ୍ୱିକ ପରିଦୃଶ୍ୟମାନ ଭଗ୍ନ ମନ୍ଦିରର ମୂଳଭିତ୍ତିରୁ ଅନୁମାନ କରନ୍ତି। ଏହି ମନ୍ଦିରର ମୂଳଭିତ୍ତି ଉପରେ ବର୍ତ୍ତମାନ ଅମୁହାଁ ଦେଉଳ ବା ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଅବସ୍ଥିତ। ବର୍ତ୍ତମାନ ମଧ ଏହି ମନ୍ଦିରର ମୁଖ ଶ୍ରୀଜଗନ୍ନାଥଙ୍କ ବାହାର ଗମ୍ଭୀରା ବା ଜଗମୋହନ ଦିଗକୁ ରହିଛି। ପୂର୍ବ ଦିଗସ୍ଥ ଜୟବିଜୟ ଦ୍ୱାର ବ୍ୟତୀତ ଭକ୍ତ ଗମ୍ଭୀରାକୁ ଗମନାଗମନର ଅପର ଏକ ଦ୍ୱାର ଦକ୍ଷିଣାଭିମୁଖରେ ଅବସ୍ଥିତ। ବେଢ଼ା ମଧ୍ୟରୁ ଭକ୍ତ ଦ୍ୱାର ଦେଇ ପ୍ରବେଶ କରିବାକୁ ହେଲେ ଦ୍ୱାରଦେଶରେ ପହଞ୍ଚିବା ନିମନ୍ତେ କେତୋଟି ପାହାଚ ଚଢ଼ିବାକୁ ପଡେ। ଉକ୍ତ ପାବଚ୍ଛ ଶ୍ରେଣୀର ଉଭୟ ପାର୍ଶ୍ୱରେ ଦୁଇଟି ସିଂହମୂର୍ତ୍ତି ବିଦ୍ୟମାନ। ତେଣୁ ଏହାକୁ ଏକ ସିଂହଦ୍ୱାର କୁହାଯାଇପାରେ। ଦ୍ୱାର ପ୍ରବେଶ ପଥର ପୂର୍ବରେ ମାଜଣା ମଣ୍ଡପ ଓ ପଶ୍ଚିମରେ ଦକ୍ଷିଣି ଘର ଅବସ୍ଥିତ। ଭକ୍ତ ପ୍ରବେଶ ପଥର ଅନତି ଦୂରର ଦକ୍ଷିଣରେ ମୁକ୍ତିମଣ୍ଡପ, ଯେଉଁ ସ୍ଥାନରେ କି ଝୁଲଣଯାତ୍ରା ଅନୁ ଷ୍ଠିତ ହୋଇଥାଏ। ମୁକ୍ତି ମଣ୍ଡପର ପଶ୍ଚିମ ଦିଗରେ ଶ୍ରୀନୃସିଂହ ମନ୍ଦିର ବା ପୁରୁଷୋତ୍ତମ ମନ୍ଦିର ଏବଂ ପୂର୍ବ ଦିଗରେ କ୍ଷେତ୍ରପାଳ ମନ୍ଦିର ରହିଛି। କ୍ଷେତ୍ରପାଳ ମନ୍ଦିରର ମୁଖ ଦକ୍ଷିଣ ଦିଗକୁ ଏବଂ ଏହି ମନ୍ଦିରରେ ଶକ୍ତି ଯୁକ୍ତ ଶିବଲିଙ୍ଗ ପୂଜା ପାଉଥିଲେ ମଧ ବିଗ୍ରହର ପଶ୍ଚାତ ଭାଗର ଭିତ୍ତିଚିତ୍ର ଶିବଙ୍କର ନହୋଇ ଭୈରବ ନାମରେ ଅଭିହିତ। ମନ୍ଦିରର ତିନି ପାର୍ଶ୍ୱରେ କାର୍ତ୍ତିକ, ପାର୍ବତୀ ଓ ଗଣେଶଙ୍କ ପରିବର୍ତ୍ତେ ନୃମୁଣ୍ଡମାଳିନୀ ଖଡ୍ଗଧାରିଣୀ ଭୈରବୀ ମୂର୍ତ୍ତିମାନ ରହିଛନ୍ତି। ଏଥି ମଧ୍ୟରୁ ପୂର୍ବ ପାର୍ଶ୍ୱଗଡ଼ା ଭୈରବୀ କୁତାମଚଣ୍ଡୀ ରୂପେ ସର୍ବଜନ ପରିଚିତା ଓ ଆରାଧିତା ଅଟନ୍ତି। ମନ୍ଦିରର ପୂର୍ବଦିଗରେ ଅନନ୍ତଶୟନ ବାସୁଦେବ, ଦକ୍ଷିଣ ପଶ୍ଚିମ କୋଣରେ ମୁକ୍ତେଶ୍ୱର ମହାଦେବ, ପଶ୍ଚିମରେ ମୁକ୍ତିମଣ୍ଡପ ଏବଂ ଉତ୍ତର ଦିଗରେ ସୂର୍ଯ୍ୟ ପୂଜା ମଣ୍ଡପାଦିଦ୍ୱାରା ପରିବେଷ୍ଟିତ ରହି ଏକ ପ୍ରକାର ଅବହେଳିତ ତଥା ଲୋକଲୋଚନର ଅଗୋଚରରେ ରହିଛି। କିମ୍ବଦନ୍ତୀ ମତେ ଭାନୁଦେବ ନାମରେ ଜଣେ ନିଃସନ୍ତାନ ରାଜା ଜମ୍ବେଶ୍ୱରଙ୍କୁ ଆରାଧନା କରି ସୁନ୍ଦର ପୁତ୍ର ସନ୍ତାନଟିଏ ଲାଭକଲେ। ଜାତକ ତିଆରି କଲାବେଳେ ରାଜା ଜାଣିଲେ ତାଙ୍କ ପୁତ୍ରର ଆୟୁଷ କେବଳ ୨୨ବର୍ଷ। ପୁତ୍ରର ଅଳ୍ପାୟୁ ବାବଦରେ ଅବଗତ ହୋଇ ରାଜା ଭାନୁଦେବ ପୁନଶ୍ଚ ଜମ୍ବେଶ୍ୱରଙ୍କୁ ଆରାଧନା କଲେ। ଜମ୍ବେଶ୍ୱର ରାଜାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀମନ୍ଦିର ଭିତରେ ବାଇଶି ପାହାଚ ନିର୍ମାଣ କରିବାକୁ ଆଜ୍ଞା ଦେଲେ। ରାଜା ବାଇଶି ପାହାଚ ନିର୍ମାଣ କରି ତାଙ୍କ ସନ୍ତାନର ଆୟୁ ବୃଦ୍ଧି ପାଇଁ ସେହି ବାଇଶି ପାହାଚରେ ଗଡ଼ାଇ ଦେଇଥିଲେ। ଶ୍ରଦ୍ଧାଳୁମାନେ ସେଥିପାଇଁ ନିଜ ନିଜ ପିଲାମାନଙ୍କର ଆୟୁଷ ବୃଦ୍ଧି ନିମନ୍ତେ ବାଇଶି ପାହାଚରେ ଗଡ଼ାଇ ଦେଇଥାନ୍ତି।

ମୁଖ୍ୟ ଦେଉଳଟି ପଞ୍ଚରଥ ଶୈଳୀରେ ନିର୍ମିତ। ଦେଉଳ ଚାରିପଟେ "ମେଘନାଦ ପାଚେରୀ" ଯାହା ୬୬୫ଫୁଟ ଦୈର୍ଘ୍ୟ, ୬୪୦ଫୁଟ ପ୍ରସ୍ଥ ଓ ୨୦ରୁ ୨୪ଫୁଟ ଉଚ୍ଚତା ରହିଛି। ମେଘନାଦ ପାଚେରୀ ଭିତର ପଟେ "କୂର୍ମ ପାଚେରୀ" ଯାହା ୪୨୦ଫୁଟ ଦୈର୍ଘ୍ୟ ଓ ୩୧୫ଫୁଟ ପ୍ରସ୍ଥ ନାମକ ଆଉ ଏକ ପାଚେରୀ ରହିଛି। କୂର୍ମ ପାଚେରୀ ମଝିରେ ଥିବା "କୂର୍ମବେଢ଼ା" ମଝି ଭାଗରେ ବଡ଼ଦେଉଳ। ଦେଉଳଟି ଚାରି ଭାଗରେ ବିଭକ୍ତ। ବିମାନ ଯାହାକୁ ମୁଖ୍ୟ ମନ୍ଦିର ବା ଗର୍ଭଗୃହ କୁହଯାଏ। ତାପରେ ଜଗମୋହନ ବା ମୁଖଶାଳା। ତାପରେ ନାଟମଣ୍ଡପ .ଶେଷରେ

ଭୋଗମଣ୍ଡପ। ଭୋଇବଂଶ ପ୍ରଥମ ରାଜା ରାମଚନ୍ଦ୍ର ଦେବଙ୍କ ସମୟରେ ମନସିଂହଙ୍କ ପତ୍ନୀ ଗୌରୀ ମହାଦେବୀ ମୁକ୍ତିମଣ୍ଡପର ନିର୍ମାଣ କରାଇଥିଲେ। ୩୮ ଫୁଟ ଦୈର୍ଘ୍ୟ ଓ ୩୮ ଓସାରର ଓ ୧୬ଟି ସ୍ତମ୍ଭ ବିଶିଷ୍ଟ ମୁକ୍ତି ମଣ୍ଡପ ନିର୍ମାଣ କରାଯାଇଥିଲା। ଶ୍ରୀମନ୍ଦିର ଗର୍ଭଗୃହର ଆକାର ଉଭୟ ଲମ୍ବ ଓ ପ୍ରସ୍ଥରେ ୩୦ ଫୁଟ ଲେଖାଁଏ ଓ ଉଚ୍ଚତା ୪୮ ଫୁଟ। ଗର୍ଭଗୃହରେ ପ୍ରତିଷ୍ଠିତ ରତ୍ନସିଂହାସନ ଯାହା ୧୬ଫୁଟ ଦୈର୍ଘ୍ୟ, ୧୩ଫୁଟ ପ୍ରସ୍ଥ ଓ ୪ଫୁଟ ଉଚ୍ଚତା ଉପରେ କାଷ୍ଠ ନିର୍ମିତ କନକ ମୁଣ୍ଡି ରହିଛି। ଜଗମୋହନର ଉଚ୍ଚତା ୧୦୦ ଫୁଟ।] କନକ ମୁଣ୍ଡିର ତଳେ ଏକ ବିରାଟ ଚାନ୍ଦୁଆ ଆବରଣ ହୋଇଛି। ଏହି ରତ୍ନବେଦୀ ଉପରେ ତିନୋଟି କଳା ମୁଗୁନି ପ୍ରସ୍ତରର ଚକା ରହିଛି, ଯାହା ଉପରେ ଚତୁର୍ଦ୍ଧା ଦାରୁମୂର୍ତ୍ତି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଅଧିଷ୍ଠିତ ହୋଇଛନ୍ତି। ଚତୁର୍ଦ୍ଧା ଦାରୁମୂର୍ତ୍ତିଙ୍କ ସହ ନୀଳମାଧବ ଏବଂ ଶ୍ରୀଦେବୀ ଯାହା ଲକ୍ଷ୍ମୀଙ୍କ ସୁବର୍ଣ୍ଣ ମୂର୍ତ୍ତୀ ଓ ଭୂଦେବୀ ଯାହା ସରସ୍ୱତୀଙ୍କ ରୂପା ମୂର୍ତ୍ତି ମଧ ରତ୍ନସିଂହାସନାସୀନା ରତ୍ନସିଂହାସନ ଚାରିପଟେ ପରିକ୍ରମା କରିବା ପାଇଁ ବାଟ ଅଛି। ଶ୍ରୀମନ୍ଦିର ରୋଷ ଘରେ ସ୍ୱତ୍ତ୍ୱଲିପି ମୁତାବକ ୨୪୦ଟି ଚୂଲି ଅଛି ଓ ସେଥିମଧ୍ୟରୁ ଚୂଲି କୋଠ ଭୋଗ ଚୂଲି ରୂପେ ପରିଚିତ। ଶ୍ରୀମନ୍ଦିରରେ ବିରାଜିତ ଶ୍ରୀବିଗ୍ରହମାନଙ୍କ ଉଦ୍ଦେଶ୍ୟରେ ନାନାଦି ନୈବେଦ୍ୟ ଭୋଗ ଲାଗି କରାଯାଇଥାଏ। ସେଥି ମଧ୍ୟରୁ ଦୁଇଟି ପ୍ରମୁଖ ନୈବେଦ୍ୟ ହେଉଛି ବଲ୍ଲଭ ଭୋଗ ଓ ସକାଳ ଧୂପ। ଏହିପରି ଆହୁରି ବହୁତ କିଛି ରହିଛି ପବିତ୍ର ପୁରୀ ଧାମରେ।


**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ୍: ୯୯୩୮୯୦୬୦୭୦**


# ଦଳାଚକଟା ମଣିଷକୃତ

**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**



ଏହା ନିଷ୍ଠୁର ସତ୍ୟ ଯେ, ଆମ ଦେଶରେ ଜୀବନ ଅତି ଶସ୍ତା। କୌଣସି କ୍ଷେତ୍ରରେ ଜୀବନ ହାନୀକୁ ସୁଯୋଗ ଦିଆଯିବ ନାହିଁ ବୋଲି ରାଜ୍ୟଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ଡିଣ୍ଡିମ ପିଟୁଥିବାବେଳେ ବାସ୍ତବ କ୍ଷେତ୍ରରେ ଏହା ପ୍ରତିଫଳିତ ହୁଏ ନାହିଁ, ଯେ କେହି ସ୍ୱୀକାର କରିବେ। ଜୀବନ ଶସ୍ତା-ଏଭଳି ଘଟଣା ବାରମ୍ବାର ସତ୍ୟରେ ପରିଣତ ହୋଇଛି। ଗତ ୩ତାରିଖ ଦିନ ରାତ୍ରିରେ ବେଙ୍ଗାଲୁରସ୍ଥିତ ଏମ.ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଘଟଣା ହେଉଛି, ଏହାର ଜ୍ୱଳନ୍ତ ଉଦାହରଣ ବୋଲି ନିସନ୍ଦେହରେ କୁହାଯାଇପାରିବ। ଦେଶରେ ଗଲା ଏକ ମାସରୁ ଅଧିକ ସମୟ ଧରି ଚାଲିଥିବା ଆଇପିଏଲ କ୍ରିକେଟ ମ୍ୟାଚର ଫାଇନାଲରେ ରୟାଲ ଚ୍ୟାଲେଞ୍ଜର ବେଙ୍ଗାଲୁର (ଆରସିବି) ଟିମର ବିଜୟ ଉତ୍ସବରେ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଦଳାଚକଟାରେ ୧୧ଜଣଙ୍କ ମୃତ୍ୟୁ ଘଟଣା ଏହି ସଂକେତ ପ୍ରଦାନ କରେ। ଏହା ସତ୍ୟ ଯେ, ଆଇପିଏଲ ଟ୍ରଫି ପାଇଁ ଆରସିବିକୁ ଦୀର୍ଘ ୧୮ବର୍ଷ ଧରି ଅପେକ୍ଷା କରିବାକୁ ପଡିଥିଲା। ଏହି ବଜୟ ନେଇ କର୍ଣ୍ଣାଟକରେ କେବଳ ଆରସିବି ନୁହେଁ କି କ୍ରିକେଟ ପ୍ରେମୀ ନୁହଁନ୍ତି, ସମଗ୍ର କର୍ଣ୍ଣାଟକରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ଏବଂ ଦଳମତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳଗୁଡିକର ଉତ୍ସାହ ବେଶ ପରିଲକ୍ଷିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ସିଦ୍ଧାରାମେୟଙ୍କ ଠାରୁ ଆରମ୍ଭ କରି ଉପ-ମୁଖ୍ୟମନ୍ତ୍ରୀ ଡି.କେ. ଶିବ କୁମାର, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜେଡିଏସ ନେତା ଏଚଡି କୁମାର ସ୍ୱାମୀ, ବିଜେପି ନେତା ଭି.ୟାଦୁରେପ୍ପାଙ୍କ ପର୍ଯ୍ୟନ୍ତ ସମସ୍ତ ଦଳର ନେତା ଓ କର୍ମୀଙ୍କ ଆରସିବିର ବିଜୟ ପାଇଁ ନିଜକୁ ଗର୍ବିତ ଅନୁଭବ କରୁଥିଲେ। ଫାଇନାଲ ମ୍ୟାଚ ଫଳାଫଳ ପରେ



ବିଜୟ ଉତ୍ସବ ପାଇଁ କୌଣସି ନିଷ୍ପତି ଗ୍ରହଣ କରାଯାଇନଥିବା ସତ୍ତ୍ୱେ ଆରସିବି ବିଜୟ ଉନ୍ମାଦନା ସତର୍କତାମୂଳକ ପଦକ୍ଷେପ ପଦକ୍ଷେପ ବିନା ଯେପରି ବିଜୟ ଉତ୍ସବ ଅନୁଷ୍ଠିତ କରାଗଲା, ତାହା କେବଳ ଅପରିଣାମ ଦର୍ଶୀତାର ପରିଣାମ ହୋଇନାହିଁ ମୃତ୍ୟୁର ତାଣ୍ଡବ କରିଛି। ଏଣିକି ଉନ୍ମାଦନା ଶୋକାକୂଳ ପରିବେଶରେ ପରିଣତ ହୋଇଥିଲା। ଏଇ ସାଲ କପ ନାମଦୋ ଚଳିତ ବର୍ଷ ଆମର ଏହା ହିଁ ଲୋକଙ୍କ ସ୍ଲୋଗାନ। ଷ୍ଟାଡିୟମର ସାମର୍ଥ୍ୟ ମାତ୍ର ୩୫ ହଜାର ଥିବାବେଳେ ବିଜୟ ଉତ୍ସବ ଦେଖିବାକୁ ୨ଲକ୍ଷରୁ ଉଦ୍ଧ୍ୱର୍ ଲୋକ ସମବେତ ହୋଇଥିଲେ। ଭିଡ ଏତେ ମାତ୍ରାରେ ଥିଲା ଯେ, ଶେଷରେ ଦଳାଚକଟା ଘଟି ୧୧ଜଣଙ୍କ ମୃତ୍ୟୁ ଘଟିବା ସଙ୍ଗେ ସଙ୍ଗେ ୫୦ରୁ ଉଦ୍ଧ୍ୱର୍ ଗୁରୁତ୍ୱର ଭାବେ ଆହତ ହୋଇଛନ୍ତି। ଷ୍ଟାଡିୟମ ଭିତରେ ଓ ବାହାରେ ପଡିଥିବା ମାଳମାଳ ଚପଲ, ଯୋତା, ହାତ ଘଂଟା ଏବଂ ଅନ୍ୟାନ୍ୟ ସାମଗ୍ରୀ ଭିଡର ତୀବ୍ରତା ସଂକେତ ପ୍ରଦାନ କରେ। ଏହା ନିନ୍ଦେହ ଯେ, ଆମ ଦେଶରେ ଦଳାଚକଟା ଘଟଣା ନୂଆ ନୁହେଁ, ଗତବର୍ଷ ଆମେ ମହାକୁମ୍ଭ ମେଳା, ନୂଆଦିଲ୍ଲୀ ରେଳଷ୍ଟେସନରେ କୁମ୍ଭମେଳାକୁ ଯାଉଥିବା ଶ୍ରଦ୍ଧାଳୁ, ହାଥରସ ସମାବେଶ, ତିରୁପତି, ହାଇଦ୍ରାବାଦରେ ପୁଷ୍ପା-୨ ଚଳଚିତ୍ରର ପ୍ରମୋଶନ ଇଂଭେଟରେ ଦଳାଚକଟାରେ ମୃତ୍ୟୁର ତାଣ୍ଡବ ଦେଖିଛେ। ତେବେ ଏଭଳି ଘଟଣା ଆମକୁ ମହାନ ଶିକ୍ଷା ଦେଇଥିବା ବେଳେ ସେଥିରୁ ସରକାର କିମ୍ବା ପୋଲିସ କିଛି ଶିକ୍ଷା କରିପାରିନଥିବା ମନେହୁଏ। ଚିଦାସ୍ୱାମୀ ଷ୍ଟାଡିୟମରେ ଦଳାଚକଟା ଘଟଣାକୁ ଏଡାଯାଇପାରିଥାନ୍ତା। ଏହି ଘଟଣାକୁ ମଣିଷକୃତ ବୋଲି କୁହାଯାଇପାରିବ। ବେଙ୍ଗାଲୁର ଦଳାଚକଟା ଘଟଣା ପାଇଁ ସରକାର, ପୋଲିସ ଓ ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ବୋଲି କହିଲେ ଭୁଲ ହେବ ନାହିଁ। ପ୍ରଥମେ ବିଜୟ ଉତ୍ସବକୁ ବାତିଲ କରାଯାଇଥିବାବେଳେ ପରେ ଏଥିପାଇଁ ଅନୁମତି ଦିଆଗଲା କିପରି? ଏହା ନିସନ୍ଦେହ ଯେ, ସମ୍ଭାବ୍ୟ ଭିଡକୁ ବେଙ୍ଗାଲୁର ପୋଲିସ ପ୍ରଶାସନ ଆକଳନ କରିପାରିନଥିଲା କି କୌଣସି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିନଥିଲା। କେବଳ ପୋଲିସ ପ୍ରଶାସନ କିମ୍ବା ସରକାର ନୁହଁନ୍ତି, କ୍ରିକେଟ ପ୍ରେମୀଙ୍କ ଅତିଶୟ ଉନ୍ମାଦନା ଏଥିପାଇଁ ଦାୟୀ। ଏହା ସତ୍ୟ ଯେ, ଭିଡ ନିୟନ୍ତ୍ରଣ ସରକାର ଏବଂ ପୋଲିସର ଦାୟିତ୍ୱ କିନ୍ତୁ ସରକାର ତାଙ୍କ ଦାୟିତ୍ୱ ସଠିକ୍ ଭାବେ କରିନାହାଁନ୍ତି। ଯାହାର ପରିଣତି ସ୍ୱରୁପ ସାଧାରଣ ନାଗରିକଙ୍କୁ ଜୀବନ ଦେବାକୁ ପଡିଛି। ବିପନ୍ନ ପରିବାରଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦିଆଯିବା ଆବଶ୍ୟକ।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**


# ଭୌତିକ ସୁଖ ଓ ମାନସିକ ଶାନ୍ତି



**ଅଧ୍ୟାପକ ଧର୍ମେନ୍ଦ୍ର ନାଥ ପାତ୍ର**

ସୁଖ କେହି ନ ଚାହେଁ? ସମସ୍ତେ ସୁଖ ଚାହାନ୍ତି। କିନ୍ତୁ ପ୍ରତ୍ୟେକ ଙ୍କର ସୁଖକୁ ନେଇ ଦୃଷ୍ଟିଭଙ୍ଗୀ ଭିନ୍ନ ଭିନ୍ନ। କେହି କେହି ସୁଖ ଅନ୍ୱେଷଣ ରେ ଧାଇଁ ଧାଇଁ ଜୀବନ ସରିଯାଏ ସିନା ତାହା ଅନୁଭବ ନ କରିପାରିବାର ଦୁଃଖରେ ହିଁ ଡୁବି ରହିଥାନ୍ତି। ଆଉ କେହି କେହି ସୁଖ ପଛରେ ନ ପଡ଼ିଲେ ମଧ ସୁଖ ନିଜେ ଆସି ତାଙ୍କ ପଦ ଚୁମ୍ବନ କରେ। ଇଏ ହେଉଛି ସୁଖ ଅନୁଭବର ଏକ ରହସ୍ୟାତ୍ମକ ବ୍ୟାପାର। ମୁଖ୍ୟତଃ ଆମେ ଯଦି ବିଶ୍ଲେଷଣ କରିବା ସୁଖ ଭୌତିକ ଓ ଅଭୌତିକ ଭାବରେ ଦ୍ୱିବିଧ। ସଂସାରରେ ବୃହତ୍ ମଣିଷ ଗୋଷ୍ଠୀ ଟି ଯେଉଁ ସୁଖର ଅଧିକାରୀ ହେବାକୁ ଚାହାନ୍ତି ତାହା ହେଉଛି ଭୌତିକ। ରାଜା ବା ଶାସକ ଚାହେଁ ରାଜ୍ୟ ପରେ ରାଜ୍ୟ ଜୟ କରି ସାମ୍ରାଜ୍ୟ ବିସ୍ତାର କରିବାକୁ, ଭୋକରେ ଆଉଟୁ ପାଉଟୁ ହେଉଥିବା ଗରିବ ବ୍ୟକ୍ତିଟି ଚାହେଁ କିପରି ଦୁଇଓଳି ଉପଯୁକ୍ତ ପରିମାଣର ଦାନା ତା ପରିବାର ର ସମସ୍ତ ସଦସ୍ୟ ଙ୍କୁ ମିଳିବ, ଧନରେ ସାମାନ୍ୟ ଅଭାବ ନ ଥିବା ବିତ୍ତଶାଳୀ। ନିଃସନ୍ତାନ ମଣିଷ ଟି ଚାହେଁ ଉପଯୁକ୍ତ ସନ୍ତାନ ଟିଏ କୋଳ ମଣ୍ଡନ କଲେ ତାର ଜୀବନରେ ସୁଖ ଉଦୟ ହେବ, ମୌଳିକ ଆବଶ୍ୟକତା କୁ ମେଣ୍ଟାଇ ପାରୁଥିବା ସାଧାରଣ ମଣିଷ ଟେ ଆରାମପ୍ରଦ, ବିଳାସମୟ ଜୀବନ ର ସ୍ୱପ୍ନ ଦେଖେ। ସେଥିପାଇଁ ସେ କାମନା କରେ ପକ୍କା ଘର, ଯାନବାହନ ଆହୁରି ଅନେକ କିଛି ସାଧନ। ଏସବୁ ଚରିତାର୍ଥ କରିପାରିଲେ ଯେଉଁ ସୁଖ ମିଳିବ ବୋଲି ସେ ଆଶା କରିଥାଏ, ତାହା ହେଉଛି ଭୌତିକ। କିନ୍ତୁ ଭୌତିକ ସୁଖ କାମନା ର କିଛି ସୀମା ସରହଦ ନଥାଏ କାରଣ ଏହା ଭୋଗ୍ୟବସ୍ତୁ ଆଧାରିତ, ଯାହା ଥରେ ଚରିତାର୍ଥ ହେଲେ ପୁଣି ନୂଆ ରୂପରେ ଅଙ୍କୁରିତ ହୁଏ। ଏହାକୁ ହିଁ ଅର୍ଥଶାସ୍ତ୍ରବିତ୍ ଲିଅନେଲ ରବିନ୍ସ "HUMAN WANTS ARE UNLIMITED" ବୋଲି କହନ୍ତି। ଆଉ କେତେ ମଣିଷ ଅଳ୍ପ କିଛି କାମନା କରନ୍ତି ଯାହା କେବଳ ଜୀବନ ନିର୍ବାହ ପାଇଁ ଆବଶ୍ୟକ, ଚାରିପାଖ ରେ ଉପଲବ୍ଧ ସାଧନ କୁ ନେଇ ହିଁ ସେମାନେ ସନ୍ତୁଷ୍ଟ। ଇତିହାସ ପଢ଼ିଲେ ଆମେ ଦେଖୁ ଯେ ଆର୍ଯ୍ୟ ମାନେ ଭୌତିକ ସୁଖ ପ୍ରାପ୍ତି କୁ ଜୀବନରେ ବେଶି ଅଗ୍ରାଧିକାର ଦେଇନଥିଲେ। ସେମାନେ ଶାନ୍ତ ଅରଣ୍ୟ ପ୍ରକୃତିର ସୁରମ୍ୟ କୋଳ ରେ କୃଷି, ପଶୁ ପାଳନ, କୁଡ଼ିଆ ନିର୍ମାଣ କରି ଆଧାତ୍ମିକ ପରିବେଶ ଭିତରେ କାଳ ଯାପନ କରିବାକୁ ସୁଖକର ମଣୁଥିଲେ। ଅପରପକ୍ଷ ରେ ଦ୍ରାବିଡ଼ ମାନେ କିନ୍ତୁ ନଗର ଜୀବନ ର ପକ୍ଷାପାତୀ ଥିଲେ। ସେମାନେ ଏକ ସହରାଞ୍ଚଳ ଜୀବନ ଶୈଳୀ ର ବିକାଶ କରିଥିଲେ। ସେମାନଙ୍କର ଭୌତିକ ସମୃଦ୍ଧି ଶୃଙ୍ଖଳିତ ଓ ସନ୍ତୁଳିତ ଥିଲା ବୋଲି ସୂଚନା ମିଳେ। ସ୍ୱାମୀ ବିବେକାନନ୍ଦ ଯେତେବେଳେ ବିଶ୍ୱ ଧର୍ମସଭା ରେ ଯୋଗ ଦେବା ପାଇଁ ଭାରତରୁ ଜଣେ ପ୍ରତିନିଧି ରୂପେ ଯୁକ୍ତରାଷ୍ଟ୍ର ଆମେରିକା ଯାଇଥିଲେ , ସେତେବେଳେ ସେ କିପରି ସେ ଦେଶର ଭୌତିକ ସଭ୍ୟତାର ବିକାଶ ଓ ଉଦ୍ଭାବିକା ଶକ୍ତି ର ପ୍ରାଚୁର୍ଯ୍ୟ ସନ୍ଦର୍ଶନ ରେ ଜଣେ ସନ୍ଥ ହୋଇ ମଧ ଅଭିଭୂତ ହୋଇପଡ଼ିଥିଲେ , ତାହା ଫରାସୀ ଲେଖକ ରୋମାଁ ରୋଲା ଙ୍କ ଲେଖାରୁ ଜାଣିହୁଏ।

ଭୌତିକ ସୁଖର ମଧ ଜୀବନ ରେ ଆବଶ୍ୟକତା ରହିଛି। କିନ୍ତୁ ତାହା ଗୋଟିଏ ସୀମା ଭିତରେ ରହିଲେ ହିଁ ମନୁଷ୍ୟ ସୁଖ ଓ ଶାନ୍ତିର ଅଧିକାରୀ ହୋଇ ପାରିବ। ମଣିଷ ର ଭୌତିକ ଆବଶ୍ୟକତା ବଢ଼ିଲେ ତାହା ପ୍ରକୃତି ଉପରେ ହିଁ ଚାପ ପକାଇବ ନିଜର ସମସ୍ତ ଖୁସି ପ୍ରାପ୍ତ କରିବା ପାଇଁ ବେଶି ବେଶୀ ଅଟ୍ଟାଳିକା, ରାସ୍ତା , ଶିଳ୍ପ ଗଢ଼ି ଉଠିଲେ ଅରଣ୍ୟ, ପର୍ବତ, ନଈ ଉପରେ ତାର କୁପ୍ରଭାବ ପଡ଼ିବ । ଜନସଂଖ୍ୟା ବୃଦ୍ଧି ପ୍ରୟୋଜନୀୟ ବସ୍ତୁ ର ଚାହିଦା ବୃଦ୍ଧି କରୁଛି ଓ ତଦନୁଯାୟୀ ପ୍ରକୃତି ଉପରେ ଚାପ କୁ ତ୍ୱରାନ୍ୱିତ କରି ଚାଲିଚି। ଫଳରେ ଭୌତିକ ସୁଖ ପଛରେ ଅଣନିଃଶ୍ୱାସୀ ହୋଇ ଗୋଡ଼େଇ ଚାଲିଥିବା ମଣିଷ ପାଇଁ ଆଜି ପ୍ରକୃତି ସଙ୍କୁଚିତ ହୋଇ ସାରିଲାଣି ଓ ତାର କାମନା ପୂରଣ କରିବାରେ ନିରୁପାୟ ମଧ। କୁଟୀର ଶିଳ୍ପ (COTTAGE INDUSTRY) ଅର୍ଥନୀତି ସପକ୍ଷରେ ଯୁକ୍ତି ରଖୁଥିବା ମହାତ୍ମା ଗାନ୍ଧୀ ଥରେ ଏ ବିଷୟ ରେ ସତର୍କବାଣୀ ଶୁଣାଇ ରଖିଥିଲେ "THE WORLD IS ENOUGH FOR THE NEED OF HUMAN BEING BUT NOT FOR THE GREED." ଅର୍ଥାତ୍ ମଣିଷ ର ବଞ୍ଚିବା ପାଇଁ ଯାହା କିଛି ଉପାଦାନ ର ଆବଶ୍ୟକତା ରହିଛି, ତା ପାଇଁ ଏ ପୃଥିବୀ ବିଶାଳ ଅଟେ, କିନ୍ତୁ ଲୋଭ ପାଇଁ ବହୁତ ଛୋଟ।

ଆଜିର ବିଜ୍ଞାନଭିତ୍ତିକ ଯୁଗରେ ଭୌତିକ ବିକାଶ କୁ ବାଦ୍ ଦେଇ କେହି ଦେଶ କି ବ୍ୟକ୍ତି ଆଗକୁ ବଢ଼ି ପାରିବେ ନାହିଁ କିନ୍ତୁ ବିକାଶର ହାର ରେ ଉଗ୍ରତା ବୃଦ୍ଧି ପାଇଲେ ଆମର ବିନାଶ ସୁନିଶ୍ଚିତ। ଏକଥା ବି ଜାଣି ରଖିବା ଦରକାର। ଆମେ ନିଃଶ୍ୱାସ ନେଉଥିବା ଆମ ଚତୁର୍ପାର୍ଶ୍ୱର ପ୍ରାକୃତିକ ପରିମଣ୍ଡଳଟିକୁ ହାନି ନ ପହୁଞ୍ଚାଇ ଯେଉଁ ଭୌତିକ ବିକାଶ ହେବ ତଜ୍ଜନିତ ସୁଖ ହିଁ ଆମ ମନରେ ପ୍ରକୃତ ଶାନ୍ତି ପ୍ରଦାନ କରିବ। ସୁତରାଂ ଆଜିର ସଚେତନଶୀଳ ଅର୍ଥଶାସ୍ତ୍ରୀ ଜେଫ୍ରୀ ସାକ୍ସ୍, ପାର୍ଥ ଦାସଗୁପ୍ତ, ହର୍ମାନ୍ ଡାଲି, ଷ୍ଟିଗଲିଜ୍ ପ୍ରମୁଖ ଜୀବନ ଧାରଣୀୟ ବିକାଶ (SUSTAINABLE DEVELOPMENT) ପ୍ରସଙ୍ଗ ଉଠାଇଛନ୍ତି, ଯଦ୍ୱାରା ଆର୍ଥନୀତିକ ବିକାଶ ସାଙ୍ଗକୁ ପ୍ରାକୃତିକ ଭାରସାମ୍ୟ ରେ କୌଣସି ବ୍ୟତିକ୍ରମ ଯେପରି ନ ଘଟେ।

ମଣିଷ ର ଉଦଗ୍ର ଲାଳସା ଯୋଗୁଁ ଆଜି ପୃଥିବୀ ରୁ ପର୍ଯ୍ୟାପ୍ତ ପରିମାଣ ର ଜଙ୍ଗଲ, ପର୍ବତ, ଭୂତଳ ଜଳ , ଖଣିଜ ସଂପଦ ସରି ସରି ଆସିଲାଣି। ସେଥିପାଇଁ ଆଜି ଅଙ୍ଗାର କାମ୍ଳ ବୃଦ୍ଧି, ଓଜନ ସ୍ତରରେ ଫାଟ, ତାପମାତ୍ରା ବୃଦ୍ଧି, ପୃଥିବୀ ର ଅକ୍ଷରେ ଅସନ୍ତୁଳନ ,ଆଦି ଅଭାବିତ ସମସ୍ୟା ଦେଖା ଦେଇଛି। ପରିତାପର ବିଷୟ ଯେ ପୂର୍ବରୁ ଆମେ କମ୍ ସଂଖ୍ୟକ ମଣିଷ ଥିଲେ ବିଶାଳ ବିଶ୍ୱ ଭୋଗ କରୁଥିଲେ ଅଥଚ ଅଧିକ ଲୋକ ଙ୍କ ସମ୍ମୁଖ ରେ ଆଜି ବିଶ୍ୱ ଛୋଟ ପଡ଼ିଯାଇଛି। ଯେତେ ଭୌତିକ ସମୃଦ୍ଧି ହାସଲ କଲେ ବି ଆମେ ପ୍ରକୃତ ରେ କଣ ଏ ଅବସ୍ଥାରେ ମାନସିକ ଶାନ୍ତି ପ୍ରାପ୍ତ କରିପାରିବା!

ପୃଥିବୀ ରେ ସୁଖ ଶାନ୍ତି ଭୋଗ ପାଇଁ କଣ ନାହିଁ? ତିନି ଭାଗ ଜଳ ଅଧିକୃତ ଅଞ୍ଚଳ ଥାଇ ମଧ ଆଞ୍ଜୁଳେ ଜଳ ଖୋଜିବା ପାଇଁ ମଣିଷ ଆଜି ଗ୍ରହ ଗ୍ରହାନ୍ତର ଭ୍ରମଣ କରୁଛି। ଏତେ ନଦ ନଦୀ ଥାଇ ମଧ ନିଜ ମନ୍ଦ ଓ ଅନୁଚିତ କାର୍ଯ୍ୟ ଯୋଗୁଁ ତାକୁ ଜଳ କଷ୍ଟ ଭୋଗିବାକୁ ପଡୁଛି। ମାନବ ଭିନ୍ନ ଅନ୍ୟ ପ୍ରାଣୀମାନେ ପ୍ରକୃତି ର ସନ୍ତୁଳନ ରେ ସାହାଯ୍ୟ କରୁଥିବା ବେଳେ ମଣିଷ ଏହାକୁ ବିଗାଡିବାରେ ପାଶ୍ଚାତ ପଦ ହେଉନାହିଁ। ବେଳ ଥାଉ ଥାଉ ମଣିଷ ନିଜ ଆଚରଣ ରେ ପରିବର୍ତ୍ତନ ଆଣିବା ଆବଶ୍ୟକ ନଚେତ୍ ଭବିଷ୍ୟତ ରେ ଏଥିପାଇଁ ତାକୁ ବହୁତ ମୂଲ୍ୟ ଦେବାକୁ ପଡ଼ିବ।


**ମୋବାଇଲ୍: ୯୪୩୮୫୯୨୩୨୮**

# ପିନାକୀ-ମହୁଆଙ୍କ ରୋମାଣ୍ଟିକ ଡ୍ୟାନ୍ସ ଭିଡିଓ ଭାଇରାଲ



**ନୂଆଦିଲ୍ଲୀ, ୮।୬:** ଭାଇରାଲ ହେଉଛି ଟିଏମସି ସାଂସଦ ମହୁଆ ମୋଇତ୍ରା ଏବଂ ବିଜେଡି ପୂର୍ବତନ ସାଂସଦ ପିନାକୀ ମିଶ୍ରଙ୍କ ଡ୍ୟାନ୍ସ ଭିଡିଓ। ଯେଉଁଥିରେ ଉଭୟ ନାଚଗୀତରେ ମସଗୁଲ ଥିବା ଦେଖିବାକୁ ମିଳିଛି। ବଲିଉଡ୍‌ର ପୁରୁଣା ଗୀତ 'ରାତ୍ କେ ହମସଫର'ରେ ଉଭୟେ ନାଚୁଥିବାର ଦେଖିବାକୁ ମିଳିଛି । ଦୁହେଁ ଖୁବ ଉତ୍ସାହର ସହିତ ତାଳରେ ତାଳ ମିଶାଇ ନାଚିବା ସହ ଉପଭୋଗ କରୁଥିବା ନଜର ଆସିଛନ୍ତି। ଏହି ଭିଡିଓଟି ସେମାନଙ୍କ ବିବାହ କାର୍ଯ୍ୟକ୍ରମ ସମୟର ବୋଲି କୁହାଯାଉଛି। ପିନାକୀ ଓ ମହୁଆଙ୍କ ଏହି ରୋମାଣ୍ଟିକ ଡ୍ୟାନ୍ସ ଭିଡିଓକୁ ନେଇ ଏବେ ବେଶ ଚର୍ଚ୍ଚା। ଉଭୟଙ୍କ କେମେଷ୍ଟ୍ରିକୁ ସମସ୍ତେ ପସନ୍ଦ କରିବା ସହ ନବଦମ୍ପତିଙ୍କୁ ଶୁଭକାମନା ଜଣାଇଛନ୍ତି । ଏହି ଦମ୍ପତି ମେ ୩ ତାରିଖରେ ଜର୍ମାନୀର ବର୍ଲିନରେ ଏକ ଶାନ୍ତ ପରିବେଶରେ ବିବାହ କରିଥିଲେ। ପଶ୍ଚିମବଙ୍ଗର କୃଷ୍ଣନଗର ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ମୌଇତ୍ରା ଓ ଓଡ଼ିଶାର ପୁରୀରୁ ବରିଷ୍ଠ ପୂର୍ବତନ ଏମପି ପିନାକୀ ଏହି ବିବାହକୁ ଅତ୍ୟନ୍ତ ବ୍ୟକ୍ତିଗତ ରଖିଥିଲେ, ଯେଉଁଥିରେ କେବଳ ନିକଟ ବନ୍ଧୁ ଓ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଭିଡିଓ କ୍ଲିପ୍ ରାଜନୈତିକ ସହକର୍ମୀ ଓ ଶୁଭେଚ୍ଛୁଙ୍କଠାରୁ ଅଭିନନ୍ଦନର ଏକ ଲହରୀ ସୃଷ୍ଟି କରିଛି, ଅନେକ ଏହି ଅପ୍ରତ୍ୟାଶିତ କିନ୍ତୁ ହୃଦୟସ୍ପର୍ଶୀ ଯୋଡ଼ିଙ୍କ ବିଷୟରେ ମନ୍ତବ୍ୟ ଦେଇଛନ୍ତି। ମୋଇତ୍ରା ମଧ୍ୟ ଶୁଭେଚ୍ଛୁଙ୍କୁ ସେମାନଙ୍କ ଶୁଭେଚ୍ଛା ଓ ଆଶୀର୍ବାଦ ପାଇଁ ଧନ୍ୟବାଦ ଜଣାଇଛନ୍ତି।

## ୧୭ ବର୍ଷର ପରିଶ୍ରମ ସାକାର

# ମାଧବୀ ଲତାଙ୍କ ସ୍ୱପ୍ନ 'ଚେନାବ'



**ନୂଆଦିଲ୍ଲୀ, ୮।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଚେନାବ ନଦୀ ଉପରେ ବିଶ୍ୱର ସର୍ବୋଚ୍ଚ ରେଳ ସେତୁ ଉଦ୍‌ଘାଟନ କରିଛନ୍ତି। ଏହି ଇଞ୍ଜିନିୟରିଂ ଚମତ୍କାର ଉଧମପୁର-ଶ୍ରୀନଗର-ବାରମୁଲା ରେଳ ଲିଙ୍କ୍ (ୟୁଏସ୍‌ବିଆର୍‌ଏଲ୍) ପ୍ରକଳ୍ପର ଏକ ପ୍ରମୁଖ ଅଂଶ ଏବଂ ବର୍ତ୍ତମାନ କାଶ୍ମୀର ଉପତ୍ୟକାକୁ ରେଳ ମାଧ୍ୟମରେ ବାକି ଭାରତ ସହିତ ସଂଯୋଗ କରିଛି। ତେବେ ଏହାରି ପଛରେ ଏମିତି ଜଣେ ମହିଳାଙ୍କ ହାତ ଅଛି ଯାହାଙ୍କ କଠିନ ପରିଶ୍ରମ ଏବେ ନୂଆ ସଫଳତା ଆଣିଛି। ହଁ ଆମେ ମାଧବୀ ଲତାଙ୍କ କଥା କହୁଛୁ। ସେ ଓ ତାଙ୍କ ଦଳର ନିରନ୍ତର କଠିନ ପରିଶ୍ରମର ଫଳ ଭାରତ ଜମ୍ମୁ ଏବଂ କାଶ୍ମୀରର ଦୁର୍ଗମ ଅଞ୍ଚଳରେ ବିଶ୍ୱର ସବୁଠାରୁ ଉଚ୍ଚ ରେଳ ସେତୁ ନିର୍ମାଣ କରିପାରିଛି। ବେଙ୍ଗାଲୁରୁର ଭାରତୀୟ ବିଜ୍ଞାନ ସଂସ୍ଥାନ ଆଇଆଇଏସସିର ପ୍ରଫେସର ମାଧବୀ ଲତା ଚେନାବ ସେତୁ ନିର୍ମାଣରେ ବହୁତ ଅବଦାନ ରଖିଛନ୍ତି। ମାଧବୀ ଲତା କେବଳ ଏହି ସେତୁ ଡିଜାଇନ୍ କରି ନଥିଲେ ବରଂ ଏହାର ନିର୍ମାଣରେ ମଧ୍ୟ ଏକ ବଡ଼ ଭୂମିକା ଗ୍ରହଣ କରିଥିଲେ।

ମାଧବୀ ଲତା ୧୯୯୨ ମସିହାରେ ଜବାହରଲାଲ ନେହରୁ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟରୁ ସିଭିଲ୍ ଇଞ୍ଜିନିୟରିଂରେ ବି.ଟେକ୍ ଡିଗ୍ରୀ ହାସଲ କରିଥିଲେ। ଏହା ପରେ ସେ ୱାରାଙ୍ଗଲର ଏନଆଇଟିରୁ ଏମଟେକରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ମାଧବୀ ଏଠାରେ ଅଟକି ନଥିଲେ, ସେ ୨୦୦୦ ମସିହାରେ ତାଙ୍କର ପିଏଚଡି ସମାପ୍ତ କରିଥିଲେ। ୨୦୦୪ ମସିହାରେ ଭାରତୀୟ ବିଜ୍ଞାନ ସଂସ୍ଥାନରେ ଯୋଗଦେବା ପୂର୍ବରୁ ସେ ଆଇଆଇଟି ଗୌହାଟୀରେ ମଧ୍ୟ ପାଠ ପଢ଼ାଉଥିଲେ । ବର୍ତ୍ତମାନ ମାଧବୀ ଲତା ଭାରତୀୟ ବିଜ୍ଞାନ ସଂସ୍ଥାନରେ ଜଣେ ବରିଷ୍ଠ ପ୍ରଫେସର। ମାଧବୀ ଲତା ୨୦୨୧ ମସିହାରେ ଶ୍ରେଷ୍ଠ ମହିଳା ଜିଓଟେକ୍ନିକାଲ୍ ଗବେଷକ ଉପାଧି ମଧ୍ୟ ପାଇଥିଲେ। ଉଲ୍ଲେଖ ଥାଉ କି ଚେନାବ ସେତୁ ୨୭୨ କିଲୋମିଟର ଦୀର୍ଘ ୟୁଏସ୍‌ବିଆର୍‌ଏଲ୍ ପ୍ରକଳ୍ପର ଏକ ଅଂଶ, ଯାହାର ମୂଲ୍ୟ ପ୍ରାୟ ୪୩,୭୮୦ କୋଟି ଟଙ୍କା ଏବଂ ଏଥିରେ ୩୬ଟି ଟନେଲ୍ (୧୧୯ କିଲୋମିଟର) ଏବଂ ୯୪୩ଟି ପୋଲ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ କାଶ୍ମୀର ଉପତ୍ୟକା ଓ ଦେଶର ବାକି ଅଞ୍ଚଳ ମଧ୍ୟରେ ସର୍ବକାଳୀନ, ନିରବଚ୍ଛିନ୍ନ ରେଳ ଯୋଗାଯୋଗ ସ୍ଥାପନ କରିବା। ୧୪୮୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଚେନାବ ରେଳ ସେତୁ ବିଶ୍ୱର ସର୍ବୋଚ୍ଚ ରେଳ ସେତୁ ଓ ଇଞ୍ଜିନିୟରିଂର ଚମତ୍କାର। ନଦୀଠାରୁ ୩୫୯ ମିଟର ଉଚ୍ଚ, ପ୍ୟାରିସ୍ ଆଇଫିଲ୍ ଟାୱାରଠାରୁ ୩୫ ମିଟର ଉଚ୍ଚ ଏବଂ ଦିଲ୍ଲୀ କୁତବମିନାରଠାରୁ ପ୍ରାୟ ୫ ଗୁଣ ଉଚ୍ଚ ଏହି ପୋଲରେ ୨୮,୬୬୦ ମେଗାଟନ୍ ଇସ୍ପାତ ବ୍ୟବହାର କରାଯାଇଛି। ଯାହା ଉଭୟ ଶୂନ୍ୟ ତାପମାତ୍ରା ଓ ଅତ୍ୟଧିକ ଉତ୍ତାପକୁ ସହ୍ୟ କରିବାରେ ସକ୍ଷମ। ଶକ୍ତିଶାଳୀ ଭୂମିକମ୍ପକୁ ପ୍ରତିହତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ପୋଲରେ ଅତ୍ୟାଧୁନିକ ନିରାପତ୍ତା ବୈଶିଷ୍ଟ୍ୟ ରହିଛି।

## ଚୀନର ନିଦ ହଜାଇଛି

ଏହା ବିଶ୍ୱର ପ୍ରଥମ କେବୁଲ ଷ୍ଟେଡ ରେଳ ବ୍ରିଜ। ଯାହାକୁ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ଭୌଗଳିକ ଓ ଜଳବାୟୁ ପରିସ୍ଥିତିରେ ନିର୍ମାଣ କରାଯାଇଛି। ଚେନାବ ରେଳ ବ୍ରିଜର ନିର୍ମାଣ ନା କେବଳ ଯାତ୍ରୀଙ୍କ ସମସ୍ୟା ସମାଧାନ କରିଛି ବରଂ ଭାରତର ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ମଜଭୁତ କରିଛି। ପୂର୍ବରୁ କାଶ୍ମୀରରେ ବରଫ ପାତ ଓ ପାଗ ଖରାପ ଯୋଗୁ ସେନାର ଯାତାୟାତ ବାଧିତ ହେଉଥିଲା। ହେଲେ ଏବେ ଏହି ପୋଲ ନିର୍ମାଣ ହେବା ପରେ ସେନାର ପହଞ୍ଚ ଲାଇନ ଅଫ କଣ୍ଟ୍ରୋଲ (ଏଲଓସି)ରୁ ଲାଇନ ଅଫ ଆକ୍ଚୁଆଲ କଣ୍ଟ୍ରୋଲ (ଏଲଏସି) ପର୍ଯ୍ୟନ୍ତ ସୁଗମ ହୋଇଛି। ଏହି କାରଣରୁ ଚେନାବ ପୋଲ ଏବେ ଉଭୟ ଚୀନ ଓ ପାକିସ୍ତାନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। କେତେକ ରିପୋର୍ଟ ଅନୁସାରେ ଚୀନ୍ ଏହି ପୋଲର ନିର୍ମାଣ କାଳରେ ଗୁଇନ୍ଦା ମୁତୟନ ମଧ୍ୟ କରିଥିଲା। ଏଥିରୁ ସ୍ପଷ୍ଟ ସଂକେତ ମିଳୁଛି ଏହି ପୋଲ ଭାରତର ଷ୍ଟ୍ରାଟେଜିକ ମୁଭମେଣ୍ଟ ଓ ଲଜିଷ୍ଟିକ୍ ସପ୍ଲାଇ ଦୃଷ୍ଟିରୁ କେତେ ଗୁରୁତ୍ୱପୂର୍ଣ୍ଣ। ଏହି ପୋଲ ଦ୍ୱାରା ଏବେ କଟରାରୁ ଶ୍ରୀନଗର ଯାତ୍ରା ମାତ୍ର ୩ ଘଣ୍ଟାରେ ସମ୍ଭବ ହୋଇପାରିବ। ଏହା ଛଡା ଭୀଷଣ ବରଫପାତ ଓ ପ୍ରାକୃତିକ ଅବରୋଧ ସମୟରେ ମଧ୍ୟ ଏହି ପୋଲ ସୂଚାରୁ ସଞ୍ଚାଳନ ସୁନିଶ୍ଚିତ କରିବ। ସେନାକୁ ଏବେ ସୀମାବର୍ତ୍ତି କ୍ଷେତ୍ରକୁ ପହଞ୍ଚିବା ପାଇଁ କୌଣସି ସମସ୍ୟା ହେବ ନାହିଁ। ଏହି ପୋଲର ନିର୍ମାଣ ଆରମ୍ଭରୁ ସଞ୍ଚାଳନ ପର୍ଯ୍ୟନ୍ତ ହଜାର ହଜାର ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେଇଛି। ଏବେ ପୋଲ ନିର୍ମାଣ ହୋଇଯିବା ପରେ କାଶ୍ମୀର ଉପତ୍ୟାକାରେ ଟୁରିଜିମ ଓ ବ୍ୟବସାୟକୁ ପ୍ରୋତ୍ସାହନ ମିଳିବ। ଫଳରେ ଆର୍ଥିକ ବିକାଶ ହେବା ସହିତ ଜମ୍ମୁ-କାଶ୍ମୀରରେ ଭାରତର ଉପସ୍ଥିତି ଆହୁରି ମଜଭୁତ ହେବ। ତେବେ ରିପୋର୍ଟ ଅନୁସାରେ ଚୀନ୍ ଏବେ ଏହି ପୋଲର ବୈଷୟିକ ଜ୍ଞାନ କୌଶଳ ଓ ଲୋକେସନର ଗୋପନ ସୂଚନା ସଂଗ୍ରହ କରୁଛି। ଯାହାଦ୍ୱାରା ଭାରତର ସାମରିକ ଯୋଜନା ଉପରେ ନଜର ରଖି ପାରିବ। ଦୀର୍ଘ ୨୨ ବର୍ଷର ଅକ୍ଳାନ୍ତ ପରିଶ୍ରମରେ ନିର୍ମିତ ଏହି ରେଳ ପୋଲ ଭାରତର ଇଞ୍ଜିନିୟରିଂ ଓ ସୁରକ୍ଷା ରଣନୀତିର ପ୍ରତୀକ ପାଲଟିଛି, ଯାହା ପଡୋଶୀ ଦେଶମାନଙ୍କ ଯୋଜନାକୁ ପଣ୍ଡ କରିଦେବ। ଏଣୁ ଚୀନ୍ ଓ ପାକିସ୍ତାନ ପୋଲକୁ ନେଇ ବିଚଳିତ ହୋଇ ପଡିଛନ୍ତି। ଏବେ ବରଫପାତ ହେଉ କି ପାଗ ଖରାପ ସବୁ ସମୟରେ ସୀମାକୁ ସେନା ଓ ଅସ୍ତ୍ରଶସ୍ତ୍ର ଯୋଗାଣରେ କୌଣସି ବାଧା ଉପୁଜିବ ନାହିଁ। ଭାରତର ସାମରିକ କ୍ଷମତା ବୃଦ୍ଧି ପାଇବ।

## ।।।।।।।। ଦିଲ୍ଲୀରେ ପୁଣି ଲଜ୍ଜା ।।।।।।।।

# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

## ସୁଟକେସରୁ ମିଳିଲା ମୃତଦେହ



**ନୂଆଦିଲ୍ଲୀ,୮।୬:** ରାଜଧାନୀ ଦିଲ୍ଲୀରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ଉତ୍ତର ପୂର୍ବ ଦିଲ୍ଲୀର ଦୟାଲପୁର ଥାନା ଅନ୍ତର୍ଗତ ନେହରୁ ବିହାର ଅଞ୍ଚଳରେ ଜଣେ ୯ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଏକ ବନ୍ଦ ଘର ଭିତରୁ ଏକ ସୁଟକେସରେ ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାଟି ଶନିବାର ରାତି ପ୍ରାୟ ୮.୪୫ମିନିଟରେ ଘଟିଛି। ତେବେ ଝିଅଟିକୁ ଅନ୍ୟ କୌଣସି ସ୍ଥାନରେ ବଳାତ୍କାର ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପରେ ମୃତଦେହକୁ ଏହି ବନ୍ଦ ଘରେ ପୋତି ଦିଆଯାଇଥିଲା। ଦିଲ୍ଲୀ ପୁଲିସର କହିବା ଅନୁଯାୟୀ, ଝିଅଟିର ମୃତଦେହ ତାଙ୍କ ପଡ଼ୋଶୀଙ୍କ ଏକ ବନ୍ଦ ଘର ଭିତରୁ ମିଳିଥିଲା। ଏପରି ପରିସ୍ଥିତିରେ ଏଭଳି ନିର୍ମମ କାଣ୍ଡ ପଡ଼ୋଶୀ କରିଥିବା ସନ୍ଦେହ କରାଯାଉଛି। ଧରାପଡ଼ିବା ଭୟରେ ସେ ଝିଅଟିର ଗଳାକାଟି ହତ୍ୟା କରିଛନ୍ତି। ପରେ ସେ ମୃତଦେହକୁ ସୁଟକେସରେ ବନ୍ଦ କରି ଏହି ଘରେ ପୋତି ଦେବାକୁ ଚେଷ୍ଟା କରିଥିଲେ। ତେବେ ଝିଅଟିର ମୃତଦେହ ତାଙ୍କ ବାପା ପାଇଥିଲେ। ସେ ନିଜେ ତାଙ୍କୁ ଜେପିସି ହସ୍ପିଟାଲକୁ ନେଇଥିଲେ, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁସର ସୂଚନା ଅନୁଯାୟୀ, ଶନିବାର ଠାରୁ ନାବାଳିକା ନିଖୋଜ ଥିଲେ। ପରିବାରଲୋକେ ତାଙ୍କୁ ଖୋଜିବା ସମୟରେ ନିକଟସ୍ଥ ଖାଲି ଘରେ ଏକ ସନ୍ଦେହଜନକ ସୁଟକେସ ଦେଖିଥିଲେ। ଯେତେବେଳେ ସେମାନେ ଏହାକୁ ଖୋଲିଥିଲେ, ଝିଅଟି ଭିତରେ ଭର୍ତ୍ତି ହୋଇଥିବା ଦେଖିଥିଲେ। ସେହି ସମୟରେ ନାବାଳିକାଜଣଙ୍କ ଅଚେତ ଥିଲେ। ତାଙ୍କ ମୁହଁରେ ଗଭୀର ଆଘାତ ଚିହ୍ନ ଥିଲା। ତାଙ୍କୁ ତୁରନ୍ତ ଜେପିସି ହସ୍ପିଟାଲକୁ ନିଆଯାଇଥିଲା, କିନ୍ତୁ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ବାପାଙ୍କ ଅଭିଯୋଗ କ୍ରମେ ଦୟାଲପୁର ପୁଲିସ ପକ୍ସୋ ଆଇନ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ଧାରା ଅନୁଯାୟୀ ଅଜ୍ଞାତ ବ୍ୟକ୍ତିଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜିବା ଆରମ୍ଭ କରିଛି। ପୁଲିସ ଘଟଣାର ତଦନ୍ତ ପାଇଁ ଟିମ୍ ଗଠନ କରିବା ବ୍ୟତୀତ ଘଟଣାସ୍ଥଳ ଚାରିପାଖରେ ଲାଗିଥିବା ସିସିଟିଭି ଯାଞ୍ଚ କରୁଛି।

# ଜି-୭ ସମ୍ମିଳନୀ ବେଳେ ମୋଦିଙ୍କ ରାଜନୀତି ଶେଷ କରିଦେବୁ : ଖଲିସ୍ତାନୀ



**କାନାଡା, ୮।୬:** କାନାଡାର ଜଣେ ସାମ୍ବାଦିକ ମୋଚା ବେଜିରଗାନଙ୍କ ଉପରେ ଖଲିସ୍ତାନୀମାନେ ଆକ୍ରମଣ କରିଛନ୍ତି। ଏହା ସହିତ ସେମାନେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟା ଧମକ ଦେଇଛନ୍ତି। ଆଶ୍ଚର୍ଯ୍ୟ କଥା ହେଉଛି କାନାଡା ନିଜ ସାମ୍ବାଦିକଙ୍କ ଉପରେ ଖଲିସ୍ତାନୀମାନଙ୍କ ଆକ୍ରମଣକୁ ଦେଖୁଥିଲା କିନ୍ତୁ କୌଣସି ହସ୍ତକ୍ଷେପ କରିନଥିଲା । ଭାନକୁଭରରେ ଖଲିସ୍ତାନୀ ସମର୍ଥକମାନଙ୍କ ଦ୍ୱାରା ଧମକ ଦିଆଯିବାର ଗମ୍ଭୀର ଅଭିଯୋଗ ଆଣିଛନ୍ତି ବାଜିରଗାନ। ସେ ଯେତେବେଳେ ଏକ ଖଲିସ୍ତାନୀ ରାଲିର ରିପୋର୍ଟିଂ କରୁଥିଲେ ସେତେବେଳେ ଏପରି ଘଟଣା ଘଟିଥିଲା। ଏ ସଂପର୍କରେ ସେ କହିଛନ୍ତି ଯେ ଖଲିସ୍ତାନୀଙ୍କ ଧମକ ଯୋଗୁଁ ସେ ଏବେ ବି ଭୟରେ କମ୍ପୁଛନ୍ତି। ପ୍ରଥମ ଜଣେ ବ୍ୟକ୍ତି ତାଙ୍କ ଅତିନିକଟକୁ ଆସି ଧମକ ଦେଇଥିଲା । ଏହା ପରେ ଆଉ ୨-୩ ଜଣ ଆସି ତାଙ୍କୁ ଘେରିଯାଇଥିଲେ । ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ଖଲିସ୍ତାନୀମାନେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧମକ ଦେଇଛନ୍ତି । ଜି-୭ ସମ୍ମିଳନୀବେଳେ ମୋଦିଙ୍କ ରାଜନୀତିକୁ ଲୋପ କରିଦେବେ ବୋଲି ଖଲିସ୍ତାନୀମାନେ ଧମକ ଦେଇଛନ୍ତି ବୋଲି ମୋଚା କହିଛନ୍ତି । ମୋଚାଙ୍କ ଉପରେ ଆକ୍ରମଣ ପ୍ରଥମ ଘଟଣା ନୁହେଁ। ଏହା ପୂର୍ବରୁ ୨୦୨୪ ମସିହାରେ ଖଲିସ୍ତାନୀ ସମର୍ଥକମାନେ ଯେତେବେଳେ କାନାଡାସ୍ଥି ଭାରତୀୟ ହାଇକମିଶନ ଅଫିସ ଆଗରେ ବିକ୍ଷୋଭ କରୁଥିଲେ ସେତେବେଳେ ମଧ୍ୟ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ଆଗାମୀ ଜି-୭ ଶିଖର ସମ୍ମିଳନୀ ପାଇଁ କାନାଡା ସରକାରଙ୍କ ପକ୍ଷରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିମନ୍ତ୍ରଣ କରାଯାଇଛି। ମୋଦି ମଧ୍ୟ ଏହି ସମ୍ମିଳନୀରେ ଯୋଗ ଦେବେ ବୋଲି ଜଣାପଡିଛି। କିନ୍ତୁ ଏପର୍ଯ୍ୟନ୍ତ ଗସ୍ତ ସୂଚୀ ଚୂଡ଼ାନ୍ତ ହୋଇନାହିଁ।

# ଉତ୍ତରାଖଣ୍ଡରେ ପ୍ରସ୍ତୁତିର ସମୀକ୍ଷାକଲେ ସେନା ମୁଖ୍ୟ




**ଡେରାଡୁନ, ୮।୬:** ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ରବିବାର ଉତ୍ତରାଖଣ୍ଡର ଗଡ଼ୱାଲ ଅଞ୍ଚଳର ଏଲଏସି ସହିତ ଆଗୁଆ ପୋଷ୍ଟ ପରିଦର୍ଶନ କରି ନିୟୋଜିତ ବାହିନୀର କାର୍ଯ୍ୟ ଏବଂ ପ୍ରଶାସନିକ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ସେନା ପକ୍ଷରୁ କହାଯାଇଛି ଯେ, ତାଙ୍କ ଗସ୍ତ ସମୟରେ ଶ୍ରୀ ଦ୍ୱିବେଦୀ ସୀମାକୁ ସୁରକ୍ଷା ଦେଉଥିବା ସୈନିକଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କର ଅଟଳ ସମର୍ପଣ, ସ୍ଥିରତା ଏବଂ ବୃତ୍ତିଗତତା ପାଇଁ ସେମାନଙ୍କୁ ପ୍ରଶଂସା କରିଥିଲେ। ସେ କାର୍ଯ୍ୟକ୍ଷମ ପ୍ରସ୍ତୁତି ଏବଂ ନିରନ୍ତର ସତର୍କତାର ଉଚ୍ଚ ମାନ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ପ୍ରଥମେ ଉତ୍ତରାଖଣ୍ଡର ଜ୍ୟୋତିର୍ମଠରେ ଅବସ୍ଥିତ କମ୍ୟୁନିଟି ରେଡିଓ ଷ୍ଟେସନ,ଆଇବିଇଏକ୍ସ ତରନ ୮୮.୪ ଏଫଏମ ଉଦଘାଟନ କରିଥିଲେ। ସ୍ଥାନୀୟ ଅଭିବ୍ୟକ୍ତି, ଜ୍ଞାନ ବଣ୍ଟନ ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ଏହି ଷ୍ଟେସନକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବରେ କଳ୍ପନା କରାଯାଇଛି। ଏହାର ପ୍ରସାରଣରେ ଶିକ୍ଷା, ପରିବେଶ, ପାଣିପାଗ, ମନୋରଞ୍ଜନ, ନିଯୁକ୍ତି, ବିପର୍ଯ୍ୟୟ ପ୍ରସ୍ତୁତି, ପର୍ଯ୍ୟଟନ, ସ୍ୱାସ୍ଥ୍ୟ ଏବଂ ପାରମ୍ପରିକ କଳା ଉପରେ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହେବ। ତାଙ୍କ ଉଦଘାଟନୀ ପଡକାଷ୍ଟରେ ଶ୍ରୀ ଦ୍ୱିବେଦୀ କହିଥିଲେ, ଏହା କେବଳ ଏକ ରେଡିଓ ଷ୍ଟେସନ ନୁହେଁ,ଏହା ଯୁବପିଢ଼ିଙ୍କ ସ୍ୱରକୁ ବୃଦ୍ଧି କରିବାର ଏକ ଶକ୍ତିଶାଳୀ ମାଧ୍ୟମ। ଏହା ସମ୍ପ୍ରଦାୟକୁ ଏକାଠି କରିବ, ସ୍ଥାନୀୟ ପ୍ରତିଭାକୁ ପ୍ରୋତ୍ସାହିତ କରିବ ଏବଂ ଲୋକମାନଙ୍କୁ ସେମାନଙ୍କର ସାଂସ୍କୃତିକ ମୂଳ ସହିତ ପୁନଃ ସଂଯୋଗ କରିବ। ଏହି ଅବସରରେ ଶ୍ରୀ ଦ୍ୱିବେଦୀ ରାଷ୍ଟ୍ର ନିର୍ମାଣ ଏବଂ ସାମାଜିକ ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ପ୍ରବୀଣମାନଙ୍କୁ ପ୍ରବୀଣ ସାଧନା ପୁରସ୍କାରରେ ସମ୍ମାନିତ କରିଥିଲେ। ଉତ୍ତରାଖଣ୍ଡ ହିମାଚଳ ପ୍ରଦେଶ ସହିତ ମିଶି ପ୍ରକୃତ ନିୟନ୍ତ୍ରଣ ରେଖା ଏଲଏସିର ମଧ୍ୟ କ୍ଷେତ୍ର ଗଠନ କରେ।

# ଆସାମ ବନ୍ୟା ସ୍ଥିତିରେ ସୁଧାର

**ଗୌହାଟି, ୮।୬:** ଆସାମରେ ବନ୍ୟା ସ୍ଥିତିରେ ଉନ୍ନତି ଜାରି ରହିଛି। ୧୨ଟି ଜିଲ୍ଲାରେ ପ୍ରଭାବିତ ଜନସଂଖ୍ୟା ପ୍ରାୟ ୩.୩୭ ଲକ୍ଷକୁ ହ୍ରାସ ପାଇଛି। ଏକ ସରକାରୀ ବୁଲେଟିନରେ କୁହାଯାଇଛି ଯେ ଶନିବାର ସୁଦ୍ଧା ଚଳିତ ବର୍ଷ ବନ୍ୟା ଏବଂ ଭୂସ୍ଖଳନରେ ମୋଟ ମୃତ୍ୟୁ ସଂଖ୍ୟା ୨୩ ରହିଛି, ଯେଉଁଥିରେ କାଦୁଅରେ ୬ ଜଣଙ୍କର ମୃତ୍ୟୁ ହୋଇଛି। ବ୍ରହ୍ମପୁତ୍ର ସମେତ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଉଛି, ଯଦିଓ ଏଥିମଧ୍ୟରୁ କିଛି ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଆସାମ ବନ୍ୟାରେ ୫ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ, ଉତ୍ତର-ପୂର୍ବାଞ୍ଚଳରେ ମୃତ୍ୟୁ ସଂଖ୍ୟା ୩୮କୁ ବୃଦ୍ଧି ପାଇଛି। ଆସାମର ୧୨ଟି ଜିଲ୍ଲାର ୪୧ଟି ସର୍କଲ ଏବଂ ୯୯୯ଟି ଗାଁର ମୋଟ ୩,୩୭,୩୫୮ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି, ଦୁଇଟି ଜିଲ୍ଲା ଏବେ ବି 'ସହରୀ ବନ୍ୟା'ରେ ବୁଡ଼ି ରହିଛି।

# ଗୋହତ୍ୟା ଅଭିଯୋଗରେ ୧୬ ଗିରଫ

**ଗୌହାଟି, ୮।୬:** ଇଦ୍ ସମୟରେ ରାଜ୍ୟରେ ବେଆଇନ ଗୋରୁ ହତ୍ୟା ମାମଲାରେ ୧୬ ଜଣଙ୍କୁ ଗିରଫ କରାଯାଇଥିବା କହିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା। ସେ କହିଛନ୍ତି ଯେ ଆସାମରେ ବିଭିନ୍ନ ସ୍ଥାନରୁ ଗୋରୁଙ୍କ ଅଂଶ ଉଦ୍ଧାର ହୋଇଥିବାର ଖବର ମିଳିଛି। ବାରକ ଉପତ୍ୟକାର ଦୁଇଟି ଜିଲ୍ଲା କଚାରର ଗୁମରା, ସିଲଚର ଓ ଲଖିପୁର ଏବଂ କରିମଗଞ୍ଜର ବଦରପୁର ଓ ବାଙ୍ଗାରେ ପାଞ୍ଚଟି ବେଆଇନ ହତ୍ୟା ସ୍ଥାନ ମିଳିଛି। ଶନିବାର ରାତିରେ ଦୁର୍ବୃତ୍ତମାନେ କିଛି ମାଂସ ଫିଙ୍ଗି ଦେଇଥିବା ଅଭିଯୋଗ କରି ଦିନବେଳା ହୋଜାଇରେ ହିନ୍ଦୁ ସମ୍ପ୍ରଦାୟର ଲୋକମାନେ ରାସ୍ତା ଅବରୋଧ କରିଥିଲେ ଏବଂ ମୁସଲମାନମାନେ ମଧ୍ୟ ଆଉ ଏକ ରାସ୍ତା ଅବରୋଧ କରିଥିଲେ। ପ୍ରତିବାଦକାରୀମାନଙ୍କୁ ଘଉଡ଼ାଇବା ପାଇଁ ପୁଲିସକୁ ଲାଠି ଚାର୍ଜ କରିବାକୁ ପଡିଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏକ୍ସରେ ସେ ପୋଷ୍ଟ କରିଛନ୍ତି, ଆମର ସମ୍ବିଧାନ ଧାର୍ମିକ ସ୍ୱାଧୀନତାର ଅଧିକାରକୁ ଗ୍ୟାରେଣ୍ଟି ଦେବା ସହିତ ଏହା ଆଇନର ଶାସନ ଏବଂ ସାର୍ବଜନୀନ ଶୃଙ୍ଖଳାକୁ ସମାନ ଭାବରେ ବଜାୟ ରଖେ। ଏହି ଈଦ୍-ଉଲ୍-ଜୁହାରେ ଆସାମରେ ବିଭିନ୍ନ ସ୍ଥାନରୁ ବେଆଇନ ଗୋରୁ ହତ୍ୟା ଏବଂ ଗୋରୁଙ୍କ ଅଂଶ ଉଦ୍ଧାରର ବିବ୍ରତକର ଘଟଣା ରିପୋର୍ଟ ହୋଇଛି।। ସେ କହିଛନ୍ତି ଯେ ପାଞ୍ଚଟି ଘଟଣାରେ ଗୌହାଟି, ଧୁବ୍ରି, ହୋଜାଇ ଏବଂ ଶ୍ରୀଭୂମି ଜିଲ୍ଲାର କପା ବିଶ୍ୱବିଦ୍ୟାଳୟ ନିକଟରୁ ଗୋରୁଙ୍କ ଅଂଶ ମିଳିଛି। ଆମେ ସାମ୍ପ୍ରଦାୟିକ ସଦ୍ଭାବ ରକ୍ଷା କରିବାକୁ ପ୍ରତିବଦ୍ଧ, କିନ୍ତୁ ଆଇନ ଅମାନ୍ୟତା କିମ୍ବା ନିଷ୍ଠୁରତାର ମୂଲ୍ୟରେ ନୁହେଁ।

# ପାକିସ୍ତାନର ମିଛ ଧରିଲା ସାଟେଲାଇଟ୍ ଇମେଜ୍




**ନୂଆଦିଲ୍ଲୀ, ୮।୬:** ପୁଣି ପାକିସ୍ତାନର ମିଛ ଧରପଡିଲା। ଅପରେସନ ସିନ୍ଦୂର ପରେ ପାକିସ୍ତାନ ମିଛ ପ୍ରଚାର କରିଚାଲିଛି। ବିଶ୍ୱକୁ ଜଣାଇବାକୁ ଚାହୁଁଛି ଯେ, ଭାରତ ଉପରେ ଆକ୍ରମଣ କରି ସେ ବିଜୟ ହାସଲ କରିଛି। ମିଛ ଭିଜୁଆଲ୍, ମିଥ୍ୟା ତଥ୍ୟ ଓ ପ୍ରସ୍ତୁତ କରାଯାଇଥିବା ସାଟେଲାଇଟ୍ ଇମେଜ୍ ଦେଖାଇ ବିଭ୍ରାନ୍ତ ସୃଷ୍ଟି କରୁଛି ପାକିସ୍ତାନ। ଅପରେସନ ସିନ୍ଦୂର ପରେ ପାକିସ୍ତାନ କହିଥିଲା ଯେ, ପଞ୍ଜାବର ଆଦମପୁର ଏୟାରବେସ୍ ଓ ଗୁଜରାଟର ଭୁଜ୍ ଏୟାରଫିଲ୍ଡରେ ସେ ଆଟାକ୍ କରିଥିଲା। ଆଦମପୁରରେ ସୁଖୋଇ ସୁ -୩୦ ଓ ଭୁଜରେ ଏସ୍- ୪୦୦ ରାଡାର ୟୁନିଟ୍ ଉପରେ ହମଲା କରିଥିବାର କହିଥିଲା ପାକିସ୍ତାନ । ଚୀନ ନିର୍ମିତ ଜେଏଫ-୧୭ ଫାଇଟର ଜେଟ ମାଧ୍ୟମରେ ଏହି ଆକ୍ରମଣ କରିଥିବା କହିଥିଲା। ତେବେ ପାକିସ୍ତାନର ଏହି ଦାବିକୁ ଖଣ୍ଡନ କରିଛନ୍ତି ସ୍ୱାଧୀନ ସାଟେଲାଇଟ୍ ଇମେଜେରୀ ଆନାଲିଷ୍ଟ ଡାମିଏନ୍ ସାଇମନ୍। ସେ ଗତ କିଛି ମାସ ଧରି ଏହା ଉପରେ ଅନୁସନ୍ଧାନ ଚଳାଇଥିଲେ ।

ଆଦମପୁରରେ ସୁଖୋଇ ସୁ-୩୦ ଫାଇଟର୍ ଜେଟକୁ ପାକିସ୍ତାନ ମାଡ଼ କରିଥିବା ତଥ୍ୟ ମିଛ ବୋଲି କହିଛନ୍ତି ଡାମିଏନ୍। ଇମେଜରେ ଏକ ବର୍ଣ୍ଣ ମାର୍କ ରହିଛି । ଏହା ବହୁ ଆଗରୁ ଥିଲା। ଏକ ରୁଟିନ୍ ମେଣ୍ଟେନାନ୍ସ ବେଳେ ଟେଷ୍ଟିଂ ସମୟରେ ଇଞ୍ଜିନ୍ କ୍ଷତିଗ୍ରସ୍ତ ହୋଇଥିଲା। ପାକିସ୍ତାନ ସହ ଉତ୍ତେଜନା ବେଳେ ଏହା ହୋଇନଥିଲା ବୋଲି ସେ ସ୍ପଷ୍ଟ ଭାବେ କହିଛନ୍ତି ।ଭୁଜରେ ଆକ୍ରମଣ ସଂପର୍କରେ ଯେଉଁ ଫଟୋ ପାକିସ୍ତାନ ଦେଖାଉଛି, ତାହା ଠିକ ନୁହେଁ । ଭୁଜରେ ଭୂଇଁରେ କିଛି କଳା ଦାଗ ଦେଖାଯାଉଛି । ଏହା କିଛି ତେଲ ମେଣ୍ଟେନାନ୍ସ ସମୟରେ ପଡିଥିବାର ସେ କହିଛନ୍ତି । ଆଦମପୁରରେ ଏସ୍-୪୦୦ ବ୍ୟାଟେରୀ ଡ୍ୟାମେଜ୍ ସଂପର୍କରେ ପାକିସ୍ତାନ ପକ୍ଷରୁ ଯାହା କୁହାଯାଇଛି, ତାହା ମଧ୍ୟ ମିଛ। ସାଟେଲାଇଟ୍ ଇମେଜକୁ ଡିଜିଟାଲି ଏଡିଟ୍ କରାଯାଇଛି । ସେଥିରେ କିଛି ବ୍ୟାକ ଡଟ୍ ଯୋଡାଯାଇଛି । ଅନଏଡିଟେଡ୍ ସାଟେଲାଇଟ୍ ଇମେଜ୍ ସହ ଏହା ମିଶୁନାହିଁ । ସେହିପରି ନାଲିୟା ଏୟାରବେସ୍ ସଂପର୍କରେ ପାକିସ୍ତାନ ଯେଉଁ ଇମେଜ୍ ଦେଖାଉଛି, ତାହାର ମଧ୍ୟ ସତ୍ୟତା ନାହିଁ। ଏୟାରବେସ୍ ଉପରେ ଏକ ବାଦଲ ଖଣ୍ଡ ଯିବା ବେଳର ଏହି ଇମେଜ୍ । ଶ୍ରୀନଗର ଏୟାରପୋର୍ଟରେ ଆକ୍ରମଣ ସଂପର୍କରେ ମଧ୍ୟ ମିଛ କହିଛି ପାକିସ୍ତାନ । ତେବେ ବିଭିନ୍ନ ତାରିଖରେ ନିଆଯାଇଥିବା ସାଟେଲାଇଟର ହାଇ-ରିଜୋଲୁସନ୍ ଫଟୋରେ କିଛି ଜଣାପଡୁନାହିଁ । ପାକିସ୍ତାନ ଏହାର ଏକ ଝାପସା ଫଟୋ ଦେଖାଉଥିଲା । କିନ୍ତୁ ଏୟାରପୋର୍ଟର କିଛି କ୍ଷତି ହୋଇଥିବାର ଜଣାପଡୁନାହିଁ। ପାକିସ୍ତାନ ଏହି ଇମେଜ୍ ଚଞ୍ଚକତା କରି କରିଛି। ଜମ୍ମୁ ଏୟାରପୋର୍ଟ ସଂପର୍କରେ ପାକିସ୍ତାନର ଦାବି ମିଛ ଛଡା ଆଉ କିଛି ନୁହେଁ ବୋଲି କହିଛନ୍ତି ଡାମିଏନ୍।

## ପୁଣି ମଣିପୁର ଅଶାନ୍ତ

# ଗିରଫ ପ୍ରତିବାଦରେ ବିକ୍ଷୋଭ ଓ ଜଳାପୋଡ଼ା

## ❖ପାଞ୍ଚ ଜିଲ୍ଲାରେ କର୍ଫ୍ୟୁ ❖ଇଣ୍ଟରନେଟ୍ ସେବା ବନ୍ଦ

**ଇମ୍ଫାଲ, ୮।୬:** କିଛି ଦିନର ନିରବତା ପରେ ପୁଣି ଅଶାନ୍ତ ହୋଇଉଠିଛି ମଣିପୁର। ମୈତେଇ ସଂଗଠନ ଆରମ୍ବାଇ ତେଙ୍ଗଗୋଲର ଜଣେ ବଡ ନେତାଙ୍କ ଗିରଫଦାରୀକୁ ନେଇ ମଣିପୁରରେ ହିଂସାତ୍ମକ ପ୍ରତିବାଦ ଆରମ୍ଭ ହେବାର ଗୋଟିଏ ଦିନ ପରେ ରବିବାର ପ୍ରଶାସନ ଇମ୍ଫାଲ ଉପତ୍ୟକାର ପାଞ୍ଚଟି ଜିଲ୍ଲାରେ କର୍ଫ୍ୟୁ ଜାରି କରିବା ସହ ଇଣ୍ଟରନେଟ୍ ସେବା ବନ୍ଦ କରିଛନ୍ତି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏହି ଜିଲ୍ଲା ଗୁଡ଼ିକ ମଧ୍ୟରେ ଇମ୍ଫାଲ ପଶ୍ଚିମ, ଇମ୍ଫାଲ ପୂର୍ବ, ଥୌବାଲ, କାକଚିଙ୍ଗ୍ ଏବଂ ବିଷ୍ଣୁପୁର ଅନ୍ତର୍ଭୁକ୍ତ। ଜିଲ୍ଲା ଗୁଡ଼ିକରେ ବହୁ ସଂଖ୍ୟକ ଲୋକଙ୍କ ଏକତ୍ରିତ ହେବା ନେଇ ମଧ୍ୟ ନିଷେଧ କରାଯାଇଛି। ରାଜ୍ୟରେ ଉତ୍ତେଜନା ଏବଂ ଗୁଜବ ବୃଦ୍ଧିକୁ ଏଡାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସରକାର ଆଶଙ୍କା କରୁଛନ୍ତି ଯେ କିଛି ଲୋକ ସୋସିଆଲ ମିଡିଆରେ ଉତ୍ତେଜନାପୂର୍ଣ୍ଣ ବାର୍ତ୍ତା ଏବଂ ମିଥ୍ୟା ଖବର ପ୍ରସାରଣ କରି ପରିବେଶକୁ ନଷ୍ଟ କରିପାରନ୍ତି। ସରକାରୀ ନିର୍ଦ୍ଦେଶରେ ଉଲ୍ଲେଖ ଅଛି ଯେ ଏହା ଲୋକଙ୍କ ଜୀବନକୁ ବିପଦରେ ପକାଇପାରେ, ସମ୍ପତ୍ତିକୁ କ୍ଷତି ପହଞ୍ଚାଇପାରେ ଏବଂ ସାମ୍ପ୍ରଦାୟିକ ଉତ୍ତେଜନା ବୃଦ୍ଧି କରିପାରେ। ତେଣୁ ରାତି ୧୧ଟା ୪୫ ରୁ ମୋବାଇଲ୍ ଇଣ୍ଟରନେଟ୍, ସୋସିଆଲ ମିଡିଆ ଆପ୍ସ, ଭିପିଏନ, ଡଙ୍ଗଲ୍ ଭଳି ସେବାଗୁଡ଼ିକୁ ବନ୍ଦ କରିଦିଆଯାଇଛି।

ମୈତେଇ ନେତାଙ୍କ ମୁକ୍ତି ଦାବି କରି ପ୍ରଦର୍ଶନକାରୀମାନେ କ୍ୱାକେଇଥେଲ ଏବଂ ଉରିପୋକରେ ରାସ୍ତାରେ ଟାୟାର ଏବଂ ପୁରୁଣା ଫର୍ଣ୍ଣିଚର ଜାଳି ଦେଇଥିଲେ। ଶନିବାର ରାତିରେ ରାଜ୍ୟ ରାଜଧାନୀର ବିଭିନ୍ନ ସ୍ଥାନରେ ସୁରକ୍ଷା ବାହିନୀ ସହିତ ସେମାନଙ୍କର ସଂଘର୍ଷ ହୋଇଥିଲା। ଇମ୍ଫାଲ ପୂର୍ବ ଜିଲ୍ଲାର ଖୁରାଇ ଲାମଲଙ୍ଗରେ ମଧ୍ୟ ଏକ ଜନଗହଳିରେ ଏକ ବସ୍ ଜାଳି ଦେଇଥିଲା। ରାଜଭବନଠାରୁ ପ୍ରାୟ ୨୦୦ ମିଟର ଦୂରରେ ଥିବା କାଙ୍ଗଲା ଗେଟ୍ ସମ୍ମୁଖରେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ସୁରକ୍ଷା ବାହିନୀ ଅନେକ ରାଉଣ୍ଡ ଲୁହ ବୁହା ଗ୍ୟାସ୍ ସେଲ୍ ଫିଙ୍ଗିଥିଲେ। ଅତିରିକ୍ତ କେନ୍ଦ୍ରୀୟ ବାହିନୀ ମୁତୟନ ସହିତ ରାଜଭବନକୁ ଯାଉଥିବା ରାସ୍ତାଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରାଯାଇଛି। ଜିଲ୍ଲା ପ୍ରଶାସନ ଭାରତୀୟ ନାଗରିକ ସୁରକ୍ଷା ସଂହିତା ବିଏନଏସଏସର ଧାରା ୧୬୩ର ଉପ-ଧାରା ୨ ଅନୁଯାୟୀ ପାଞ୍ଚ କିମ୍ବା ଅଧିକ ଲୋକଙ୍କ ସମାବେଶ ଏବଂ ଲାଠି, ପଥର, ବନ୍ଧୁକ କିମ୍ବା ଧାରୁଆ ଅସ୍ତ୍ରଶସ୍ତ୍ର ବହନ ଉପରେ ନିଷେଧ କରିଛନ୍ତି। ଆନ୍ଦୋଳନକାରୀ ଏବଂ କର୍ମଚାରୀଙ୍କ ସହ ସଂଘର୍ଷରେ ତିନି ଜଣ ଆହତ ହୋଇଛନ୍ତି। ସମସ୍ତ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିକ୍ଷୋଭକାରୀମାନେ ତୁଲିହାଲରେ ଇମ୍ଫାଲ ବିମାନବନ୍ଦର ଫାଟକକୁ ଘେରାଉ ମଧ୍ୟ କରିଥିଲେ। ସେମାନେ ବିମାନବନ୍ଦର ସହିତ ରାସ୍ତାକୁ




ଓହ୍ଲାଇ ଗିରଫ ନେତାଙ୍କୁ ରାଜ୍ୟ ବାହାରକୁ ନେଇଯିବାର କୌଣସି ସମ୍ଭାବ୍ୟ ପ୍ରୟାସକୁ ରୋକିବା ପାଇଁ ଏକ ରାସ୍ତା ଅବରୋଧ କରିଥିଲେ। ଏହି ଗୋଷ୍ଠୀ ମୈତେଇସ୍ ଏବଂ କୁକି-ଜୋ ଜନଜାତି ମଧ୍ୟରେ ସମ୍ପ୍ରତି ଘଟିଥିବା ଜାତିଗତ ହିଂସାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା, ଯେଉଁଥିରେ ୨୫୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ଏବଂ ପ୍ରାୟ ୬୦ ହଜାର ଲୋକ ବାସଚ୍ୟୁତ ହୋଇଥିଲେ। ରବିବାର ଦିନ ଇମ୍ଫାଲ ଉପତ୍ୟକାର ରାସ୍ତାଗୁଡ଼ିକ ପ୍ରାୟତଃ ଜନଶୂନ୍ୟ ଥିଲା। ଦୋକାନ ଏବଂ ବଜାର ବନ୍ଦ ରହିଥିଲା। କେବଳ ସୁରକ୍ଷା ବାହିନୀ ଏବଂ ଜରୁରୀକାଳୀନ ସେବାର ଯାନଗୁଡ଼ିକ ରାସ୍ତାରେ ଦେଖାଯାଇଥିଲେ।

# ଇଂଲଣ୍ଡ ପହଞ୍ଚିବା ମାତ୍ରେ ଅଭ୍ୟାସ ଆରମ୍ଭ କଲା ଭାରତୀୟ ଦଳ



**ନୂଆଦିଲ୍ଲୀ, ୮।୬:** ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପାଇଁ ଭାରତୀୟ କ୍ରିକେଟ୍ ଦଳ ଇଂଲଣ୍ଡରେ ପହଞ୍ଚି ସାରିଛି। ଜୁନ ୨୦ରୁ ଆରମ୍ଭ ହେବାକୁ ଥିବା ପ୍ରଥମ ଟେଷ୍ଟ ପୂର୍ବରୁ ଭାରତୀୟ ଦଳ ଅଭ୍ୟାସ୍ ଆରମ୍ଭ କରି ଦେଇଛି। ଯଶପ୍ରୀତ ବୁମରା, ପ୍ରସିଦ୍ଧ କୃଷ୍ଣା, ମହମ୍ମଦ ସିରାଜ ଓ ଅର୍ଶଦୀପ ସିଂଙ୍କ ଦ୍ରୁତ ବୋଲର ୟୁନିଟ୍‌ଙ୍କ ବ୍ୟତୀତ ଅଧିନାୟକ ଶୁଭମନ ଗିଲ୍, ଋଷଭ ପନ୍ତ ଓ ଅଲରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ମାର୍ଗଦର୍ଶନରେ ଅଭ୍ୟାସ୍ କରିଛନ୍ତି। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ବରିଷ୍ଠ ଖେଳାଳିଙ୍କ ସନ୍ନ୍ୟାସ ପରେ ଗିଲ୍‌ଙ୍କୁ ଭାରତର ୩୭ତମ ଟେଷ୍ଟ ଅଧିନାୟକ କରାଯାଇଛି। ସେ ଅପେକ୍ଷାକୃତ ଯୁବ ଦଳର ନେତୃତ୍ୱ ନେଉଛନ୍ତି। ଦଳର ଲକ୍ଷ୍ୟ ୨୦୦୭ ପରେ ଇଂଲଣ୍ଡରେ ଟେଷ୍ଟ ସିରିଜ୍ ଜିତିବା। ତେନ୍ଦୁଲକର-ଆଣ୍ଡରସନ ନାମରେ ନାମିତ ସିରିଜ୍‌ର ପ୍ରଥମ ମ୍ୟାଚ୍ ହେଡିଙ୍ଗ୍ଲେରେ ଖେଳାଯିବ। ଏହା ପରେ ଆଜବେଷ୍ଟନ, ଲର୍ଡ୍ସ, ଓଲ୍ଡ ଟ୍ରାଫର୍ଡ ଓ ଓଭାଲରେ ସିରିଜର ଅବଶିଷ୍ଟ ୪ଟି ମ୍ୟାଚ୍ ଖେଳାଯିବ। ଭାରତୀୟ ଟେଷ୍ଟ ଦଳରେ ସାମିଲ୍ କିଛି ଖେଳାଳି ଏବେ ଭାରତ ଏ ପକ୍ଷରୁ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଦ୍ୱିତୀୟ ଅନୌପଚାରିକ ଟେଷ୍ଟ ମ୍ୟାଚ୍ ଖେଳୁଛନ୍ତି। ଏହି ଗସ୍ତ ଉପରେ ସଭିଙ୍କ ନଜର ରହିଛି। କାରଣ ଭାରତୀୟ ଦଳ ଏକ ମହତ୍ୱପୂର୍ଣ୍ଣ ପରିବର୍ତ୍ତନ ସମୟ ଦେଇ ଗତି କରୁଛି। ଇଂଲଣ୍ଡ ପହଞ୍ଚିଥିବା ଭାରତୀୟ କ୍ରିକେଟ୍ ଦଳରେ ଅନୁଭବ ଓ ଯୁବ ଖେଳାଳିଙ୍କ ମିଶ୍ରଣ ରହିଛି। ଭାରତୀୟ ଦଳ ନିଜର ଡବ୍ଲ୍ୟୁଟିସି ଅଭିଯାନକୁ ମଜବୁତ ସହ ଆରମ୍ଭ କରିବାକୁ ଚାହିଁବ।

# ଏସୀୟ ଭାରୋତ୍ତୋଳନ ପାଇଁ ମୀନା ଓ ବିଦୁସ୍ମିତା ମନୋନୀତ






**ଭୁବନେଶ୍ୱର, ୮।୬ (ସଂଚାର ବ୍ୟୁରୋ):** ଜୁଲାଇ ୧ରୁ ୧୦ ତାରିଖ ପର୍ଯ୍ୟନ୍ତ କାଜାକସ୍ତାନର ଆସ୍ଥାନାଠାରେ ଖେଳାଯିବାକୁ ଥିବା ଏସୀୟ ଯୁବ ଓ କନିଷ୍ଠ ଭାରୋତ୍ତୋଳନ ପ୍ରତିଯୋଗିତା ଲାଗି ଓଡ଼ିଶାରୁ ମୀନା ସାନ୍ତା (ଏ) ଏବଂ ବିଦୁସ୍ମିତା ଭୋଇ ଭାରତୀୟ ଦଳରେ ମନୋନୀତ ହୋଇଛନ୍ତି। ମୀନା ୫୮ କିଲୋଗ୍ରାମ ଓଜନ ବର୍ଗରେ ଏବଂ ବିଦ୍ୟୁସ୍ମିତା ୬୩ କିଲୋଗ୍ରାମ ଓଜନ୍ ବର୍ଗରେ ଅଂଶଗ୍ରହଣ କରିବେ। ଜୁନ୍ ୨ ତାରିଖରେ ପଞ୍ଜାବର ପାଟିଆଲାଠାରେ ଅନୁଷ୍ଠିତ ଜାତୀୟ ଦଳର ଚୟନ ଶିବିରରେ ଓଡ଼ିଶାରୁ ୬ ଜଣ ଭାଗ ନେଇଥିବାବେଳେ ଏହି ୨ ଜଣ ପ୍ରଭାବୀ ପ୍ରଦର୍ଶନ କରି ଚୟନକର୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୀନା କଳିଙ୍ଗ ଷ୍ଟାଡିୟମ୍ ଭାରେତ୍ତୋଳନ ଏଚ୍‌ପିସିରେ ଅଭ୍ୟାସ କରିବା ପରେ ଏବେ ପାଟିଆଲାର ଜାତୀୟ ଉତ୍କର୍ଷ କେନ୍ଦ୍ରରେ ଏବଂ ବୁଦୁସ୍ମିତା ଢେଙ୍କାନାଳ ଏଚ୍‌ପିସି ସବ୍‌ସେଣ୍ଟର୍‌ରେ ତାଲିମ ନେଉଛନ୍ତି। ଉଭୟ ଖେଳାଳିଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଂଜନ ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି।

# ତାଇୱାନ୍ ଓପନ୍: ଭାରତକୁ ୬ ସ୍ୱର୍ଣ୍ଣ


ଜ୍ୟୋତି ୟାରାଜୀ

ନୂଆଦିଲ୍ଲୀ, ୮।୬: ତାଇୱାନ ଆଥଲେଟିକ୍ସ ଓପନ୍ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ପ୍ରଥମ ଦିନ ୬ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏସୀୟ ବିଜୟିନୀ ଜ୍ୟୋତି ୟାରାଜୀ ୧୦୦ ମିଟର୍ ବାଧାଦୌଡ଼ରେ ଚମତ୍କାର ସମୟ (୧୨.୯୯ ସେକେଣ୍ଡ୍) ସହ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ପୁରୁଷ ୧୧୦ ମିଟର୍ ବାଧାଦୌଡ଼ରେ ତେଜାସ ଶୀର୍ଷେ ନିଜ ଖେଳ ଜୀବନର ଦ୍ୱିତୀୟ ଦ୍ରୁତତମ ସମୟ (୧୩.୫୨ ସେକେଣ୍ଡ୍) ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶନିବାର ଭାରତ ପାଇଁ ମହିଳା ୧୫୦୦ ମିଟରରେ ପୂଜା (୪:୧୧.୬୫) ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଟ୍ରିପଲ୍ ଜମ୍ପ୍‌ରେ ଅବଦୁଲ୍ଲା ଅବୁବାକର୍ (୧୬.୨୧ ମିଟର୍)ଙ୍କ ସହିତ ପୁରୁଷ ଓ ମହିଳା ୪ ଗୁଣା ୧୦୦ ମିଟର୍ ରିଲେ ଦଳ ମଧ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# ଭାରତର ଧଳା ବଲ୍ ଅଧିନାୟକ ଦୌଡ଼ରେ ଶ୍ରେୟାସ ଆୟର

**ନୂଆଦିଲ୍ଲୀ, ୮।୬:** ଭାରତର ବ୍ୟାଟସମ୍ୟାନ୍ ଶ୍ରେୟସ ଆୟର ଆଜିକାଲି ଖୁବ ଚର୍ଚ୍ଚାରେ ଅଛନ୍ତି। ଆୟର ତାଙ୍କ ଅଧିନାୟକରେ ତିନୋଟି ଆଇପିଏଲ ଦଳକୁ ଫାଇନାଲରେ ପହଞ୍ଚାଇଛନ୍ତି। ଗତ ଦୁଇଟି ସିଜିନରେ ଆୟର ଦୁଇଟି ଦଳକୁ ଫାଇନାଲରେ ପହଞ୍ଚାଇଥିଲେ ଏବଂ ଗୋଟିଏ ଦଳ ପାଇଁ ଟାଇଟଲ ମଧ ଜିତିଥିଲେ। ଏଥର ପଞ୍ଜାବର ନେତୃତ୍ୱ ନେବା ସମୟରେ ଆୟର ଟ୍ରଫି ଜିତିବାରେ ସଫଳ ହୋଇନଥିଲେ କିନ୍ତୁ ସେ ନିଶ୍ଚିତ ଭାବରେ ବିସିସିଆଇ ଅଧିକାରୀଙ୍କ ହୃଦୟ ଜିତିଥିଲେ। ଏକ ରିପୋର୍ଟ ଅନୁସାରେ ଶ୍ରେୟସ ଆୟର ଏବେ ଭାରତର ସୀମିତ ଓଭର ଫର୍ମାଟର ଅଧିନାୟକତ୍ୱ ଦୌଡ଼ରେ ସାମିଲ ହୋଇଛନ୍ତି। ସେ ଚାମ୍ପିଅନ୍ସ ଟ୍ରଫିରେ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ଭାରତ ପାଇଁ ଟାଇଟଲ ଜିତିଥିଲେ। ଆୟର ସର୍ବାଧିକ ରନ କରିଥିଲେ। ଆଇପିଏଲରେ ସେ ତାଙ୍କ ଦଳ ପଞ୍ଜାବ କିଙ୍ଗ୍ସ ପାଇଁ ସର୍ବାଧିକ ରନ ସ୍କୋରର ଥିଲେ। ଆୟର




୨୦୨୫ ଆଇପିଏଲ ୧୭ ମ୍ୟାଚରେ ମୋଟ ୬୦୪ ରନ କରିଥିଲେ। ଆଇପିଏଲରେ ତାଙ୍କର ଚମତ୍କାର ପ୍ରଦର୍ଶନ ପରେ ଚୟନକର୍ତ୍ତାମାନେ ତାଙ୍କୁ କେବଳ ଦିନିକିଆରେ ସୀମିତ ରଖିବାକୁ ଚାହୁଁନାହାଁନ୍ତି। ସେମାନେ ତାଙ୍କୁ ଟି-୨୦ ଏବଂ ଟେଷ୍ଟ ଉଭୟରେ ସୁଯୋଗ ଦେବାକୁ ବିଚାର କରୁଛନ୍ତି। ତାଙ୍କୁ ଅଧିନାୟକତ୍ୱର ଦାବିଦାରଙ୍କ ମଧ୍ୟରେ ଗଣନା ମଧ ଆରମ୍ଭ କରିଛନ୍ତି। ଏବେ ସେ ଆନୁଷ୍ଠାନିକ ଭାବରେ ଧଳା ବଲ୍ ଅଧିନାୟକତ୍ୱ ଦୌଡ଼ରେ ସାମିଲ ହୋଇଛନ୍ତି। ଆୟର ଏପର୍ଯ୍ୟନ୍ତ ଭାରତୀୟ ଦଳ ପାଇଁ ୧୪ଟି ଟେଷ୍ଟ, ୭୦ଟି ଦିନିକିଆ ଏବଂ ୫୧ଟି ଟି-୨୦ ଖେଳିଛନ୍ତି। ଆୟର ଭାରତ ପାଇଁ ଶେଷ ଟେଷ୍ଟ ଫେବୃଆରୀ ୨୦୨୪ରେ ଖେଳିଥିଲେ। ଶେଷ ଟି-୨୦ ମ୍ୟାଚ୍ ୨୦୨୩ରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିଲା। ଏହା ପରେ ତାଙ୍କୁ ଟି-୨୦ରୁ ବାହାର କରାଯାଇଥିଲା। ସେହି ସମୟରେ ସେ ଆଇପିଏଲ୍ ୨୦୨୪ରେ କୋଲକାତା ପାଇଁ ଟାଇଟଲ ଜିତି ନିଜ ନାମ କରିଥିଲେ। ସେ ଏବେ ପଞ୍ଜାବ କିଙ୍ଗସକୁ ଫାଇନାଲରେ ପହଞ୍ଚାଇ ଦେଖାଇଛନ୍ତି ଯେ ସେ କି ପ୍ରକାରର ଅଧିନାୟକ। ଆୟରଙ୍କୁ ଭାରତୀୟ ଦଳର ଅଧିନାୟକ ହେବାର ସୁଯୋଗ ମିଳିନାହିଁ। ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଅବସର ପରେ ଏହା ଜଣାପଡୁଥିଲା ଯେ ଇଂଲଣ୍ଡ ଗସ୍ତରେ ଆୟରଙ୍କୁ ଭାରତୀୟ ଟେଷ୍ଟ ଦଳରେ ସାମିଲ କରାଯିବ।

## ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ୍ କପ୍ କ୍ରିକେଟ୍

# ଫାଇନାଲ୍‌ରେ ଏମ୍‌ସିସି-ରାଇଜିଂ




**ଭୁବନେଶ୍ୱର, ୮।୬ (ସଂଚାର ବ୍ୟୁରୋ):** ପାରାମାଉଣ୍ଟ୍ ସ୍ପୋର୍ଟିଂ କ୍ଲବ୍ ଦ୍ୱାରା ଆୟୋଜିତ ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ୍ କପ୍ ଅନ୍ତଃକ୍ଲବ୍ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ୍‌ରେ କଟକର ରାଇଜିଂ ଷ୍ଟୁଡେଣ୍ଟ୍‌କୁ ଭେଟିବ ଏମ୍‌ସିସି। ରାଇଜିଂ ଷ୍ଟୁଡେଣ୍ଟ୍ ଶୁକ୍ରବାର ଫାଇନାଲ୍‌ରେ ପ୍ରବେଶ କରିଥିଲା ବେଳେ ଶନିବାର ସହିଦ ସ୍ପୋର୍ଟିଂକୁ ଏକତରଫା ଭାବେ ୮ ୱିକେଟ୍‌ରେ ପରାସ୍ତ କରି ଏମ୍‌ସିସି ଟ୍ରଫି ଲଢ଼େଇରେ ଅବତୀର୍ଣ୍ଣ ହେବାକୁ ଯାଉଛି।

ଶନିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ଏମସିସି ଟସ୍ ଜିତି ସହିଦ ସ୍ପୋର୍ଟିଂକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ସହିଦ ସ୍ପୋର୍ଟିଂ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୮.୪ ଓଭରରେ ମାତ୍ର ୧୧୮ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦେବଜ୍ୟୋତି ପଟ୍ଟନାୟକ ସର୍ବାଧିକ ୪୧ ରନ୍ କରିଥିଲେ। ଏହାର ଜବାବରେ ଏମ୍‌ସିସି ଅନୁରାଗ ଷଡ଼ଙ୍ଗୀଙ୍କ ୭୨* ରନ୍ ବଳରେ ୨୦.୪ ଓଭରରେ ୨ ୱିକେଟ୍ ହରାଇ ୧୧୯ ରନ୍‌ର ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଶରତ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ଜେନା ଓ ଅଭିଷେକ ମହାନ୍ତି ଖେଳ ପରିଚାଳନା କରିଥିଲେ। ହର୍ଷିତ ରାଠୋଡ (୪/୧୨) ଘାତକ ବୋଲିଂ କରି ଗାୟତ୍ରୀ ଡକ୍‌ଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ଜାନକୀନାଥ ପରିଡ଼ାଙ୍କଠାରୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଗ୍ରହଣ କରିଥିଲେ।

# ଫ୍ରେଞ୍ଚ୍ ଓପନ୍: ଗଫ୍‌ଙ୍କୁ ପ୍ରଥମ ଟ୍ରଫି

ପ୍ୟାରିସ୍, ୮।୬: ଚଳିତ ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍ ପ୍ରତିଯୋଗିତାର ମହିଳା ଏକକ ଟ୍ରଫି ଜିତି ନେଇଛନ୍ତି ଆମେରିକାର କୋକୋ ଗଫ୍। ଶନିବାର ରାତିର ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ରେ ଶୀର୍ଷ ସିଡ୍ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ୭-୬, ୬-୨, ୬-୪ରେ ପରାସ୍ତ କରି ରୋଲାଁ ଗ୍ୟାରୋସ୍‌ରେ ପ୍ରଥମ ଥର ପାଇଁ ଟ୍ରଫି ଜିତିବାର ଗୌରବ ଅର୍ଜନ କରିଛନ୍ତି ଏହି ଦ୍ୱିତୀୟ ସିଡ୍ ଖେଳାଳି। ୨୦୨୩ ମସିହାରେ ଘରୋଇ ପରିବେଶରେ ୟୁଏସ୍ ଓପନ୍ ଜିତିଥିବା ୨୧ବର୍ଷୀୟା ଗଫ୍‌ଙ୍କ କ୍ୟାରିୟରର ଏହା ହେଉଛି ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ବିଜୟ। ଅନ୍ୟପକ୍ଷରେ ନିଜ ପ୍ରଥମ ଫ୍ରେଞ୍ଚ୍ ଓପନ୍ ବିଜୟ ଲକ୍ଷ୍ୟରେ ଥିବା ସାବାଲେଙ୍କା ଲଢ଼ୁଆ ଖେଳିବା ସତ୍ତ୍ୱେ ଉପବିଜେତାରେ ସନ୍ତୁଷ୍ଟ ରହିଛନ୍ତି। ଫଳରେ କ୍ୟାରିୟର୍‌ର ଚତୁର୍ଥ ଗ୍ରାଣ୍ଡସ୍ଲାମ୍ ବିଜୟରୁ ବଞ୍ଚିତ ହୋଇଛନ୍ତି। ୨୭ ବର୍ଷୀୟା ସାବାଲେଙ୍କା ପ୍ରଥମ ସେଟ୍‌କୁ ଟାଇବ୍ରେକର୍‌ରେ ୭-୬ରେ ଜିତିବା ପରେ ଟ୍ରଫି ବିଜୟଠାରୁ ଗୋଟି ସେଟ୍ ଦୂରରେ ଥିଲେ। ତେବେ ଗଫ୍ ଦ୍ୱିତୀୟ ସେଟ୍‌ରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ସ୍ଥିତି ୧-୧ କରିନେବା ପରେ ସେ ଚାପରେ ପଡ଼ି ଯାଇଥିଲେ। ଶେଷରେ ନିର୍ଣ୍ଣାୟକ ତୃତୀୟ ସେଟ୍‌କୁ ୨ ପଏଣ୍ଟ୍ ବ୍ୟବଧାନରେ ଜିତି ଗଫ୍ ଇତିହାସ ରଚିଥିଲେ। ଚମତ୍କାର ସର୍ଭିସ୍ କରୁଥିବା ସାବାଲେଙ୍କାଙ୍କ ୫୧ଟି ଅନିଚ୍ଛାକୃତ ତ୍ରୁଟି ଶେଷରେ ମହଙ୍ଗା ସାବ୍ୟସ୍ତ ହୋଇଥିଲା।



## ଜୋକୋଭିକ୍‌ଙ୍କ ଯୁଗ ଶେଷ!

ପ୍ୟାରିସ୍, ୮।୬: ଫ୍ରେଞ୍ଚ୍ ଓପନ୍ ସେମିଫାଇନାଲ୍ ପରାଜୟ ପରେ ୨୪ ଗ୍ରାଣ୍ଡ୍ ସ୍ଲାମ ବିଜେତା ନୋଭାକ ଜୋକୋଭିକ୍ ଅବସର ଆଭାସ ଦେଇଛନ୍ତି। କିନ୍ତୁ ଆନୁଷ୍ଠାନିକ ଭାବେ କିଛି ଘୋଷଣା କରିନାହାନ୍ତି। ପୂର୍ବରୁ ରାଫେଲ୍ ନାଦାଲ, ରୋଜର ଫେଡେରର୍ ଅବସର ନେଇ ସାରିଥିବାରୁ ଜୋକୋଭିକ୍‌ଙ୍କ ଅବସର ଘୋଷଣା ସହ 'ବିଗ୍-ଥ୍ରୀ'ଙ୍କ ଯୁଗର ବି ଅବସାନ ଘଟିବ ବୋଲି କୁହାଯାଉଛି। ଶୁକ୍ରବାର ମଧ୍ୟ ରାତିରେ କୋଭୋଭିକଙ୍କୁ ଏକ ନମ୍ବର ଇଟାଲି ଖେଳାଳି ୟାନିକ୍ ସିନ୍ନର ସିଧାସଳଖ ସେଟ୍ ୬-୪, ୭-୫, ୭-୬ (୭-୩)ରେ ପରାସ୍ତ କରିଥିଲେ। ରବିବାର ସିନ୍ନର ଏବଂ କାର୍ଲୋସ ଆଲକାରାଜଙ୍କ ମଧ୍ୟରେ ଐତିହାସିକ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଉଭୟ ପ୍ରଥମ ଥର ପାଇଁ ଏକ ଗ୍ରାଣ୍ଡ୍ ସ୍ଲାମ ଫାଇନାଲ୍‌ରେ ମୁହାଁମୁହିଁ ହେବାକୁ ଯାଉଛନ୍ତି। ୨୨ ବର୍ଷୀୟ ଆଲକାରାଜ ପଞ୍ଚମ ଗ୍ରାଣ୍ଡ ସ୍ଲାମ ଜିତିଲେ ରାଫେଲ୍ ନାଦାଲଙ୍କ ରେକର୍ଡର ସମକକ୍ଷ ହୋଇପାରିବେ। ସମାନ ବୟସରେ ୨୦୦୮ରେ ରୋଜର ଫେଡେରରଙ୍କୁ ହରାଇ ନାଦାଲ ୱିମ୍ବଲଡନ୍ ଟ୍ରଫି ଜିତିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୋହନଙ୍କ...

ସୃଷ୍ଟି କରାଯିବ। ଦ୍ୱିତୀୟରେ ସରକାର ନିଜସ୍ୱ ଲ୍ୟାଣ୍ଡ ବ୍ୟାଙ୍କର ସମ୍ପ୍ରସାରଣ କରିବା ସହ ଭବିଷ୍ୟତ ଆବଶ୍ୟକତା ପୂରଣ କରିବାକୁ ଶିଳ୍ପ ଭିତ୍ତିଭୂମିର ବିକାଶ କରିବେ। ତୃତୀୟରେ ସରକାର ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାର ଉନ୍ନତିକରଣ କରି ଏହାକୁ ଏକ ଆଧୁନିକ ଓ ସମନ୍ୱିତ ପ୍ରକଳ୍ପ ଟ୍ରାକିଂ ବ୍ୟବସ୍ଥାରେ ରୂପାନ୍ତରିତ କରାଯିବ। ସର୍ବୋପରି ପୁଞ୍ଜିନିବେଶକାରୀଙ୍କ ବ୍ୟବସ୍ଥାର ସରଳୀକରଣ ପାଇଁ ଥିବା ବିଭିନ୍ନ ଜଟିଳ ନିୟମ ଓ ପ୍ରକ୍ରିୟାର ପରିବର୍ତ୍ତନ କରାଯିବ। ନିବେଶ ସମ୍ପର୍କିତ ପ୍ରସ୍ତାବର ତ୍ୱରିତ ମଞ୍ଜୁରୀ ସାଙ୍ଗକୁ ସମନ୍ୱୟ ଓ ରିୟଲ-ଟାଇମ ମନିଟରିଂ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆସନ୍ତା ୪ ବର୍ଷରେ ରାଜ୍ୟ ସରକାର ସମୃଦ୍ଧ ଓଡ଼ିଶା-୨୦୩୬ ପାଇଁ ମୂଳଦୁଆ ପକାଇବେ। ଆଇଓସିଏଲ, ଜେଏସଡବ୍ଲ୍ୟୁ, ଜେଏସପିଏଲ, ଟାଟା ଷ୍ଟିଲ, ଏଏମଏନଏସ, ବେଦାନ୍ତ, ହିଣ୍ଡାଲକୋ ଓ ଆଦାନୀ ଭଳି ବଳିଷ୍ଠ ଶିଳ୍ପ ପାର୍ଟନରଙ୍କ ସହଯୋଗରେ ଓଡ଼ିଶାକୁ ମାଇନିଂ, ମେଟାଲ ଓ ସବୁଜ ଶକ୍ତିର ଲିଡର ଭାବେ ଗଢ଼ିତୋଳିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହ ପାରାଦୀପ-ଧାମରା-ଗୋପାଳପୁରରେ ନୂଆ ଟର୍ମିନାଲ, ଜେଟି ଓ ମାଲ ପରିବହନ କ୍ଷମତା ବୃଦ୍ଧି କରି ବନ୍ଦରଭିତ୍ତିକ ଶିଳ୍ପର ଅଭିବୃଦ୍ଧି ପାଇଁ ମଧ୍ୟ ଯୋଜନା କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଭିଜିଲାନ୍ସ...

ଏହାପରେ ତାଙ୍କ ସହ ଜଡ଼ିତ ଏକାଧିକ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇ ମୋଟ ୪୭ ଲକ୍ଷ ଟଙ୍କା ଜବତ କରିଥିବା ଜଣାପଡ଼ିଛି। ଏନେଇ ୬/୨୦୨୫ରେ ଏକ ମାମଲା ରୁଜୁ କରିବା ସହ ଭିଜିଲାନ୍ସ ଅଧିକ ତଦନ୍ତ ଜାରି ରଖିଛି।

## ସ୍ମରଣୀୟ...

କାର୍ଯ୍ୟକ୍ରମର ପ୍ରସ୍ତୁତି ନେଇ କଟକ ଜିଲ୍ଲା ପ୍ରଶାସନ ସହ ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ବର୍ଷ ପୂର୍ତ୍ତି ଉତ୍ସବକୁ କେବଳ ରାଜ୍ୟସ୍ତରରେ ସୀମିତ ନରଖି ସବୁ ଜିଲ୍ଲା ଓ ସବୁ ବର୍ଗକୁ ଛୁଇଁବାକୁ ଯୋଜନା କରିଛନ୍ତି ମୋହନ ସରକାର । ବର୍ଷପୂର୍ତ୍ତି କାର୍ଯ୍ୟକ୍ରମକୁ ଅଧିକ ସ୍ମରଣୀୟ କରିବା ପାଇଁ ଆସିବେ କେନ୍ଦ୍ରୀୟ ନେତା। ବିଭିନ୍ନ ସମାବେଶରେ ବିଭିନ୍ନ କେନ୍ଦ୍ରମନ୍ତ୍ରୀ ଯୋଗ ଦେବେ। ବିଜେପିଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ସାମିଲ ହେବେ ବୋଲି ଜଣାପଡ଼ିଛି।

## ୧୨୪ ବର୍ଷର ...

ଆସାମ, ସିକ୍କିମ, ମିଜୋରାମ, ମଣିପୁର, ନାଗାଲାଣ୍ଡ ଭଳି ରାଜ୍ୟରେ ପ୍ରବଳ ବର୍ଷା ସହ ବନ୍ୟା, ଭୂସ୍ଖଳନ ଆଦି ଅଘଟଣ ଘଟିବା ଫଳରେ ଯାତାୟାତରେ ଗୁରୁତର ବାଧା ସୃଷ୍ଟି ହୋଇଥିଲା। ବହୁ ଘରଦ୍ୱାର ଭାଙ୍ଗିଯାଇଥିଲା। ଜଳବାୟୁ ବୈଜ୍ଞାନିକମାନେ ବିଶ୍ୱାସ କରୁଛନ୍ତି ଯେ ଭାରତରେ ପାଗ ଆଉ ପୂର୍ବ ପରି ନାହିଁ। ଏହି ପରିବର୍ତ୍ତନ ବିଶ୍ୱ ଉତ୍ତପ୍ତୀକରଣ ଓ ପରିବେଶରେ ହେଉଥିବା ବ୍ୟାପକ ପରିବର୍ତ୍ତନର ଏକ ସୂଚକ।

## ସଂକ୍ରମିତ...

ମିଳିଥିବା ନମୁନା ଜିନୋମ୍ ସିକ୍ୱେନ୍ସିଂରୁ ଜଣାପଡିଛି ଯେ ଚିହ୍ନଟ ହୋଇଥିବା ନୂଆ ଭୂତାଣୁ ଓମିକ୍ରନର ନୂଆ ପ୍ରଜାତି । ଗୋଟିଏ ପଟେ ଦେଶରେ ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ହସ୍ପିଟାଲ ଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ୍, ଆଇସିୟୁ ବେଡ୍, ଭେଣ୍ଟିଲେଟର ଓ ଆବଶ୍ୟକୀୟ ଔଷଧପତ୍ର ମହଜୁଦ ରଖିବାକୁ ରାଜ୍ୟ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛି କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ। ଜୁନ୍ ୪ ତାରିଖରେ ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ ସମନ୍ୱିତ ରୋଗ ସର୍ବେକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟ ଏବଂ ଜିଲ୍ଲା ସର୍ବେକ୍ଷଣ ୟୁନିଟ୍ ଇନଫ୍ଲୁଏଞ୍ଜା ପରି ରୋଗ ଏବଂ ଗମ୍ଭୀର ତୀବ୍ର ଶ୍ୱାସକ୍ରିୟା ରୋଗ ଉପରେ କଡ଼ା ନଜର ରଖୁଛନ୍ତି। ନିର୍ଦ୍ଦେଶନା ଅନୁଯାୟୀ ସମସ୍ତ ଭର୍ତ୍ତି ହୋଇଥିବା ଏସଏଆରଆଇ ମାମଲା ଏବଂ ୫ ପ୍ରତିଶତ ଆଇଏଲଆଇ ମାମଲା ପାଇଁ ପରୀକ୍ଷା ସୁପାରିଶ କରାଯାଇଛି।

## ଭକ୍ତଙ୍କ ...

କ୍ଷତ ସୃଷ୍ଟି ହୋଇଥିବା ବେଳେ ପରେ ସେମାନଙ୍କୁ ହସ୍ପିଟାଲ୍‌କୁ ନିଆଯାଇଥିଲା। ସମସ୍ତ ଆହତ ନୟାଗଡ଼ ଜିଲ୍ଲାର ବାସିନ୍ଦା ବୋଲି ଜଣାପଡ଼ିଛି। ଭକ୍ତଙ୍କ ଭୀଷଣ ଭିଡ଼ ଓ ବୋଝିଆମାନଙ୍କ ଦାୟିତ୍ୱହୀନତାରୁ ଏପରି ଅଘଟଣ ଘଟିଥିବା କୁହାଯାଉଛି।

## ବିଜେଡିର...

ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଯାହା ଏବେବି ବିଚାରାଧୀନ ରହିଛି। ବିଜେପି ସରକାରକୁ ଆସିଲେ ବ୍ଲାକରୋଜର ଗୁମର ଖୋଲିବ ବୋଲି ବହୁ ବିଜେପି ନେତା କହିଥିଲେ। ବର୍ଷେ ବିତିଯିବା ପରେ ମଧ୍ୟ ଏହି ମାମଲାକୁ ଏଯାଏଁ ସିବିଆଇକୁ ହସ୍ତାନ୍ତର କରିନାହାଁନ୍ତି ରାଜ୍ୟ ସରକାର।

**■ କେବେ ହେବ ପରୀ ହତ୍ୟାର ସିବିଆଇ ତଦନ୍ତ?**

୨୦୨୦ରେ ନୟାଗଡ ଯଦୁପୁର ଗାଁର ନାବାଳିକା ପରୀ ହତ୍ୟାକୁ ନେଇ ରାଜ୍ୟ ରାଜନୀତି ବେଶ ସରଗରମ ହୋଇଥିଲା। ଏହି ଘଟଣାରେ ସେତେବେଳର ରାଜ୍ୟର ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ସମ୍ପୃକ୍ତିକୁ ନେଇ ବହୁ ହଟଚମଟ ହୋଇଥିଲା। ସମସ୍ତଙ୍କୁ କିନ୍ତୁ କ୍ଲିନଚିଟ ଦେଇ କ୍ରାଇମବ୍ରାଞ୍ଚ ପଡ଼ୋଶୀ ନାବାଳକକୁ ଅଭିଯୁକ୍ତ ବୋଲି ପ୍ରମାଣିତ କରିଥିଲା। ଏହି ମାମଲା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ବି ଯାଇଛି। ତତ୍କାଳୀନ ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର (ଏବେ ବିଜେଡି ନେତ୍ରୀ) ସିବିଆଇ ତଦନ୍ତ ପାଇଁ ଦାବି କରିଥିଲେ। ବିଜେପି ଯଦୁପୁରରେ ସରକାର ବିରୋଧରେ ବିରାଟ ର୍ୟାଲି ବି କରିଥିଲା। କିନ୍ତୁ ଏବେ ବିଜେପି କ୍ଷମତାକୁ ଆସିବା ପରେ ବି ପରୀ ତଦନ୍ତର ପର କଟାଯାଇଥିବା ପରି ଲାଗୁଛି।

**■ କୁଆଡେ ଗଲା ଡିଏମ୍‌ଏଫ୍ ପାଣ୍ଠି ଦୁର୍ନୀତିର ତଦନ୍ତ?**

ନିର୍ବାଚନ ପୂର୍ବରୁ ପୂର୍ବତନ ବିଜେଡି ସରକାର ଡିଏମଏଫ ପାଣ୍ଠିରେ ଦୁର୍ନୀତି ହୋଇନି ବୋଲି ଯେତେ ସଫେଇ ଦେଲେ ବି ବିଜେପି ନଛୋଡବନ୍ଧା ଥିଲା। ବାରମ୍ବାର ଅଭିଯୋଗ କରୁଥିଲା ଯେ ଡିଏମଏଫ ପାଣ୍ଠିରେ ବଡ଼ ଘୋଟାଲା ହୋଇଛି। ବିଜେପି କ୍ଷମତାକୁ ଆସିଲେ ତା'ର ପର୍ଦ୍ଦାଫାସ ହେବ ବୋଲି ବି ନେତାମାନେ ନିର୍ବାଚନୀ ସଭାରେ କହୁଥିଲେ। କିନ୍ତୁ ବର୍ଷେ ଭିତରେ ବି ଡିଏମଏଫ ପାଣ୍ଠି ହେରଫେର ଅଭିଯୋଗର ତଦନ୍ତ ଆରମ୍ଭ ହୋଇନି। କାଁଭାଁ ଜଣେ ଅଧେଙ୍କୁ ରାଜନୈତିକ ଦୃଷ୍ଟିକୋଣରୁ ଗିରଫ କରାଯାଇଛି। କିନ୍ତୁ ବଡ଼ ମୁଣ୍ଡ ତ ଖସିଗଲେଣି। ଯେଉଁସବୁ ଅଧିକାରୀଙ୍କ ବିରୋଧରେ ସେତେବେଳେ ବିଜେପି ଅଭିଯୋଗ କରୁଥିଲା, ଏବେ ସେହି ଅଧିକାରୀମାନେ ଦିଲ୍ଲୀରେ ଭଲ ଭଲ ପଦବୀରେ ପୋଷ୍ଟିଂ ପାଇଲେ କେମିତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

**■ ଏବେ ବି ନାଳିଫିତା ତଳେ ପିହୁ ନିଖୋଜ ମାମଲା**

୨୦୨୦ ଅଗଷ୍ଟ ୯ରେ ଯାଜପୁର ବିଞ୍ଝାରପୁର ଅଞ୍ଚଳରୁ ନିଖୋଜ ହୋଇଥିଲା ପିହୁ ନାମକ ଆଉ ଜଣେ ନାବାଳିକା। ଝିଅ ନିଖୋଜ ହେବା ପରେ ଜନପ୍ରତିନିଧି କି ସରକାର କେହି ନିଖୋଜ ପିହୁକୁ ଖୋଜିବାରେ ସହଯୋଗ କରିନଥିବା ପିହୁଙ୍କ ମା' ବାରମ୍ବାର ଅଭିଯୋଗ କରିଆସୁଥିଲେ। ଏନେଇ ସେ ସମୟରେ ସେ ବାରମ୍ବାର ରାଜଧାନୀ ରାଜରାସ୍ତାରେ ଧାରଣା ମଧ୍ୟ ଦେଇଛନ୍ତି। ହେଲେ କିଛି ବି ହୋଇନି। ସେତେବେଳେ ରାଜ୍ୟ ବିଜେପି ନେତାମାନେ ଏହି ଘଟଣାକୁ ନେଇ ହଟ୍ଟଗୋଳ କରିଥିଲେ। ବିଧାନସଭା ଅଚଳ ହୋଇଥିଲା। ୫ ବର୍ଷ ପରେ ବି ପିହୁ ପରିବାରକୁ ନ୍ୟାୟ ମିଳିନି। ନ୍ୟାୟ ମିଳିନଥିବାରୁ ପିହୁର ପରିବାର ଗତ ସାଧାରଣ ନିର୍ବାଚନରେ ଭୋଟ ମଧ୍ୟ ବର୍ଜନ କରିଥିଲେ। ସରକାର ବଦଳିବା ପରେ ତା ମା ନ୍ୟାୟ ପାଇବାକୁ ଆଶା ରଖିଥିଲେ। ହେଲେ ସେମାନଙ୍କ ଆଶା ଆଶାରେ ହିଁ ରହିଯାଇଛି।

ଏମିତି ଅନେକ ସମ୍ବେଦନଶୀଳ ଘଟଣା ରହିଛି ଯାହା ଉପରେ କାର୍ଯ୍ୟାନୁଷ୍ଠାନ ଆଶାରେ ବି କିଛି ପରିବାର ବିଜେପିକୁ ଭୋଟ ଦେଇ କ୍ଷମତାକୁ ଆଣିଥିଲେ। ଆମେ ମାତ୍ର ଚାରୋଟି ଘଟଣା କଥା କହୁଛୁ। ଏସବୁ ଘଟଣାରେ ବିଜେଡିର କିଛି ମଙ୍ଗୁଆଳ ନେତାଙ୍କ ସମ୍ପୃକ୍ତି ଅଭିଯୋଗ ହେଉଥିଲା। କିନ୍ତୁ ନୂଆ ସରକାରରେ ବି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ବିଜେଡିକୁ କିଏ ସୁରକ୍ଷା ଦେଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ।

# ତାମିଲନାଡୁ ଓ ବେଙ୍ଗଲରେ ସରକାର ଗଢ଼ିବୁ:ଶାହ

**ଚେନ୍ନାଇ, ୮।୬:** ମଦୁରାଇରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଶକ୍ତି ପ୍ରଦର୍ଶନ। ରବିବାର ଏଠାରେ ଆୟୋଜିତ ଏକ ଶୋଭାଯାତ୍ରାରେ ଯୋଗ ଦେଇଥିଲେ ଶାହ। ଏହି ସମୟରେ ସେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ନେତୃତ୍ୱାଧୀନ



ଡିଏମକେ ଉପରେ ପ୍ରବଳ ବର୍ଷିଛନ୍ତି। ଷ୍ଟାଲିନ୍ ସରକାର କାର୍ଯ୍ୟକାଳର ଶେଷ ଚାରି ବର୍ଷ ମଧ୍ୟରେ ଦୁର୍ନୀତିର ସମସ୍ତ ସୀମା ଅତିକ୍ରମ କରିଛି ବୋଲି କେନ୍ଦ୍ର ଗୃହ ମନ୍ତ୍ରୀ କହିବା ସହ ଆଗାମୀ ନିର୍ବାଚନରେ ପଶ୍ଚିମବଙ୍ଗ ଓ ତାମିଲନାଡୁରେ ବିଜେପି ସରକାର ଗଠନ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ସରକାର ଉପରେ ଟିପ୍ପଣୀ ଦେବାକୁ ଯାଇ ଶ୍ରୀ ଶାହ କହିଛନ୍ତି ଯେ ତାମିଲନାଡୁରେ ଡିଏମକେ ସରକାର ଦୁର୍ନୀତିର ସମସ୍ତ ସୀମା ଅତିକ୍ରମ କରିଛି। ତାମିଲନାଡୁ ସରକାର କେନ୍ଦ୍ର ସରକାର ଦ୍ୱାରା ଯୋଗାଇ ଦିଆଯାଇଥିବା ୪୫୦ କୋଟି ଟଙ୍କାର ପୁଷ୍ଟିସାର କିଟ୍ ଏକ ଘରୋଇ କମ୍ପାନୀକୁ ହସ୍ତାନ୍ତର କରି ଏକ ବଡ଼ ଘୋଟାଲା କରିଛନ୍ତି ଏବଂ ଗରିବ ଲୋକଙ୍କୁ ଖାଦ୍ୟରୁ ବଞ୍ଚିତ କରିଛନ୍ତି। ଶାହ ଦଳୀୟ କର୍ମୀମାନଙ୍କୁ ସମ୍ବୋଧିତ କରି ଏପରି ଅଭିଯୋଗ କରିଛନ୍ତି। ସେ ଏହା ମଧ୍ୟ ଦାବି କରିଛନ୍ତି ଯେ ଦ୍ରାବିଡ ମୁନେତ୍ର କାଝଗମ (ଡିଏମକେ) ସରକାର ମଧ୍ୟ ୪,୬୦୦ କୋଟି ଟଙ୍କାର ବାଲି ଖଣି ଦୁର୍ନୀତି କରିଛି। ଫଳରେ ରାଜ୍ୟର ଗରିବ ଲୋକମାନେ ଶାସକ ଦଳକୁ ଟଙ୍କା ରୋଜଗାର କରିବାରେ ସାହାଯ୍ୟ କରିବା ପାଇଁ ଚଢ଼ା ମୂଲ୍ୟରେ ବାଲି କିଣିବାକୁ ବାଧ୍ୟ ହେଉଛନ୍ତି। ଗୃହମନ୍ତ୍ରୀ କଥିତ ତାମିଲନାଡୁ ରାଜ୍ୟ ମାର୍କେଟିଂ କର୍ପୋରେସନ (ଟାସମାକ) ଦୁର୍ନୀତିକୁ ମଧ୍ୟ ଉଠାଇ କହିଛନ୍ତି ଯେ ଏହା ରାଜ୍ୟ ରାଜକୋଷରୁ ୩୯ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛି। ଯାହା ଅନ୍ୟଥା ତାମିଲନାଡୁର ପ୍ରତ୍ୟେକ ସ୍କୁଲରେ ଦୁଇଟି ଅତିରିକ୍ତ କୋଠରୀ ନିର୍ମାଣ ପାଇଁ ବ୍ୟବହାର କରାଯାଇପାରିବ। ଗତ ମାସରେ ସୁପ୍ରିମକୋର୍ଟ ତାମିଲନାଡୁ ସରକାରଙ୍କ ଏକ ଆବେଦନର ଶୁଣାଣି କରିବା ପରେ ମନି ଲଣ୍ଡରିଂ ନିବାରଣ ଆଇନ ଅନୁଯାୟୀ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର କାର୍ଯ୍ୟଧାରା ସ୍ଥଗିତ ରଖିଥିଲେ। କୋର୍ଟ କହିଥିଲେ ଯେ ଏହା କେନ୍ଦ୍ରୀୟ ଏଜେନ୍ସିର କ୍ଷମତାର ଅତିକ୍ରମ ଏବଂ ସମ୍ବିଧାନର ଉଲ୍ଲଂଘନ। ମୋ ପାଖରେ ଏମକେ ଷ୍ଟାଲିନ ସରକାରଙ୍କ ଦ୍ୱାରା କରାଯାଇଥିବା ଠକେଇର ଏକ ଲମ୍ବା ତାଲିକା ଅଛି, କିନ୍ତୁ ମୁଁ ପ୍ରତ୍ୟେକଟି ବିଷୟରେ ବିସ୍ତାର କରି ସମୟ ନଷ୍ଟ କରିବାକୁ ଚାହୁଁନାହିଁ ବୋଲି ଶାହ କହିଛନ୍ତି। ଗତବର୍ଷର କଲ୍ଲାକୁରିଚି ବିଷାକ୍ତ ମଦ ମୃତ୍ୟୁ ଉପରେ ମଧ୍ୟ ଅମିତ ଶାହ ଡିଏମକେ ସରକାରଙ୍କୁ ଆକ୍ରମଣ କରିଥିଲେ। ଯେଉଁଥିରେ ୬୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା।

## ମହିଳାଙ୍କ ଜୀବନ ନେଲା ହାତୀ

**ଦେବଗଡ଼, ୮।୬ (ସଂଚାର ବ୍ୟୁରୋ):** ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ଜୀବନ ଯାଇଛି। ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ ଆଉଁଳିରେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା କୈଳାସ ପ୍ରଧାନଙ୍କ ସ୍ତ୍ରୀ କଳାବତୀ ପ୍ରଧାନ ବୋଲି ଜଣାପଡ଼ିଛି। କାଜୁ ବଗିଚାରେ ମହିଳାଙ୍କୁ କଚାଡ଼ି କଚାଡି ମାରିଛି ହାତୀ। ଘଟଣାସ୍ଥଳରେ ବନବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ବନ ବିଭାଗର ଅବହେଳା ଅଭିଯୋଗରେ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଥିବାବେଳେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି।

## ଶ୍ରାଦ୍ଧୋତ୍ସବରେ ବିଦଗ୍ଧ କବିଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୮।୬ (ସଂଚାର ବ୍ୟୁରୋ):** ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୧୯ତମ ସ୍ୱର୍ଗାରୋହଣ ଦିବସ ଆଜି ପ୍ରତ୍ୟୁଷରେ ଅଭିମନ୍ୟୁ ସ୍ମୃତି ସଂସଦ ଆନୁକୂଲ୍ୟରେ ସଭାପତି ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ସମ୍ପାଦକ ଖେତ୍ରୁ ଚରଣ ବିଶ୍ୱାଳଙ୍କ ସଂଯୋଜନାରେ ମଧୁସୂଦନ ନଗରସ୍ଥିତ ପ୍ରତିମୂର୍ତ୍ତି ସ୍ଥଳୀରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ପୂର୍ବତନ କର୍ପୋରେଟର ପୂର୍ଣ୍ଣଚନ୍ଦ୍ର ଜେନା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବତନ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରା, ନିରଞ୍ଜନ ବାରିକ, ଗାନ୍ଧିବାଦୀ ପ୍ରମେଶ ମହାନ୍ତି, ବଟକୃଷ୍ଣ ବଳ, ଅକ୍ଷୟ କୁମାର ସାମଲ, ବୈରାଗୀ ଚରଣ ପୃଷ୍ଟି, କବୟିତ୍ରୀ ବିଷ୍ଣୁପ୍ରିୟା ଜେନା, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଗାନ୍ଧିବାଦୀ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବକ୍ତାମାନେ ଓଡ଼ିଶାର ବୈଷ୍ଣବ ଭାବଧାରାକୁ କାବ୍ୟ ଓ ଭକ୍ତି ମାଧ୍ୟମରେ ପ୍ରକଟିତ କରି ଭକ୍ତିଭାବ ଓ ପ୍ରେମଭାବର ସମନ୍ୱୟରେ ବାଲିଆର ଜମିଦାର ଅଭିମନ୍ୟୁ ସାମନ୍ତସିଂହାର 'ବିଦଗ୍ଧ ଚିନ୍ତାମଣି' ଓ ତାଙ୍କର ଅନ୍ୟାନ୍ୟ କାବ୍ୟ ମାଧ୍ୟମରେ ଯେଉଁ ଅପୂର୍ବ ରଚନା କରିଛନ୍ତି, ତାହା ଯୁଗେ ଯୁଗେ ଜନମାନସକୁ ଅପୂର୍ବ ଆନନ୍ଦ ପ୍ରଦାନ କରିଆସୁଛି।

# ଆଜି କେନ୍ଦ୍ରାପଡ଼ା ଆସିବେ ମୁଖ୍ୟମନ୍ତ୍ରୀ

● ତ୍ରିରଙ୍ଗା ରାଲିରେ ହେବେ ସାମିଲ, ପ୍ରସ୍ତୁତିରେ ଜିଲ୍ଲା ପ୍ରଶାସନ



**କେନ୍ଦ୍ରାପଡ଼ା, ୮।୬ (ସଂଚାର ବ୍ୟୁରୋ) :** ଆଜି କେନ୍ଦ୍ରାପଡା ଆସୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଗସ୍ତକୁ ଗସ୍ତକୁ ନେଇ ରବିବାର ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ,ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ଉପସ୍ଥିତ ଥିଲେ। ପ୍ରସ୍ତାବିତ କାର୍ଯ୍ୟକ୍ରମ ଅନୁସାରେ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରାପଡ଼ାରେ ଭବ୍ୟ ସ୍ୱାଗତ ସହ ତ୍ରିରଙ୍ଗା ରାଲିରେ ମାଉସୀମା ମନ୍ଦିର ଠାରୁ ବଳଦେବ ଜିଉ ମନ୍ଦିର ପର୍ଯ୍ୟନ୍ତ ସାମିଲ ହେବେ। ପରେ ବଳଦେବଜୀୟୁ ଙ୍କୁ ଦର୍ଶନ ଏବଂ ସମୀକ୍ଷା ବୈଠକ କାର୍ଯ୍ୟକ୍ରମ ରହିଛି। ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରିବା ସହିତ କିପରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରାଯିବ ସେଥିପ୍ରତି ପ୍ରସ୍ତୁତିକୁ ଜୋରଦାର କରିବାକୁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସୋମବାର ପୂର୍ବାହ୍ନ ୧୦.୩୦ ମିନିଟ ସମୟରେ ସ୍ଥାନୀୟ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ହେଇକେପ୍ଟର ଯୋଗେ ଓହ୍ଲାଇବା ପରେ ଇଚ୍ଛାପୁର ରଥଦାଣ୍ଡ ରେ ପହଞ୍ଚି କାର୍ଯ୍ୟକ୍ରମରେ ସାମିଲ ହେବେ ।

# ଅରଖକୁଦରେ ବହୁମୂଖୀ ବାତ୍ୟା ଆଶ୍ରୟସ୍ଥଳୀର ନୂତନ ଗୃହ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ



**ନାଉଗାଁ, ୮।୬ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ରୋହିଆ ପଞ୍ଚାୟତର ଅରଖକୁଦ ଗ୍ରାମରେ ବହୁମୂଖୀ ବାତ୍ୟା ଆଶ୍ରୟସ୍ଥଳୀ ନୂତନ ଗୃହ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ରବିବାର କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଜଗତସିଂହପୁର ବିଭାଜନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ବିଧାୟକ ଶ୍ରୀ ଦାସଙ୍କ ସହିତ ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ବିଭାଗୀୟ ସହକାରୀ ଯନ୍ତ୍ରୀ ଇଂ. ରମାକାନ୍ତ ମିଶ୍ର, ଠିକାଦାର ପବିତ୍ର କୁମାର ନାୟକ, ସାମାଜିକ କର୍ମୀ ବାବନ ନାୟକ, ପଦ୍ମଚରଣ ରାଉତ, ବିଜେପି ପଞ୍ଚାୟତ ସଭାପତି ବୈରାଗୀ ନାୟକ, ଅଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ବାତ୍ୟା ଆଶ୍ରୟସ୍ଥଳୀ ଗୃହ କେବଳ ବାତ୍ୟା ସମୟରେ ବ୍ୟବହାର ହେବ ତାହା ନୁହେଁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଏହି ଗୃହକୁ ସ୍ଥାନୀୟ ଲୋକେ ବ୍ୟବହାର କରିପାରିବେ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ନାଉଗାଁ ମଣ୍ଡଳ ପ୍ରତିନିଧି ବିଷ୍ଣୁ ଚରଣ ବେହେରା, ଅଲଣା ମଣ୍ଡଳ ପ୍ରତିନିଧି ଦେବୀ ପାଢ଼ୀ, ପ୍ରର୍ଶୁରାମ ଜେନା, ପ୍ରଦିପ୍ତ ମହାନ୍ତି, ଜୟରାମ ବେହେରା, ସିଦ୍ଧେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ସାମ୍ବାଦିକ ୟୁନିୟନ ପକ୍ଷରୁ ସାଧାରଣ ପରିଷଦ ବୈଠକ



**ଖୋର୍ଦ୍ଧା, ୮।୬ (ସଂଚାର ବ୍ୟୁରୋ):** ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ସହବନ୍ଧିତ ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୟୁନିୟନ ପକ୍ଷରୁ ଜିଲ୍ଲା ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଭଗବାନ ଭିଲ୍ଲା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ବରିଷ୍ଠ ସାମ୍ବାଦିକ ତପନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଓୟୁଜେ ରାଜ୍ୟ ସମ୍ପାଦକ ପ୍ରସନ୍ନ ପାଇକରାୟ ଅତିଥି ଭାବରେ ଯୋଗଦେଇଥିବା ବେଳେ, ସଂଗଠନର ପୁରାତନ ତଥା ବରିଷ୍ଠ ସଦସ୍ୟ ରବି ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ବିଶ୍ୱାଳ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରାରମ୍ଭରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ନାୟକ ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରି ସଭ୍ୟ ସଭ୍ୟା ମାନଙ୍କର ସକ୍ରିୟ ସହଯୋଗ କାମନା କରିବା ସହ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ସମସ୍ତଙ୍କୁ ଦିଗଦର୍ଶନ ଦେଇଥିଲେ। ଆଗାମୀ ଦିନରେ ଜିଲ୍ଲାରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ କରିବା ସମ୍ପର୍କରେ ସମସ୍ତଙ୍କର ମତାମତ ନେଇଥିଲେ। ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟଙ୍କୁ ଆମେରିକାନ ମେରିଟ କାଉନସେଲିଂ ପକ୍ଷରୁ ସମ୍ମାନ ସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିବାରୁ ଜିଲ୍ଲା ସଂଗଠନ ପକ୍ଷରୁ ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତତ ସହିତ ବରିଷ୍ଠ ସଦସ୍ୟ ରବି ସ୍ୱାଇଁଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ରାଜନଗରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ପ୍ରତିବାଦ

# ତୃତୀୟ ଦିନରେ ପହଞ୍ଚିଲା ଅନଶନ

## ଆସନ୍ତାକାଲି ଠାରୁ ଆମରଣ ଅନଶନରେ ବସିବେ ନିର୍ବାଚିତ ପ୍ରତିନିଧି



**ରାଜନଗର, ୮।୬ (ସଂଚାର ବ୍ୟୁରୋ) :** ରାଜନଗରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ରାଜନଗର ଥାନାକୁ ଦଲାଲଙ୍କ ଚରାଭୂଇଁ କରାଯାଇଥିବା ପ୍ରତିବାଦରେ ବିଜେଡି ପକ୍ଷରୁ ଥାନା ଆଗରେ ଚାଲିଥିବା ଅନଶନ ତୃତୀୟ ଦିନରେ ଜାରି ରହିଛି। ପଞ୍ଚାୟତ ସମିତି ଅଧକ୍ଷଙ୍କ ସହିତ ନିର୍ବାଚିତ ସରପଞ୍ଚ , ସମିତି ସଭ୍ୟ ଓ ବିଜୁ ଜନତା ଦଳର କର୍ମକର୍ତ୍ତା ମାନେ ରାଜନଗର ଥାନା ଆଗରେ ୬ ତାରିଖ ଦିନ ୧୦ ଟାରୁ ଅନଶନରେ ବସି ରହିଛନ୍ତି। ଦାବି ପୂରଣ ହେବ ଓ ରାଜନଗରରେ ଆଇନଶୃଙ୍ଖଳା ଫେରିବା ଯାଏଁ ଶାନ୍ତିପୂର୍ଣ୍ଣ ଭାବେ ଅନଶନରେ ବସି ରହିବାକୁ ନେତା ଓ କର୍ମୀଙ୍କ ଜିଦ ପୋଲିସର ନିଦ ହଜାଇ ଦେଇଛି। ଗତକାଲି ପ୍ରଚଣ୍ଡ ରୋଦ୍ରତାପ ଓ ଗୁଳୁଗୁଳି ଯୋଗୁଁ ଅସୁସ୍ଥ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ବ୍ଲକ ବିଜେଡି ସଭାପତି ତଥା ଡେରା ପଞ୍ଚାୟତର ସରପଞ୍ଚ ନିରଞ୍ଜନ ରାଉତ, ଗୁପ୍ତି ସମିତି ସଭ୍ୟା ମିନତୀ ସାହୁ, ସମବାୟବିତ ଦିଲ୍ଲୀପ କୁମାର ପାତ୍ର, ବନ୍ଧପଡା ସରପଞ୍ଚଙ୍କ ପ୍ରତିନିଧି ମନୋରଞ୍ଜନ ପାତ୍ର, ବ୍ରାହ୍ମଣସାହି ସରପଞ୍ଚଙ୍କ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଆଜି ପୁଣି ଅନଶନରେ ବସିଛନ୍ତି।

ଗତକାଲି ସନ୍ଧ୍ୟାରେ ଅତିରିକ୍ତ ଏସପି ଦେବାଶିଷ ଧଳ, ଏସଡିପିଓ କ୍ଷମା ସାଗର ପଣ୍ଡା, ଆଇଆଇସି ନରେଶ କୁମାର ସାହୁଙ୍କ ସହ ଥାନାରେ ଅନଶନକାରୀଙ୍କ ପ୍ରତିନିଧି ଦଳ ସହ ଆଲୋଚନା ବିଫଳ ହେବ ପରେ ଅନଶନ ଜାରି ରହିଛି। ପୁଲିସ ଅନଶନକାରୀଙ୍କ ଦାବି ପ୍ରତି କୌଣସି ପଦକ୍ଷେପ ନେଇ ନଥିବାରୁ ଅନଶନକାରୀଙ୍କ ଅନଶନ ଆଜି ତୃତୀୟ ଦିନରେ ଜାରି ରହିଛି।

ଆଜି ସନ୍ଧ୍ୟାରେ ଅନଶନକାରୀଙ୍କ ପକ୍ଷରୁ ରାଜନଗରରେ ଆଇନର ଶାସନ ଫେରିବା ଯାଏଁ ଆସନ୍ତାକାଲି ଠାରୁ ଆମରଣ ଅନଶନରେ ବସିବେ ବୋଲି ଲିଖିତ ଭାବେ ପୁଲିସକୁ ଜଣାଇ ଦିଆଯାଇଛି। ରାଜନଗର ଥାନାରେ ୪୦ରୁ ଊର୍ଦ୍ଧ ଲୋକ ପ୍ରତିନିଧିଙ୍କ ସହିତ ବିଜେଡି କର୍ମୀ ଅନଶନରେ ୩ ଦିନ ହେଲା ବସିଥିବ ବେଳେ କେନ୍ଦ୍ରାପଡା ଏସପି ଘଟଣାସ୍ଥଳକୁ ନଆସିବା ଅନଶନକାରୀ ଓ ବିଜେଡି କର୍ମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ବ୍ଲକ ବିଜେଡି ସଭାପତି ତଥା ଡେରା ପଞ୍ଚାୟତର ସଭାପତି ନିରଞ୍ଜନ ରାଉତ, ସରପଞ୍ଚ ସଂଘର ସଭାପତି ଅଶୋକ କୁମାର ମହାନ୍ତିଙ୍କ ସହିତ ନିର୍ବାଚିତ ସମିତି ସଭ୍ୟ, ସରପଞ୍ଚ ଓ ବିଜୁ ଜନତା ଦଳର ଛାମୁଆ ନେତାମାନେ ଅନଶନରେ ବସିରହିଛନ୍ତି।

# ଦଧିବାବନଜୀଉ ମନ୍ଦିରର ଉନ୍ନତିକରଣ କାମର ତଦାରଖ କଲେ ବିଭାଗୀୟ ଅଧିକାରୀ

**ଡେରାବିଶ, ୮।୬ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଶ୍ରୀ ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିରର ଉନ୍ନତିକରଣ କାମ ଚାଲିଛି। ବିଜେଡି ସରକାରଙ୍କ ସମୟରେ '୫-ଟି' ଯୋଜନାରେ ମଠ ଓ ମନ୍ଦିର ଭନ୍ନତାକରଣ କାମ ପାଇଁ ଡେରାବିଶର ଆରାଧ ପ୍ରଭୁ ଦାଧିବାବନଜୀଉଙ୍କ ମନ୍ଦିର ଉନ୍ନତିକରଣ ପାଇଁ ସରକାରଙ୍କ ପକ୍ଷରୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟବରାଦ କରାଯାଇଥିଲା। ଏଥିରେ ମନ୍ଦିର ଭିତରେ ଓ ବାହାରେ ବିଭିନ୍ନ ଉନ୍ନତିକରଣ କାମ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଟେଣ୍ଡର ମାଧମରେ ଜଣେ ଠିକାଦାର ଏହି କାମକୁ ହାସଲ କରି କାମ ଜାରି ରଖିଛନ୍ତି। ଠିକାଦାର ଜଣକ ମଧ ସର୍ବାଧିକ କାମ ସାରିଲେଣି। ତେବେ ଆଜି ମନ୍ଦିର ସମ୍ମୁଖରେ ନିର୍ମାଣ ପାଇଁ ଠିକାଦାର ଜଣକ ଗଦା କରିଥିବା ଇଟା ଗତକାଲି ଦେଖିବାକୁ ମିଳିଥିଲା। ଏହି ଇଟାଗଦାରୁ ଠିକାଦାର ସର୍ବାଧିକ ନିର୍ମାଣ କାମରେ ବ୍ୟବହାର କରିସାରିଥିବା ଦେଖିବାକୁ ମିଳିଛି। ଏଠାରେ ପ୍ରଶ୍ନ ଉଠୁଚି କିଛି ଖଳ ପ୍ରକୃତି ର ଲୋକ ମନ୍ଦିର କାମରେ ବାଧା ସୃଷ୍ଟି କରି କାମ ନକରିବା ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଏହାର ତଦାରଖ କରିଥିଲେ ଓ କହିଥଲେ ଯଦି ନିମ୍ନମାନର ଇଟାରେ ନିର୍ମାଣ ହୋଇଥିବ, ସେଥିପାଇଁ ମୁଁ ଠିକାଦାରଙ୍କୁ ଏହି କାମକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେବି ବୋଲି କହିଛନ୍ତି ।

## ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ

# ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ସମୀକ୍ଷା




**ନବରଙ୍ଗପୁର, ୮।୬ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ମାନ୍ୟବର ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧକ୍ଷତାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଜିଲ୍ଲା ସ୍ତରୀୟ ସମୀକ୍ଷା ଏବଂ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାରେ ଆସନ୍ତା ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ସ୍ତରୀୟ ବିକାଶ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ମାନ୍ୟବର ବିଧାୟକ ଝରି ଗାଁ ନରସିଂହ ଭତରା, ସାଂସଦ ପ୍ରତିନିଧି କୁଞ୍ଜ ବିହାରୀ ଦାସ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସିଡିଓ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ମାନ୍ୟବର ମନ୍ତ୍ରୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା।

# ମରଣଯନ୍ତା ପାଲଟିଛି ଅନୁଆପଡ଼ା-ସୋରିଷିଆ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ



**ଡେରାବିଶ, ୮।୬ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ କଲେଜଛକ ଠାରୁ ସୋରିସିଆ ପର୍ଯ୍ୟନ୍ତ ପ୍ରାଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ଅନୁଆପଡ଼ା-ସୋରିଷିଆ ରାସ୍ତାଟିଏ ଖାଲଖମାରେ ପୂର୍ଣ୍ଣ ହୋଇ ଏବେ ମରଣଜନ୍ତା ପାଲଟିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ଅନୁଆପଡ଼ା-ସୋରିଷିଆ ଭାୟା ଗହଗା ନରସିଂହପୁର ପର୍ଯ୍ୟନ୍ତ ୪ କିଲୋମିଟର ୫୨୦ ମିଟର ଦୈର୍ଘ୍ୟ ବିଶିଷ୍ଟ ରାସ୍ତା ନିର୍ମାଣ ପରେ ରକ୍ଷଣାବେକ୍ଷଣର ଅବଧି ଗତ ଏକ ବର୍ଷ ହେବ ଶେଷ ହୋଇଗଲାଣି। ଏହି ରାସ୍ତାର ଏକ କିଲୋମିଟର ପକ୍କା ଢଳେଇ ହୋଇଥିବା ବେଳେ ଅବଶିଷ୍ଟ ୩ କିଲୋମିଟର ୫୨୦ ମିଟର ପିଚୁ କାର୍ଯ୍ୟ ହୋଇଥିଲା। ଏବେ ରାସ୍ତାରୁ ବହୁ ସ୍ଥାନରୁ ପିଚୁ ଉଠି ରାସ୍ତାରେ ବଡ଼ ବାଡ଼ ଗାଡ଼ ସୃଷ୍ଟି ହୋଇଗଲାଣି। ବର୍ଷା ଆରମ୍ଭ ହୋଇଗଲେ ଏହି ରାସ୍ତାର ଖାଲଖମା ବୃଦ୍ଧି ହୋଇ ଯାତାୟତ ପାଇଁ ଅନୁପଯୋଗୀ ହୋଇଯିବ। ଏହି ରାସ୍ତା ଦେଇ ରତାଦିଆଖଣ୍ଡସାହି, ଦାନପୁର ଏବଂ ଲୁଣା-କରାଣ୍ଡିଆ ଦ୍ୱିପାଞ୍ଚଳର ଅଧିବାସୀ ଯାତାୟତ କରିଥାନ୍ତି। ବର୍ଷା ପୂର୍ବରୁ ଏହାକୁ ମରାମତି କରାନଗଲେ ଯାତାୟତ ପାଇଁ ଜନସାଧାରଣ ବହୁ ଅସୁବିଧା ଭୋଗିବେ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ଏହି ରାସ୍ତାଟିକୁ ତୁରନ୍ତ ମରାମତି କରି ଯାତାୟତ ଉପଯୋଗୀ କରାଯିବାକୁ ଦାବି ହୋଇଛି।

# ଦେଉଳପଡା ପଞ୍ଚାୟତରେ ଷ୍ଟ୍ରିଟ ଲାଇଟ୍ ଅଚଳ



● ଅଭିଯୋଗ ସତ୍ତ୍ୱେ ହେଉନି ମରାମତି
● ଅନ୍ଧାରରେ ଗ୍ରାମବାସୀ
● ବିଡିଓଙ୍କ ହସ୍ତକ୍ଷେପ ଲୋଡିଲେ

**ମହାକାଳପଡ଼ା, ୮।୬ (ସଂଚାର ବ୍ୟୁରୋ):** ଦେଉଳ ପଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଞ୍ଚାୟତ ତରଫରୁ ଲଗାଯାଇଥିବା ଷ୍ଟ୍ରିଟ ଲାଇଟ୍ ଗୁଡିକ ଅଚଳ ହୋଇ ପଡିଛି। ଯେଉଁଥିପାଇଁ ପଞ୍ଚାୟତର ଗାଁ ଗୁଡିକ ଅନ୍ଧାରରେ ରହୁଛି। ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଅନ୍ଧାରରେ ଅସାମାଜିକ କାର୍ଯ୍ୟକଳାପ ବଢ଼ିବା ସହିତ ଚୋର ମାନଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତରେ ଆର୍ଥିକ ବର୍ଷ ୨୦୨୦-୨୧ ଓ ୨୦୨୧-୨୨ ରେ ଅଠର ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇ ପଞ୍ଚାୟତ ସ୍ତରରେ ଆଲୋକୀକରଣ ପାଇଁ ଅନୁମୋଦନ ହୋଇଥିଲା। ଏହି ଆଲୋକୀକରଣ କାର୍ଯ୍ୟ ପାଇଁ ଭୁବନେଶ୍ୱର ର ଏଲିମେଚ ଇଞ୍ଜିନିୟରିଂ ନିକଟରୁ ସମସ୍ତ ଉପକରଣ କ୍ରୟ କରାଯାଇ ବିଭାଗୀୟ ମାଧମରେ କରାଯାଇଥିଲା। ହେଲେ ଆଲୋକ ଖୁଣ୍ଟ ଲାଗିବାର ଦୁଇ ବର୍ଷ ପରେ ଲାଇଟ୍ ଗୁଡିକ ଅଚଳ ହେବାରେ ଲାଗିଛି। କିଛି କିଛି ଗାଁ ର ଲାଇଟ୍ ସମ୍ପୁର୍ଣ୍ଣ ଅଚଳ ହୋଇ ପଡିଛି। ଆଉ କିଛି ଗାଁ ରେ ଲାଇଟ୍ ଗୁଡିକ ଧପ ଧପ ହେଉଛି। ପଞ୍ଚାୟତର ଓରତ,ଓଳିହା,ଦେଉଳ ପଡା,ବାଙ୍କି ଛନ୍ଦା, ଅମିରାବାଦ,ଚଣ୍ଡିଆପଲ୍ଲୀ,ମେରଦା ଆଦି ଗ୍ରାମରେ ଏମିତି ସ୍ଥିତି ଦେଖିବାକୁ ମିଳିଛି। କେତେକ ଗାଁ ଗୁଡ଼ିକ ଏବେ ସମ୍ପୁର୍ଣ୍ଣ ଅନ୍ଧକାରରେ ରହିଛି। ଯେଉଁଥିପାଇଁ ଲୋକେ ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି।

ଅଚଳ ଲାଇଟ୍ ସମ୍ପର୍କରେ ଅଭିଯୋଗ ପାଇବା ପରେ ସରପଞ୍ଚଙ୍କ ତରଫରୁ କିଛି ଅଚଳ ଲାଇଟ୍ର ମରାମତି ପାଇଁ କାର୍ଯ୍ୟ କରାଯାଇଥିଲା। ହେଲେ ତାହାର ବିଲ୍ ଏଯାଏଁ କରାଯାଇନାହିଁ ବୋଲି ସରପଞ୍ଚ କହିଛନ୍ତି। ଯାହା ଫଳରେ ଲୋକମାନେ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏଠି ପ୍ରଶ୍ନ ଯେଉଁ ଜନସାଧାରଣଙ୍କ ସୁବିଧା ପାଇଁ ସରକାରଙ୍କ ରାଜ କୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଆଲୋକ ବତୀ ଲଗାଯାଇଥିଲା ତାହା ଅଚଳ ହୋଇ ପଡିବା ପରେ ସରକାରଙ୍କ ଅର୍ଥ ପାଣିରେ ପଡ଼ିଛି କାହିଁକି? କ'ଣ ପାଇଁ ଏହାର ରକ୍ଷଣାବେକ୍ଷଣ ଓ ମରାମତି ପ୍ରଶାସନ ତରଫରୁ କରାଯାଉ ନାହିଁ। ଲୋକମାନଙ୍କୁ ଅନ୍ଧାରରେ ରଖିବା ପାଇଁ ଏହି ଟଙ୍କା ଖର୍ଚ୍ଚ ହୋଇଥିଲା କି? ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଏନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ପଞ୍ଚାୟତର ପ୍ରତାପ ରଞ୍ଜନ ତ୍ରିପାଠୀ,ବିଘ୍ନେଶ ସେଠୀ,ସୁଶିଲ ସାହୁ, ଶ୍ରଦ୍ଧାନନ୍ଦ ଦାସ,ଦିଲ୍ଲୀପ କୁମାର ଜେନା, ମନ୍ମଥ ବସନ୍ତିଆ,ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

# ସମାଜସେବୀ ପବିତ୍ର ମୋହନଙ୍କ ମାତୃ ବିୟୋଗ



**ଆଳି, ୮।୬ (ସଂଚାର ବ୍ୟୁରୋ):** ଆଳି ବ୍ଲକ ଅନ୍ତର୍ଗତ ନରେନ୍ଦ୍ର ପୁର ପଞ୍ଚାୟତ କଅରପୁର ଗ୍ରାମର ସମାଜସେବୀ ପବିତ୍ର ମୋହନ ଭୂୟାଁଙ୍କ ମାତା ଭଗବତୀ ଭୂୟାଁଙ୍କର ଏକାନବେ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ସେ ଜଣେ ସ୍ନେହୀ ଓ ଧର୍ମପ୍ରାଣା ମହିଳା ଥିଲେ ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି, ପୁରୀ ସ୍ୱର୍ଗଦ୍ୱାର ଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏକ ମାତ୍ର ପୁଅ ପବିତ୍ର ଭୂୟାଁ ମୁଖାଗ୍ନି ଦେଇଥିଲେ । ସଂସ୍କାର ସମୟରେ ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

# ବାଲି ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଅଟକ

**ବାଲିଅନ୍ତା, ୮।୬ (ସଂଚାର ବ୍ୟୁରୋ):** ବାଳକାଟି ଭାର୍ଗବୀ ନଦୀର ସାଇଫନ ନିକଟରେ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଆଜି ଜବତ କରାଯାଇଛି । ଫାଣ୍ଡି ଅଧିକାରୀଙ୍କ ସୂଚନା ଅନୁସାରେ ଚାଳକ ଶ୍ରମିକ ଲଗାଇ ବେଲଚା, କୋଡ଼ି କୋଦାଳ ସାହାଯ୍ୟରେ ବାଲି ଭର୍ତ୍ତି କରୁଥିଲେ । ଖବର ପାଇ ଫାଣ୍ଡି ପୁଲିସ ସେଠାରେ ଚଢ଼ଉ କରିଥିଲା । ପୁଲିସ ଚାଳକକୁ ଥାନାକୁ ନେଇ ନୋଟିସ କରି ଛାଡି ଦେଇଥିବା ଜଣାପଡିଛି ।

## ବିଶ୍ୱ ସମୁଦ୍ର ଦିବସ

# ସମସ୍ୟାରେ ମତ୍ସ୍ୟଜୀବୀ, ସରକାରଙ୍କ ଶୁଭଦୃଷ୍ଟି କେବେ ?



## କେବେ ହେବ ନୂଆଗଡ ଜେଟୀର ନବୀକରଣ ?

**କାକଟପୁର/ଅସ୍ତରଙ୍ଗ, ୮।୬ (ସଂଚାର ବ୍ୟୁରୋ) :** ଜୀବନକୁ ପାଣି ଛଡାଇ ମତ୍ସ୍ୟଜୀବୀମାନେ ଗଭୀର ସମୁଦ୍ରକୁ ମାଛ ଧରିବାକୁ ଯାଇଥାନ୍ତି। ମାଛ ଧରା ପଇସାରେ ସେମାନଙ୍କ ଘରେ ଚୁଲି ଜଳେ। ହେଲେ ବାତ୍ୟା, ଝଡ଼ ଭଳି ପ୍ରାକୃତିକ ବିପଦ, ଯନ୍ତ୍ର ଚାଳିତ ଡ଼ଙ୍ଗା ହଠାତ ଖରାପ ହୋଇଯିବା, ବିଭିନ୍ନ ସମୟରେ ସମୁଦ୍ରକୁ ଯିବାକୁ ସରକାରଙ୍କ କଟକଣା ଆଦି ପାଇଁ ମତ୍ସ୍ୟଜୀବୀଙ୍କ ପାଇଁ ଆର୍ଥିକ ସ୍ୱଚ୍ଛଳତା ସ୍ୱପ୍ନ ସଦୃଶ। ସେହିପରି ସମୁଦ୍ର ଅଘଟଣ ପାଇଁ ମୃତ୍ୟୁ ହେଲେ ମତ୍ସ୍ୟଜୀବୀବି ପରିବାରକୁ କ୍ଷତି ପୂରଣ ମିଳିବା କଷ୍ଟସାଧ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗାଁରେ ବାସ କରୁଛନ୍ତି ସହସ୍ରାଧିକ ମତ୍ସ୍ୟଜୀବୀ ପରିବାର। ଦେବୀ ନଦୀ ନିକଟସ୍ଥ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୨୧ଟି ସାମୁଦ୍ରିକ ଗାଁ ରହିଛି। ଏହି ସମସ୍ତ ଗାଁର ଅଧିକାଂଶ ଲୋକ ସମୁଦ୍ରରୁ ମାଛ ଧରି ଜୀବିକା ନିର୍ବାହ କରିଥାନ୍ତି। ଏମାନଙ୍କ ପାଇଁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଜଣେ ସହକାରୀ ମତ୍ସ୍ୟ ଅଧିକାରୀ ଓ ୧୫ଜଣ ସାଗର ମିତ୍ର କାର୍ଯ୍ୟ କରୁଛନ୍ତି। ନୂଆଗଡ ଜେଠି ନିକଟରେ କିଛି ଟ୍ରଲର, ଭୁଟୁଭୁଟି, ହାତ ବାହାଣୀ ଡ଼ଙ୍ଗା ରହିଥିବା ବେଳେ ୧୦୦ଟି ଟ୍ରଲର ଲାଇସେନ୍ସ ରହିଛି ବୋଲି ସୂଚନା ମିଳିଛି। ମାତ୍ର ବେସରକାରୀ ଭାବେ ଅଧିକ ଥିବା ଅନୁମାନ କରାଯାଏ। ଦେବୀ ନଦୀ ଉପରେ ଭରସା କରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀଙ୍କ ସଠିକ ଚିହ୍ନଟ ଏ ଯାଏ ହୋଇନି। ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶ ସରକାର ମତ୍ସ୍ୟଜୀବୀଙ୍କ ପାଇଁ ଲାଇଫ ଜ୍ୟାକେଟ ବ୍ୟବହାର ଏବଂ ଡ଼ଙ୍ଗା ପଞ୍ଜିକରଣକୁ ବାଧତାମୂଳକ କରିଛନ୍ତି, ଯାହା ଏଠାରେ କିଛି ମାତ୍ରାରେ ସମ୍ଭବ ହୋଇନାହିଁ। ମତ୍ସ୍ୟଜୀବୀଙ୍କ ପାଇଁ ମାଛ ବିକ୍ରି ପାଇଁ ସ୍ଥାୟୀ ବଜାର ସୁବିଧା ନାହିଁ, ନୂଆଗଡ ଯେଉଁ ଜେଠି ଅଛି ନାଁ ଅଛି ଆଇସି ଫାକ୍ଟ୍ରି, ନାଁ ବିଦ୍ୟୁତ, ନାଁ ପାନୀୟ ଜଳ ବ୍ୟବସ୍ଥା।

ଅପରପକ୍ଷେ ବିଭିନ୍ନ ଦେଶ ତଥା ପ୍ରଦେଶର ମତ୍ସ୍ୟଜୀବୀ ଓଡିଶା ସୀମା ସମୁଦ୍ରରୁ ମାଛ ଧରି ନେଉଥିବା ବେଳେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଦୁଃଖ କହିଲେ ନ ସରେ। ନୂଆଗଡରେ ମତ୍ସ୍ୟ ଗବେଷଣା ଗାର, ପାଣିପାଗ କେନ୍ଦ୍ର, ବରଫ କଳ ଓ ଉଜ୍ଜଳ ଆଲୋକ ବ୍ୟବସ୍ଥା ନାହିଁ। ଅନ୍ୟ ପଟେ ନୂଆଗଡରେ ମତ୍ସ୍ୟଜୀବୀ ସୁରକ୍ଷାକୁ ଦୃଷ୍ଟିରେ ରଖି ନୂଆଗଡରେ ମେରାଇନି ହସ୍ପିଟାଲ, ସ୍ୱତନ୍ତ୍ର ଡିଜେଲ ପମ୍ପ ପ୍ରତିଷ୍ଠା କରିବାକୁ ଦାବୀ କରିଛନ୍ତି। ଏପ୍ରିଲ ୧୫ରୁ ଜୁନ ୧୪ପ୍ରଜନନ ଋତୁ ସମୟରେ ସମୁଦ୍ରକୁ ଯିବା ମନା। ଏ ସମୟରେ ମତ୍ସ୍ୟଜୀବୀଙ୍କୁ କାମ ଯୋଗାଇ ଦେବାକୁ କିଛି ମତ୍ସ୍ୟଜୀବୀ ଦାବୀ କରିଛନ୍ତି। ଏହା ଛଡା ନୂଆଗଡରେ ନୂତନ ଜେଠି ନିର୍ମାଣ ସାଙ୍ଗକୁ ମୁହାଁଣ ପୋତି ହୋଇ ଥିବାରୁ ବହୁ ଅସୁବିଧା ସମ୍ମୁଖୀନ ହେବାର ନଜିର ରହିଛି। ମତ୍ସ୍ୟ ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର କି ଶୁଖୁଆ ଖଳାଟିଏ ନଥିବାରୁ ସେମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ଜୁଆର ମାଡ଼ରେ ଡ଼ଙ୍ଗା ଭାଙ୍ଗିଗଲେ କ୍ଷତି ପୂରଣ ପାଇବାକୁ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡିଥାଏ। ସରକାର ତଥା ପ୍ରଶାସନ ସେମାନଙ୍କ ପ୍ରତି ସହାନୁଭୂତିଶୀଳ ହୋଇ ବିଭିନ୍ନ ସୁବିଧା ଯୋଗାଇଦେବାକୁ ମତ୍ସ୍ୟଜୀବୀ ଦାବୀ କରିଛନ୍ତି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ ୦୧.୦୧.୧୯୪୯
ତିରୋଧାନ ୩୦.୦୫.୨୦୨୫

୰ପ୍ରେମଲତା ପରିଡା

ସ୍ୱାମୀ :-ରତ୍ନାକର ପରିଡା, ଅସ୍ତରଙ୍ଗ, ପୁରୀ

ତୋ ଅଭୁଲା ସ୍ମୃତିକୁ ସମୟ କେବେ ବି ଲିଭେଇ ପାରିବ ନାହିଁ। ସମୟ ବକ୍ଷେ ତୁ ଅଲିଭା ଗାଁର ଅଭୁଲା ଅନୁଭବର ମନ୍ଦିର। ସମୟ ସ୍ରୋତରେ ସବୁକିଛି ଭାସିଯାଇ ପାରେ କିନ୍ତୁ ତୋର ଅଭୁଲା ଅନୁଭବ ନୁହେଁ। ଆଜିର ପୁଣ୍ୟତିଥିରେ ତୋର ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଜଗତରନାଥ ଜଗନ୍ନାଥ ଙ୍କ ପାଖରେ ପ୍ରାର୍ଥନା କରୁଛୁ।ତୁମର ପ୍ରତିଟି ସଂସ୍କାର, ଭାଷା, ଉପଦେଶ ଓ ସମସ୍ତ ଙ୍କୁ ନିଜର କରିବା କଳା ଆମ୍ଭର ପ୍ରେରଣାଦାୟୀ ହେଉ।

-: ଶୋକସନ୍ତପ୍ତ :-

ପୁତ୍ର : ଶରତ କୁମାର ପରିଡା, କନ୍ୟା-ମମତା ପରିଡା, ଜ୍ୱାଇଁ-ପବିତ୍ର ସ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାର ବର୍ଗ




# ‘ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରନ୍ତି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ’

## ଜାତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମ୍ମିଳନୀ



ଭୁବନେଶ୍ୱର, ୮।୬(ସଂଚାର ବ୍ୟୁରୋ): କଟକ ଶାଖା ଦ୍ୱାରା ପରିଚାଳିତ ଦୁଇଦିନିଆ ଜାତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ(ସିଏ) ସମ୍ମିଳନୀ ‘ନବପ୍ରବର୍ତନ’ ପାଲହାଇଟ୍ ମଣ୍ଡାରେ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଦେଶରେ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ସିଏଲ୍‌ର ବିତ୍ତ ପରିଚାଳକ ଅଜିତ କୁମାର ବେହୁରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପରିଷଦର ମୁଖ୍ୟାଧୀଶ ସିଏ ଚରଣ ଯୋତସିଂହ ନନ୍ଦ, ସମ୍ମିଳନୀ ସଭାପତି ମଙ୍ଗେଶ ପଣ୍ଡୁରାଙ୍ଗ କିନାରେ, କାର୍ଯ୍ୟକ୍ରମ ପରିଚାଳକ ସଞ୍ଜୀବ ସାଙ୍ଘି, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପୂର୍ବାଞ୍ଚଳ ପରିଷଦର ସଭାପତି ବିଷ୍ଣୁ କୁମାର ତୁଳସ୍ୟାନ୍, ପରିଚାଳନା କମିଟି ସଭାପତି ପବନ କୁମାର ଉଦୟପୁରିଆ, କଟକ ଶାଖା ସଭାପତି ବିଜନ ସାହୁ ଓ ସମ୍ପାଦକ ମିର୍ଜା ମୁସ୍ତାକ ବେଗ୍, ଲୋକସମ୍ପର୍କ ଅଧିକାରୀ ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ଷ୍ଟାର୍ଟଅପ୍, ଅଡିଟ୍, ପରୋକ୍ଷକର, ପ୍ରତ୍ୟକ୍ଷକର, କର୍ପୋରେଟ ଆଇନ୍, କୃତ୍ରିମ ବୋଧଶକ୍ତି ଓ ରେରା ଆଇନ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୬ଶହ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଯୋଗ ଦେଇଛନ୍ତି।

## ଗୋଟିଏ ବର୍ଷରେ ୫୦% ବଢ଼ିଛି ସୁନା ଦର

ନୂଆଦିଲ୍ଲୀ, ୮।୬: ସୁନାରେ ନିବେଶ କରୁଥିବା ଲୋକଙ୍କ ପାଇଁ ଏହା ଏକ ଭଲ ସମୟ କାରଣ ଏକ ସୁରକ୍ଷିତ ସମ୍ପତ୍ତି ଭାବରେ ଏହାର ଚାହିଦା ନିରନ୍ତର ବୃଦ୍ଧି ପାଉଛି। ପ୍ରତିବର୍ଷ ସୁନା ଦର ଦ୍ରୁତ ଗତିରେ ବଢ଼ିଚାଲିଛି। ଗତ ଏକ ବର୍ଷରେ ସୁନା ଦର ୫୦ ପ୍ରତିଶତ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ ସୁନା ଋଣ ନିୟମରେ ଏକ ବଡ଼ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦେଇଛି। ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଧ ୨୦୨୨ ମସିହାରୁ ସେମାନଙ୍କର ସୁନା ଭଣ୍ଡାର ବୃଦ୍ଧି କରିବାରେ ଲାଗିଛନ୍ତି। ସୁନା ଇଟିଏଫରେ ନିବେଶ ମଧ ଆରମ୍ଭ ହୋଇଛି। ସୁନାର ଯୋଗାଣ ତୁଳନାରେ ଚାହିଦା ଢେର ଅଧିକ ଥିବାରୁ ଦର ବୃଦ୍ଧି ପାଉଛି। ଅକ୍ଟୋବର ୨୦୨୨ରେ ଅନ୍ତର୍ଜାତୀୟ ବଜାରରେ ସୁନାର ମୂଲ୍ୟ ୧୫୦୦ ଡଲାରରୁ ବୃଦ୍ଧି ପାଇ ଆଜି ୩୪୦୦ ଡଲାରରୁ ଅଧିକ ହୋଇଛି। ଅର୍ଥାତ୍, ଗତ ୨ ବର୍ଷ ଏବଂ ୮ ମାସରେ, ସୁନା ୧୨୫ ପ୍ରତିଶତ ପର୍ଯ୍ୟନ୍ତ ଏକ ମହାନ ରିଟର୍ଣ୍ଣ ଦେଇଛି। ଗତ ଗୋଟିଏ ବର୍ଷରେ, ସୁନାର ମୂଲ୍ୟ ୫୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଗତ ୧୦ ବର୍ଷ ମଧ୍ୟରେ, ସୁନା ପ୍ରାୟ ୧୮୦ ପ୍ରତିଶତ ରିଟର୍ଣ୍ଣ ଦେଇଛି।



# ଚେନାବ ସେତୁକୁ ୭୦% ଇସ୍ପାତ ଯୋଗାଇଛି ଏଏମ୍‌ଏନ୍‌ଏସ୍ ଇଣ୍ଡିଆ



ମୁମ୍ବାଇ, ୮।୬: ମୁମ୍ବାଇ: ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍ ଇଣ୍ଡିଆ) ଦେଶର ଦୁଇଟି ଐତିହାସିକ ରେଳ ସେତୁ ନିର୍ମାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଇସ୍ପାତ ଯୋଗାଇ ଭାରତର ଆଧୁନିକ ଭିତ୍ତିଭୂମି ପ୍ରକଳ୍ପରେ ଏହାର ଯୋଗଦାନକୁ ଆହୁରି ସୁଦୃଢ଼ କରିଛି। ଚେନାବ ନଦୀରେ ନିର୍ମିତ ବିଶ୍ୱର ସବୁଠାରୁ ଉଚ୍ଚ ରେଳ ସେତୁ ପାଇଁ ୭୦% ଫ୍ଲାଟ୍ ଇସ୍ପାତ ଏବଂ ଭାରତର ପ୍ରଥମ କେବୁଲ-ଷ୍ଟେଡ୍ ରେଳ ସେତୁ - ଅଞ୍ଜିଖାଡ୍ ପାଇଁ ୧୦୦% ଇସ୍ପାତ ଯୋଗାଇଛି। ଏପରି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ପାଇଁ ବିଶ୍ୱସ୍ତରୀୟ ଇସ୍ପାତ ଯୋଗାଣ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପାଇଁ ଗର୍ବର ବିଷୟ। ଚେନାବ ସେତୁ ପାଇଁ କମ୍ପାନି ପ୍ରାୟ ୨୫,୦୦୦ ମେଟ୍ରିକ୍ ଟନ୍ ଉଚ୍ଚଶକ୍ତି ସଂରଚନାତ୍ମକ ଇସ୍ପାତ ଯୋଗାଇଛି, ଯାହା ସେତୁ ନିର୍ମାଣ ପାଇଁ ମୋଟ ଇସ୍ପାତ ଆବଶ୍ୟକତାର ୭୦% ଅଟେ। ଅଞ୍ଜିଖାଡ଼ ସେତୁ ପାଇଁ କମ୍ପାନି ପ୍ରାୟ ୭,୦୦୦ ମେଟ୍ରିକ୍ ଟନ୍ କଷ୍ଟମାଇଜ୍ଡ ଫେବ୍ରିକେଟେଡ୍ ଇସ୍ପାତ ଷ୍ଟ୍ରକଚର ଯୋଗାଇଛି, ଯାହା ପ୍ରକଳ୍ପର୧୦୦% ଇସ୍ପାତ ଆବଶ୍ୟକତା ପୂରଣ କରିଛି। ସମସ୍ତ ଇସ୍ପାତ ହାଜିରାରେ ଅବସ୍ଥିତ ଉତ୍ପାଦନ ୟୁନିଟରେ ନିର୍ମିତ ହୋଇଛି ଏବଂ କଠୋର ଗୁଣବତ୍ତା ଯାଞ୍ଚ ପରେ ବ୍ୟବହାର କରାଯାଇଛି। ଏହି ଐତିହାସିକ ସଫଳତା ବିଷୟରେ କମ୍ପାନିର ବିକ୍ରୟ ଏବଂ ବିପଣନ ବିଭାଗ ନିର୍ଦ୍ଦେଶକ ତଥା ଭାଇସ ପ୍ରେସିଡେଣ୍ଟ ରଞ୍ଜନ ଧର କହିଛନ୍ତି, ଏହି ପଦକ୍ଷେପ ‘ବିକଶିତ ଭାରତ’ର ଦୃଷ୍ଟିକୋଣର ଏକ ଜୀବନ୍ତ ଉଦାହରଣ। ଚେନାବ ଏବଂ ଅଞ୍ଜିଖାଡ଼ ସେତୁ କେବଳ ଇଞ୍ଜିନିୟରିଂ ଚମତ୍କାରିତା ନୁହେଁ ବରଂ ଭାରତର ବର୍ଦ୍ଧିତ ଆତ୍ମନିର୍ଭରଶୀଳ ଏବଂ ଶିଳ୍ପଶକ୍ତିର ପ୍ରତୀକ।

**ଅଞ୍ଜିଖାଡ଼ ସେତୁ ପାଇ ୧୦୦%**



### ମହୁଲ ଚୋକ୍‌ସିଙ୍କ ଉପରେ ସେବି କାର୍ଯ୍ୟାନୁଷ୍ଠାନ

## ବ୍ୟାଙ୍କ ଆକାଉଣ୍ଟ, ମ୍ୟୁଚୁଆଲ ଫଣ୍ଡ୍, ସେୟାର ଜବତ ନିର୍ଦ୍ଦେଶ

ନୂଆଦିଲ୍ଲୀ,୮।୬: ବଜାର ନିୟାମକ ସେବି ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସୀଙ୍କ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି । ୨.୧ କୋଟି ଟଙ୍କା ଅସୁଲି ପାଇଁ ଚୋକ୍‌ସିଙ୍କ ବ୍ୟାଙ୍କ୍ ଖାତା, ମ୍ୟୁଚୁଆଲ ଫଣ୍ଡ୍ ଏବଂ ସେୟାର୍‌କୁ ଜବତ କରିବା ପାଇଁ ଆଦେଶ ଦେଇଛି ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ । ଗୀତାଞ୍ଜଳି ଜେମ୍‌ସର ସେୟାରରେ ଇନ୍‌ସାଇଡର ଟ୍ରେଡିଂ ନିୟମଗୁଡ଼ିକର ଉଲ୍ଲଂଘନ କରିଥିବାରୁ ଚୋକ୍‌ସିଙ୍କ ଉପରେ ୨.୧ କୋଟି ଟଙ୍କାର ଜରିମାନା ଲଗାଯାଇଥିଲା । ଏଥିରେ ୧.୫ କୋଟି ଟଙ୍କାର ଜରିମାନା ଏବଂ ୬୦ ଲକ୍ଷ ଟଙ୍କାର ସୁଧ ରାଶି ରହିଛି ।

## ଡ୍ରିମ୍‌ସରେ ନୂତନ କୃଷି ସ୍ନାତକ ପାଠ୍ୟକ୍ରମ ଖୋଲିଲା

କଟକ,୮।୬ : ଚଳିତ ଶିକ୍ଷାବର୍ଷରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ‘ସ୍କୁଲ ଅଫ ଏଗ୍ରିକଲ୍‌ଚର’ରେ ନୂତନ କୃଷି ସ୍ନାତକ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ରାଜ୍ୟ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି । ଟାଙ୍ଗୀ-ଚୌଦ୍ୱାର ବ୍ଲକର ଗ୍ରାମାଞ୍ଚଳ ପରିବେଶରେ ଥିବା ଏହି ଶିକ୍ଷାନୁଷ୍ଠାନରେ ମେଧାବୀ ଛାତ୍ରଛାତ୍ରୀ କୃଷିଭିତ୍ତିକ ଉଚ୍ଚଶିକ୍ଷା ଓ ଡିଗ୍ରି ହାସଲ କରିବାର ସୁଯୋଗ ପାଇପାରିପାରିବେ। ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର୍) ଦ୍ୱାରା ଅନୁମୋଦିତ ପାଠ୍ୟକ୍ରମ ଆଧାରରେ ଏଠାକାର ଶିକ୍ଷାଦାନ ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କ ପାଇଁ ଆତ୍ମନିର୍ଭରଶୀଳ ହେବା ସହିତ ସରକାରୀ ଓ ବେସରକାରୀ ଉଦ୍ୟୋଗରେ ନିଯୁକ୍ତିର ସୁଯୋଗ ରହିଛି । ଏହି ନୂତନ ପାଠ୍ୟକ୍ରମ ଖୋଲିବାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, କୃଷି ବିଭାଗର ଶାସନ ସଚିବଙ୍କ ସମେତ ବିଭାଗୀୟ ପଦାଧିକାରୀଙ୍କର ସମୟୋଚିତ ପୂର୍ଣ୍ଣ ସହିଚ୍ଛା ନିମନ୍ତେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥି ସହିତ ଆଗାମୀ ଦିନରେ ଏହି ଶିକ୍ଷାନୁଷ୍ଠାନ କୃଷି ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ରାଜ୍ୟର ଗୌରବ ବୃଦ୍ଧି କରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

## ନିର୍ଦ୍ଧାରିତ ସମୟରେ ଗ୍ରିନ୍ ହାଇଡ୍ରୋଜେନ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବ ଏସିଏମ୍‌ଇ ଗ୍ରୁପ

ଭୁବନେଶ୍ୱର,୮।୬: ଏସିଏମ୍‌ଇ ଗ୍ରୁପ ଗୋପାଳପୁରଠାରେ ଏହାର ପ୍ରଥମ ଗ୍ରିନ୍ ହାଇଡ୍ରୋଜେନ ପ୍ରକଳ୍ପ ସ୍ଥାପନ କରିବା ପାଇଁ ପ୍ରତିବଦ୍ଧତା ଦୋହରାଇଛି। ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟରେ ଟାଟା ଷ୍ଟିଲ ସ୍ପେସାଲ ଇକୋନୋମିକ ଜୋନ୍‌ରେ ୫ଟି ଶିଳ୍ପ ପ୍ରକଳ୍ପ ପାଇଁ ଶିଳାନ୍ୟାସ ଓ ଉଦ୍‌ଘାଟନ ସମାରୋହ ସମୟରେ ଏହି ଘୋଷଣା କରାଯାଇଛି। ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଅନ୍ୟାନ୍ୟ ସରକାରୀ ଅଧିକାରୀ,ଏସିଏମଇ ଗ୍ରୁପ ଅଧିକାରୀମାନେ ଯୋଗ ଦେଇଥିଲେ। ଏସିଏମ୍‌ଇ ଗ୍ରୁପ ଭାରତରେ ନିଜର ପ୍ରଥମ ଗ୍ରିନ୍ ହାଇଡ୍ରୋଜେନ ପ୍ରକଳ୍ପ ସ୍ଥାପନ କରିବା ପାଇଁ ଟାଟା ଷ୍ଟିଲ ସ୍ପେସାଲ ଇକୋନୋମିକ ଜୋନ ସହ ଜଡିତ ହୋଇ ନିଜକୁ ଭାଗ୍ୟଶାଳୀ ମନେ କରୁଛି ବୋଲି ଏସିଏମଇ ଗ୍ରିନ୍ ହାଇଡ୍ରୋଜେନ ଏସ୍‌ବିୟୁର ମୁଖ୍ୟ ପରିଚାଳନା ଅଧିକାରୀ ଅନୀଲ କୁମାର ତପାରିଆ କହିଛନ୍ତି। ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ହେବ ବୋଲି ସେ କହିଛନ୍ତି। ଏସିଏମଇ ଗ୍ରୁପ ଗୋପାଳପୁରଠାରେ ୪,୦୦,୦୦୦ ଟନ୍‌ର ଗ୍ରିନ ଆମୋନିଆର ବାର୍ଷିକ କ୍ଷମତା ସହିତ ଗ୍ରିନ ହାଇଡ୍ରୋଜେନ ପ୍ରକଳ୍ପ ସ୍ଥାପନ କରିବ। ଏହା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧୦୦୦ରୁ ଅଧିକ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏସିଏମଇ ଗ୍ରୁପ ୨୦୨୯ ପରଠାରୁ ଓଡ଼ିଶାରୁ ବାର୍ଷିକ ୪ ଲକ୍ଷ ଟନ ଗ୍ରିନ୍ ଆମୋନିଆ ଯୋଗାଣ କରିବା ପାଇଁ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଜାପାନିଜ କର୍ପୋରେସନ ସହ ସହଭାଗିତା କରିଛି।

### ଡ୍ରାଗନ୍‌ର ରେୟାର୍ ଆର୍ଥ ରପ୍ତାନୀ କଟକଣା

# ଅଟୋ, ଇଲେକ୍ଟ୍ରୋନିକ୍ସ, ପ୍ରତିରକ୍ଷା କ୍ଷେତ୍ର ପ୍ରଭାବିତ

ନୂଆଦିଲ୍ଲୀ,୮।୬: ଚୀନ୍‌ର ରେୟାର୍ ଆର୍ଥ ରପ୍ତାନି କଟକଣା ବିଶ୍ୱ ଯୋଗାଣ ଶୃଙ୍ଖଳ ଆଗରେ ବାଧକ ସାଜିଛି। ପ୍ରଭାବିତ ହୋଇଛନ୍ତି ଅଟୋମୋବାଇଲ, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରତିରକ୍ଷା ଆଦି କ୍ଷେତ୍ର। ଚୀନ୍‌ର ରେୟାର୍ ଆର୍ଥ ଉପରେ ଭାରତୀୟ ଶିଳ୍ପର ନିର୍ଭରତା ଅଧିକ। ତେଣୁ ଭାରତ ଏବେ ପରିସ୍ଥିତି ଉପରେ ସ୍ପଷ୍ଟତା ଚାହୁଁଛି। ତେବେ ଦେଶଗୁଡ଼ିକ ସହ ଆଲୋଚନା କରିବାକୁ ଚୀନ୍ ରାଜି ହୋଇଛି। ୟୁରୋପୀୟ ସଂଘ ଏବଂ ଆମେରିକା ସହିତ ଜାପାନ ଓ ଭାରତ ଭଳି ଏସୀୟ ରାଷ୍ଟ୍ରଗୁଡ଼ିକ ଏହି ସମସ୍ୟାର ସମାଧାନ ନେଇ ବାଟ ସନ୍ଧାନରେ ଅଛନ୍ତି। ଏ ନେଇ ଆଲୋଚନା କରିବା ଲାଗି ଆସନ୍ତା ସପ୍ତାହରେ ଏକ ଭାରତୀୟ ଟିମ୍ ଚୀନ୍ ଯିବ ବୋଲି ଜଣାପଡ଼ିଛି। ବିଶ୍ୱର ମୋଟ ରେୟାର୍ ଆର୍ଥ ଖଣିଜ ପ୍ରକ୍ରିୟାକରଣରେ ଚୀନ୍‌ର ଭାଗ ରହିଛି ପାଖାପାଖି ୯୦%। ଏଣୁ ବିଶ୍ୱ ଯୋଗାଣ ଶୃଙ୍ଖଳରେ ଏହାର ବଡ଼ ଭୂମିକା ରହିଛି।

ତେବେ ଚୀନ୍‌ର ଏହି କଟକଣା ଦ୍ୱାରା ଭାରତର ୫ଟି ପ୍ରମୁଖ କ୍ଷେତ୍ର ପ୍ରଭାବିତ ହେବାକୁ ଯାଉଛି। ଅଟୋମୋବାଇଲ ଶିଳ୍ପ ଉପରେ ଏହାର ଭୟଙ୍କର ପ୍ରଭାବ ପଡ଼ିଛି। ପ୍ରମୁଖ ଘରୋଇ ଏବଂ ବିଦେଶୀ ଅଟୋ ନିର୍ମାତାଙ୍କ ଉତ୍ପାଦନ ବ୍ୟାହତ ହୋଇଛି। ସାଧାରଣତଃ ରେୟାର୍ ଆର୍ଥ ମାଗ୍‌ନେଟ୍‌ସ ଇଲେକ୍ଟ୍ରିକ୍ ମୋଟର୍ସ, ପାୱାର୍ ୱିଣ୍ଡୋ, ଅଡିଓ ସିଷ୍ଟମ୍ ଏବଂ ଅନ୍ୟାନ୍ୟ କାର୍ ଉପକରଣରେ ବ୍ୟବହାର ହୋଇଥାଏ। ବର୍ତ୍ତମାନ ଏହାର ଯୋଗାଣ ଠପ୍ ହୋଇଯାଇଛି। ରିପୋର୍ଟ ଅନୁସାରେ, ବଜାଜ ଅଟୋ ଚେତାବନି ଦେଇଛି ଯେ, ଚୀନ୍‌ରୁ ମାଗ୍‌ନେଟ୍ ନ ଆସିଲେ ଜୁଲାଇ ସୁଦ୍ଧା ଇଲେକ୍ଟ୍ରିକ୍ ଯାନ ଉତ୍ପାଦନ ଭୟଙ୍କର ଭାବେ ପ୍ରଭାବିତ ହେବ। ବୋସ୍ କହିଛି ଯେ, ଏହାର ଯୋଗାଣକାରୀମାନେ ଚୀନ୍‌ରୁ ରପ୍ତାନି ଅନୁମତି ପା।ଉନାହାନ୍ତି। ବିଏମ୍‌ଡବ୍ଲ୍ୟୁ ପ୍ରକାଶ କରିଛି ଯେ, ଏହାର ଯୋଗାଣ ନେଟ୍‌ୱର୍କର କିଛି ଭାଗ ପ୍ରଭାବିତ ହୋଇଛି। ତେବେ ଏହାର ନିଜସ୍ୱ କାରବାର ସ୍ୱାଭାବିକ ରହିଥିବା ଏହା କହିଛି।



ସ୍ମାର୍ଟଫୋନ୍, ଲାପ୍‌ଟପ୍ ଏବଂ ଉଚ୍ଚ-ପ୍ରଦର୍ଶନକାରୀ ସେମିକଣ୍ଡକ୍ଟର ଚିପ୍ ଉତ୍ପାଦନରେ ନିଓଡାଇମିୟମ୍ ଏବଂ ଡାଇସ୍ପ୍ରୋଜିୟମ୍ ଭଳି ରେୟାର୍ ଆର୍ଥ ଉପାଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଚୀନ୍ ପକ୍ଷରୁ ଯୋଗାଣ କଟକଣା ଯୋଗୁ ବିଶ୍ୱ ଇଲେକ୍ଟ୍ରୋନିକ୍ସ ଏବଂ ଚିପ୍ ଉତ୍ପାଦନ କ୍ଷେତ୍ରରେ ଖର୍ଚ୍ଚ ବୃଦ୍ଧି ଏବଂ ଉତ୍ପାଦନରେ ସମ୍ଭାବ୍ୟ ବିଳମ୍ବ ନେଇ ଅନୁମାନ କରିଛନ୍ତି ବିଶେଷଜ୍ଞ। ଏହି ରପ୍ତାନି କଟକଣା ଦ୍ୱାରା ଟେଲିଯୋଗାଯୋଗ, ବ୍ୟାଟେରି ଟେକ୍ନୋଲୋଜି, ଶିଳ୍ପ ଯନ୍ତ୍ରାଂଶ ଏବଂ ଉପକରଣ ଆଦି କ୍ଷେତ୍ର ପ୍ରଭାବିତ ହେବ। ଏପ୍ରିଲ ୪ରୁ କୌଣସି ଭାରତୀୟ କମ୍ପାନି ଚୀନ୍‌ରୁ ରେୟାର୍ ଆର୍ଥ ମାଗ୍‌ନେଟ୍ ପାଇଁ ଆମଦାନି ମଞ୍ଜୁରି ହାସଲ କରି ନ ଥିବା ଜଣାପଡ଼ିଛି।

ପବନ ଟର୍‌ବାଇନ୍ ଏବଂ ଅନ୍ୟାନ୍ୟ ସ୍ୱଚ୍ଛ ଶକ୍ତି ପ୍ରଯୁକ୍ତି ରେୟାର୍ ଆର୍ଥ ଉପାଦାନ ଉପରେ ବଡ଼ ମାତ୍ରାରେ ନିର୍ଭରଶୀଳ। କୌଣସି ପ୍ରକାର ବାଧକ ବିଶ୍ୱ ଅକ୍ଷୟ ଶକ୍ତି ଲକ୍ଷ୍ୟର ଅଗ୍ରଗତିକୁ ପ୍ରଭାବିତ କରିପାରେ। ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି ଏବଂ ଆମେରିକା ଜିଓଲୋଜିକାଲ ସର୍ଭେ ଅନୁସାରେ, ଚୀନ୍ ବିଶ୍ୱର ୬୦% ରେୟାର୍ ଆର୍ଥ ମେଟାଲ ଉତ୍ପାଦନ କରିଥାଏ ଏବଂ ୯୦% ବିଶୋଧନ ଚୀନ୍ ଦ୍ୱାରା ହୋଇଥାଏ। ଏଭଳି କ୍ଷେତ୍ରରେ ରପ୍ତାନି କଟକଣା ସମଗ୍ର ବିଶ୍ୱ ପାଇଁ ଶକ୍ତ ଧକ୍କା। ବିମାନ, ମିସାଇଲ୍ ଗାଇଡାନ୍ସ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ପ୍ରତିରକ୍ଷା ପ୍ରଯୁକ୍ତି ପାଇଁ ଏରୋସ୍ପେସ୍ କ୍ଷେତ୍ର ରେୟାର୍ ଆର୍ଥ ଉପାଦାନ ଉପରେ ବହୁ ମାତ୍ରାରେ ନିର୍ଭରଶୀଳ। ଏହି ଉପାଦାନ ଉପରେ ଚୀନ୍‌ର ନିୟନ୍ତ୍ରଣ ରହିଛି। ରାଷ୍ଟ୍ରୀୟ ସୁରକ୍ଷା ଆପ୍ଲିକେଶନ୍ ପାଇଁ ଏସବୁ ଉପାଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ବିଶେଷଜ୍ଞଙ୍କ ମତରେ, ରେୟାର୍ ଆର୍ଥ ମାଗ୍‌ନେଟ୍ ଉପରେ ଚୀନ୍‌ର ରପ୍ତାନି କଟକଣା ବାଣିଜ୍ୟ ଯୁଦ୍ଧର ଅଂଶବିଶେଷ। ଆମେରିକା ଟାରିଫ୍ ଉପରେ ଜବାବୀ ହମ୍‌ଲା ଲାଗି ଡ୍ରାଗନ୍ ଏ ପଦକ୍ଷେପ ନେଇଥିଲା। କିନ୍ତୁ ଏହା ଦ୍ୱାରା ଭାରତ ବଡ଼ ଆକାରରେ ପ୍ରଭାବିତ ହେବ। କାରଣ ରେୟାର୍ ଆର୍ଥ ପାଇଁ ଚୀନ୍ ଉପରେ ଭାରତ ବଡ଼ ମାତ୍ରାରେ ନିର୍ଭରଶୀଳ। ଅନ୍ୟପକ୍ଷରେ, ଆମେରିକାକୁ ରେୟାର୍ ଆର୍ଥ ଯୋଗାଇବାକୁ ଚୀନ୍ ରାଜି ହୋଇଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୂଚନା ଦେଇଛନ୍ତି।

### ସୁନା ଦର



ଆନ୍ତର୍ଜାତୀୟ ସ୍ତରରେ ସୁନାର ଦର ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ଭାରତୀୟ ବଜାରରେ ଅନୁଭୂତ ହେଉଛି। ଆଗକୁ ମଧ ଏହି ଦର ଚଢ଼ା ରହିବ ବୋଲି ସ୍ପଷ୍ଟ କରିଛନ୍ତି ଏକ୍ସପର୍ଟ। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭, ୯୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୮୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭, ୯୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୮୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯, ୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୧୨୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୯୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯, ୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୯୭୦ ଓ ୮୯, ୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୭ , ୦୦୦ ଟଙ୍କା ହୋଇଛି।

### ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦.୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୩୯ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

### ଜିଲ୍ଲା ପ୍ରଶାସନର ଦୃଷ୍ଟି ଆଢୁଆଳରେ ଆମଠାପଦର ଗାଁ

# ଶିକ୍ଷା, ପାନୀୟ ଜଳ ଓ ବିଜୁଳି ସାତସପନ





**କଳାହାଣ୍ଡି,୮।୬ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ତ୍ରିଲୋଚନପୁର ପଞ୍ଚାୟତର ଏକ ଆଦିବାସୀ ଗାଁ ଆମଠାପଦର। ଏହି ଗାଁରେ ୩୦ ପରିବାର ଓ ୨୦୦ ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏହି ଗାଁ ସମସ୍ୟା ଘେରରେ ରହି ଜୀବନ ଜିଉଁଛି। ପଞ୍ଚାୟତ ମୁଖ୍ୟାଳୟଠାରୁ ମାତ୍ର ୪ କିମି ଦୂରରେ ଥିଲେ ମଧ୍ୟ ଅବହେଳିତ ଅବସ୍ଥାରେ ରହିଛି। ଆଜି ବି ଶିକ୍ଷା, ପାନୀୟ ଜଳ, ବିଜୁଳି ସେବାରୁ ବଞ୍ଚିତ ରହିଛନ୍ତି ଗାଁ ଲୋକେ।

ଗ୍ରାମବାସୀଙ୍କ କହିବା ଅନୁସାରେ, ଗାଁରେ ଗୋଟିଏ ମାତ୍ର ନଳକୂଅ ଅଛି। ଏଥିରୁ ୧୦ରୁ ୧୫ ମିନିଟ ପର୍ଯ୍ୟନ୍ତ ଅଳ୍ପ ପରିମାଣର ପାଣି ବାହାରିବା ପରେ ଗୋଳିଆ ପାଣି ବାହାରୁଛି। ପ୍ରଶାସନ ନିକଟରେ ବାରମ୍ବାର ଗୁହାରି ପରେ ୨୦୧୯-୨୦ ମସିହାରେ ଗାଁରେ ୩ଟି ଗଭୀର ନଳକୂଅ ଖୋଳାଗଲା। କିନ୍ତୁ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ ଏହି ନଳକୂଅଗୁଡ଼ିକରେ ମଟର ସଂଯୋଗ କରାଯାଇ ନାହିଁ। ଗାଁର ୨ କିମି ଦୂରରେ ଥିବା ନାଳରୁ ପାଇପ୍ ଯୋଗେ ପାଣି ଯୋଗାଣ ପାଇଁ ବ୍ଲକ୍ ପ୍ରଶାସନ ପକ୍ଷରୁ ୨୦୧୯ ମସିହାରେ ପଦକ୍ଷେପ ନିଆଗଲା। ସିନଟେକ୍ସ ଟାଙ୍କି ଓ ପାଇପ ଆଣି ଗାଁମୁଣ୍ଡରେ ରଖାଯାଇଥିଲା। ଘରକୁ ଘର ଜଳଯୋଗାଣ ପାଇଁ ପାଣି ପଏଣ୍ଟ ମଧ୍ୟ ସ୍ଥାପନ କରାଗଲା। କିନ୍ତୁ ତାହା କୌଣସି କାମରେ ଆସିଲା ନାହିଁ। ଲକ୍ଷ ଲକ୍ଷ ଟଙ୍କାର ପାଇପ୍ ଓ ଟାଙ୍କି ଆଜି ବି ପଡ଼ିରହିଛି।

ସେହିପରି ୨୦୨୧ ମସିହାରେ ଗାଁରେ ନୂତନ ଭାବେ ଏକ ଗଭୀର ନଳକୂଅ ଖୋଳି ସୌରଶକ୍ତି ଚାଳିତ ପମ୍ପ ଯୋଗେ ପାଣି ଯୋଗାଇ ଦିଆଯାଉଥିଲା। କିନ୍ତୁ ନଳକୂଅଟି ମାତ୍ର ୩୦ ଫୁଟ ଗଭୀର ଖୋଳା ଯାଇଥିବା ଯୋଗୁଁ ମାତ୍ର ୬ ଘରକୁ କଷ୍ଟମଷ୍ଟେ ପାଣି ମିଳି ପାରୁଥିଲା। ବର୍ତ୍ତମାନ ୨ ବର୍ଷ ହେଲା ତାହାବି ଅଚଳ ହୋଇ ପଡ଼ିରହିଛି। ପାଣି ସମସ୍ୟା ନେଇ ଅଭିଯୋଗ କଲେ ମଧ୍ୟ ବିଭାଗ ଶୁଣୁନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେଣୁ ଗ୍ରାମ ନିକଟସ୍ଥ ନିୟମଗିରି ପାହାଡ଼ରୁ ଆସିଥିବା ଝରଣାପାଣିକୁ ପାନୀୟଜଳ ରୂପେ ବ୍ୟବହାର କରୁଛନ୍ତି। ସେହିପରି ଗାଁରେ ପ୍ରାଥମିକ ସ୍କୁଲଟିଏ ନାହିଁ। ୨୦୧୫ ମସିହାରେ ସ୍କୁଲ ପାଇଁ ଜମି ଚିହ୍ନଟ ହୋଇଥିଲା କିନ୍ତୁ ଆଜିଯାଏଁ ତାହା ହୋଇପାରିଲା ନାହିଁ। କୋମଳମତି ଶିଶୁମାନେ ପାଠ ପଢ଼ିବାକୁ ୫ କିମି ଦୂର ଜଙ୍ଗଲ ରାସ୍ତା ଦେଇ ନିକଟସ୍ଥ ଗଉଡ଼ ଥୁଆଗୁଡ଼ା ଗାଁକୁ ଯାଇଥାନ୍ତି। ସେହିପରି ଅଙ୍ଗନବାଡ଼ି କେନ୍ଦ୍ର ନଥିବାରୁ କୁନି କୁନି ଶିଶୁମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି।

ବିଜୁଳିକୁ ନେଇ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ବୈଠକ, ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଓ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲା ପରେ ବି ଗାଁକୁ ବିଜୁଳି ମିଳୁନାହିଁ। ତେଣୁ ଏହି ଗାଁର ଶିକ୍ଷା, ପାନୀୟଜଳ ଓ ବିଜୁଳିରୁ ବର୍ଷ ବର୍ଷ ଧରି ଗ୍ରାମବାସୀ ବଞ୍ଚିତ ରହିଥିବା ପ୍ରକାଶ କରିଛନ୍ତି।



# ଆକର୍ଷଣ ହରାଉଛି ଗାନ୍ଧୀ ପାର୍କ

**ବ୍ରହ୍ମପୁର,୮।୬ (ସଂଚାର ବ୍ୟୁରୋ):** ସହରର ସର୍ବ ପୁରାତନ ଗାନ୍ଧୀ ପାର୍କ ଏବେ ଅବ୍ୟବସ୍ଥା ଘେରରେ ରହିଛି। ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ଲୋକେ ଭ୍ରମଣ ସହ କିଛି ସମୟ ବିତାଇବାକୁ ଏହି ପାର୍କ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଲଗାଯାଇଥିବା ଖେଳ ଓ ବ୍ୟାୟାମ ଉପକରଣ ଗୁଡ଼ିକରେ କଳଙ୍କ ଏବଂ ଭାଙ୍ଗିରୁଜି ଯାଇଥିବାରୁ ଲୋକେ

**ଭାଙ୍ଗିରୁଜି ଗଲାଣି ଉପକରଣ, ୱାଟର ଫାଉଣ୍ଟେନ୍ ଚାଲୁନି**

**ବ୍ୟବହାର ଯୋଗ୍ୟ ନୁହେଁ ଶୌଚାଳୟ**

ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ପାର୍କ ପରିସରରେ ଥିବା ପରିଶ୍ରାଗାରର ଅବସ୍ଥା ନକହିବା ଭଲ। ଶୌଚଳୟଟି ଅପରିଷ୍କାର ଅବସ୍ଥାରେ ରହିଥିବା ବେଳେ ପାଣି ସୁବିଧା ବି ନାହିଁ। ବ୍ୟବହାର ଉପଯୋଗୀ ହୋଇନଥିବାରୁ ଏଠାକୁ ଆସୁଥିବା ବ୍ୟକ୍ତି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସହରର ପ୍ରମୁଖ ସ୍ଥାନରେ ଏହି ପାର୍କ ରହିଥିବାରୁ ବହୁ ମାତ୍ରାରେ ନିଜ ପରିବାର ସହ ଛୋଟ ଛୋଟ ପିଲା ମାନେ ମଧ ଖେଳ କୁଦ ପାଇଁ ଆସିଥାନ୍ତି। କିନ୍ତୁ ପିଲାଙ୍କ ଖେଳ ଉପକରଣ ଗୁଡିକ ଭାଙ୍ଗିରୁଜି ଯାଇଛି। ସେହିପରି ବ୍ୟାୟାମ ଉପକରଣ ଗୁଡିକ ସଠିକ୍ କାମ କରୁନଥିବା ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଲୋକଙ୍କୁ ଆକର୍ଷଣ କରୁଥିବା ଦୁଇଟି ୱାଟର ଫାଉଣ୍ଟେନ କାର୍ଯ୍ୟକ୍ଷମ ନହୋଇ ଅପରିଷ୍କାର ଅବସ୍ଥାରେ ରହିଛି। ପୂର୍ବ ଭଳି ରଙ୍ଗବେରଙ୍ଗର ଲାଇଟ୍ ଜଳୁନଥିବା ବେଳେ ଫାଉଣ୍ଟେନ ଭିତରେ ପାଣି ଜମି ରହି ଦୁର୍ଗନ୍ଧ ବାହାରୁଛି। ସନ୍ଧ୍ୟା ସମୟରେ 'ମଶା' ସାଧାରଣ ଲୋକଙ୍କୁ କଲବଲ କରୁଛନ୍ତି।



ଏହାସହ ପାର୍କରେ ବିଦ୍ୟୁତ ସଂଯୋଗ ସ୍ଥାନ ବି ମୁକୁଳା ପଡିଥିବାରୁ ଛୋଟ ପିଲାଙ୍କୁ ଧରି ଏଠାକୁ ଆସିବାକୁ ଲୋକେ ଭୟ କରୁଛନ୍ତି। ଏପଟେ ପାର୍କର ପାଚେରୀ ଏବଂ ମୁଖ୍ୟ ଫାଟକର ଅବସ୍ଥା ନ କହିବା ଭଲ। ଯେ କୌଣସି ସମୟରେ ବି ପଡିଯିବାର ସମ୍ଭାବନା ରହିଛି। ଯାହାକୁ ନେଇ ଲୋକେ ଅସୁରକ୍ଷିତ ମନେ କରୁଛନ୍ତି। ଏନେଇ ପୂର୍ବରୁ ଲୋକେ ମହାନଗର ନିଗମକୁ ଅବଗତ କରାଇଥିବା କହିଛନ୍ତି। ତେବେ ରକ୍ଷଣାବେକ୍ଷଣ ଅଭାବରୁ ପାର୍କ ପରିସରରେ ଏଭଳି ସମସ୍ୟା ଉପୁଜୁଥିବା ବେଳେ ତୁରନ୍ତ ଏସବୁର ମରାମତି କରିବାକୁ ସାଧାରଣରେ ଦାବି ହୋଇଛି।

## ବ୍ରହ୍ମପୁର ସାହିତ୍ୟ ପରିଷଦ ପକ୍ଷରୁ ସାହିତ୍ୟ ଆସର




**ବ୍ରହ୍ମପୁର,୮।୬ (ସଂଚାର ବ୍ୟୁରୋ):** ସ୍ଥାନୀୟ ଗୋଇଲୁଣ୍ଡୀ ସ୍ଥିତ ଶ୍ରୀରାମ ମନ୍ଦିର ଠାରେ ବ୍ରହ୍ମପୁର ସାହିତ୍ୟ ପରିଷଦ " ସାହିତ୍ୟ ଆସର " ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶୁଲେଖିକା ଜ୍ୟୋସ୍ନା ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ପାଠକ ଓ ଶ୍ରୋତା ହିଁ ସାହିତ୍ୟକୁ ବ୍ୟାପକ କରିଥାନ୍ତି ବୋଲି କହିଥିଲେ । କବି ଓ ସମ୍ପାଦକ ବି ସତ୍ୟମ୍ ଆଚରି ସଂପାଦକୀୟ ପାଠ ସହ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ ।କବି ପ୍ରଫୁଲ୍ଲ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାହିତ୍ୟ ଆସରକୁ ବିଶିଷ୍ଟ କବି ସୁଶାନ୍ତ ଦାଶ ପରିଚନା କରିଥିଲେ। ସଂଯୋଜିକା ମଧୁସ୍ମିତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠଉତ୍ସବରେ ବରିଷ୍ଠ କବି ଭିକାରୀ ମହାପାତ୍ର ,ସୁଚେତା ପାଣିଗ୍ରାହୀ, ଗଙ୍ଗାଧର ମହାକୁଡ଼, ଏ ପ୍ରଶାନ୍ତ ଆଚାରୀ , କାଳୀ ପ୍ରସାଦ ରାଓ, ସୀତାରାମ ପତ୍ର, ସୁଧଞ୍ଜଳି ମିଶ୍ର, ନନ୍ଦିନୀ ମହାରଣା, ସୁନନ୍ଦା ସାହୁ ସହ ବହୁ କବି କବିତା ପାଠ କରିଥିଲେ ।

## ଘରୋଇ କଳି: ପେଟ୍ରୋଲ ପକାଇ ପୁତୁରା ଘର ଜାଳିଦେଲେ

**ପୁତୁରା ଗୁରୁତର | ପୁଲିସ ଭୟରେ ବିଷ ପିଇ ବଡ ବାପା ଗୁରୁତର**

**ଭୁବନ,୮।୬ (ସଂଚାର ବ୍ୟୁରୋ) :** ଭୁବନ ଥାନା ଅନ୍ତର୍ଗତ ମହୁଲପାଳ ଗ୍ରାମରେ ଘରୋଇ କଳି କୁ ପେଟ୍ରୋଲ ପକାଇ ପୁତୁରା ଘର ବଡବାପା ଦେଲେ ଜାଳି ଯେଉଁ ଘଟଣାରେ ପୁତୁରା ଗୁରୁତର ହୋଇ କଟକ ରେଫର୍ ହୋଇଥିବା ବେଳେ ପୁଲିସ ଭୟରେ ବିଷ ପିଇ ବଡ ବାପା ଗୁରୁତର ହୋଇ ଢେଙ୍କାନାଳ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ରବି ସକାଳୁ ଜମି ଜମା ଘଟଣାକୁ ନେଇ ବାବାଜୀ ସାହୁ ଙ୍କ ପୁଅ ଚୈତନ୍ୟ ସାହୁ ତାଙ୍କ ସାନଭାଇ ନିତ୍ୟାନନ୍ଦ ସାହୁଙ୍କ ପୁଅ ଟୁକୁନା ସାହୁ ଙ୍କୁ ପେଟ୍ରୋଲ ପକାଇ ପୋଡି ମାରିବାକୁ ଗୋଡ଼ାଇଥିଲେ। ସୂଚନାଯୋଗ୍ୟ ଭୁବନ ଥାନା ମହୁଲପାଳ ପଞ୍ଚାୟତର ସାମଲ ସାହି ରେ ଜଳଖିଆ ଦୋକାନ ଚୈତନ୍ୟ ସାହୁଙ୍କର ପଡୋଶୀ ପାନ ଦୋକାନ କରିଥିବା ଟୁକୁନା ସାହୁ ମଧରେ ଜମି ଜମା କଳି ଥିଲା। ଆଜି ସକାଳୁ କଥା କାଟ କଟି ପରେ ଚୈତନ୍ୟ ବୋତଲ ସାହାଯ୍ୟରେ ଟୁକୁନା ଉପରକୁ ପେଟ୍ରୋଲ ଢାଳି ଦେଇଥିଲେ। ନିଆଁ ବି ଲଗାଇ ଦେଇଥିଲେ। ଟୁକୁନା ଦରମରା ଅବସ୍ଥାରେ ଗ୍ରାମବାସୀଙ୍କ ସହଯୋଗରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗ୍ରାମବାସୀ ଚୈତନ୍ୟଙ୍କୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଏ ସଂପର୍କରେ ଚୈତନ୍ୟ ଜାଣିପାରି ଦାନାଦର ବିଷ ପିଇ ଦେଇଥିଲେ। ପୁଲିସ ଉଭୟ କୁ ଅଧିକ ଚିକିତ୍ସା ପାଇଁ ରେଫର କରିଛି।

## ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା



**ବେତନଟୀ,୮।୬ (ସଂଚାର ବ୍ୟୁରୋ):** ଆମ୍ବଗଡ଼ିଆ ବିକାଶ ପରିଷଦ, ମୟୂରଭଞ୍ଜ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା ବିକାଶ ପରିଷଦ ର ସଭାପତି ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ର ଙ୍କ ସଭାପତିତ୍ୱରେ ବେତନଟୀ ର ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଯାଇଅଛି । ସର୍ବ ପ୍ରଥମେ ଅତିଥିମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫୋଟୋ ଚିତ୍ର ରେ ଧୂପ ଓ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପ ଅର୍ପଣ କରିଥିଲେ । ଏହି ଅବସରରେ ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦ ମନ୍ତ୍ର ପାଠ କରିବା ସଙ୍ଗେ ସଙ୍ଗେ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ଲଲାଟେନ୍ଦୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ , ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଛାବଣିଆଁ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାର ମହତ୍ତ୍ୱ ସମ୍ପର୍କରେ ଉପଦେଶ ପ୍ରଦାନ କରିଥିଲେ । ବରେଣ୍ୟ ଅତିଥି ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର ଯୋଗ ଦେଇ ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସମ୍ମାନୀତ ବକ୍ତା ଶ୍ରୀଯୁକ୍ତ ଭୀମ ଚରଣ ମାଝୀ, ସମ୍ମାନୀତ ଅତିଥି ସମାଜସେବୀ ଶ୍ରୀଯୁକ୍ତ ଚକ୍ରଧର ମହାନ୍ତି, ରୂପସା ର ଗଛ ମଣିଷ ଶ୍ରୀଯୁକ୍ତ ରବିନ୍ଦ୍ର ବେହେରା ଯୋଗଦାନ କରି ପ୍ରତିଭା ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ବର୍ଦ୍ଧନା ସଭା ରେ ଓଡ଼ିଶାର ମ୍ୟାଟ୍ରିକ ଓ +୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରତିଭା ମାନଙ୍କୁ ପୁରସ୍କୃତ କରିଥିଲେ। ପରିଶେଷରେ ବିକାଶ ପରିଷଦର ସମ୍ପାଦକ କୁଳ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ୧୧ ଦଫା ଦାବିପତ୍ର ଦେଲେ ଓଜେୟୁ କର୍ମକର୍ତ୍ତା




**ସୁବର୍ଣ୍ଣପୁର,୮।୬ (ସଂଚାର ବ୍ୟୁରୋ):** ଗତକାଲି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ ସମୟରେ ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକଙ୍କୁ ଜିଲ୍ଲା ଗସ୍ତ ସଂପର୍କରେ ପ୍ରତିକ୍ରିୟା ସହ ସମସ୍ତ ତଥ୍ୟ ରଖିଥିଲେ। ଏହି ଅବସରରେ ଜିଲ୍ଲା ତଥା ରାଜ୍ୟରେ କାର୍ଯ୍ୟରତ ଥିବା ସମସ୍ତ ସାମ୍ବାଦିକଙ୍କ ସାମୁହିକ ସମସ୍ୟା ଓ ସ୍ୱାର୍ଥ ଉପରେ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ୧୧ ଦଫା ଦାବି ପ୍ରଦାନ କରାଯାଇଥିଲା। ରାଜ୍ୟରେ ସାମ୍ବାଦିକଙ୍କ ପ୍ରତି ବୃଦ୍ଧି ପାଉଥିବା ଆକ୍ରମଣ ଘଟଣାରେ ଦୋଷୀ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହ ସ୍ୱତନ୍ତ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରାଣୟନ କରାଯିବା, ସ୍ୱାସ୍ଥ୍ୟ ବୀମା ରାଶିକୁ ୫ ଲକ୍ଷ ରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ମୃତ୍ୟୁ କାଳୀନ ସହାୟତା ରାଶିକୁ ୪ ଲକ୍ଷ ରୁ ୧୦ ଲକ୍ଷ ଟଙ୍କା ବୃଦ୍ଧି କରିବା, ଅବସର କାଳୀନ ଭତ୍ତା ପ୍ରଦାନ, ଘର ନିର୍ମାଣ ତଥା ପିଲା ଛୁଆଙ୍କ ପାଠ ପଢା ପାଇଁ ବ୍ୟାଙ୍କ ଋଣ ବ୍ୟବସ୍ଥା ରେ ସରଳୀକରଣ ନିୟମ କରି ବ୍ୟାଙ୍କ ମାନଙ୍କୁ ସର୍କୁଲାର ଜାରି କରିବା, ଅଧିସ୍ୱୀକୃତି ଆଇନ ର ସରଳୀକରଣ କରି ବ୍ଲକ ତଥା ଜିଲ୍ଲା ସ୍ତରୀୟ ସମସ୍ତ ସାମ୍ବାଦିକଙ୍କୁ ଏଥିରେ ସାମିଲ୍ କରିବା ଭଳି ପ୍ରମୁଖ ୧୧ ଦଫା ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରଯାଇଥିଲା। ସଂଘର ସୁବର୍ଣ୍ଣପୁର ଜିଲ୍ଲା ଶାଖା ସଭାପତି ମନୋରଞ୍ଜନ ତ୍ରିପାଠୀଙ୍କ ସହିତ ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲା ର ୧୦୦ ରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ସାମ୍ବାଦିକ ଉପସ୍ଥିତ ଥିଲେ।

## ବାଲେଶ୍ୱର ଜିଲ୍ଲା କାରାଗାରରେ ଯୋଗ କର୍ମଶାଳା

**ବାଲେଶ୍ୱର,୮।୬ (ସଂଚାର ବ୍ୟୁରୋ) :** ଯୋଗ ମାଧମରେ ମଣିଷର ମନର ମଧ ସୁଧାର ଅଣାଯାଇପାରିବ ବୋଲି ଆମ ପୂର୍ବଜ ମୁନି ଋଷିମାନେ ସେମାନଙ୍କ ଜୀବନରେ ଯୋଗର ଅନୁଭୂତିକୁ ବିଭିନ୍ନ ପୁସ୍ତକ ମାଧମରେ ବଖାଣିଛନ୍ତି ଏବଂ ତାହାହିଁ ସତ୍ୟ ପ୍ରମାଣିତ ହୋଇପାରିଛି। ଆସନ୍ତା ଆନ୍ତର୍ଜାତିକ ଯୋଗଦିବସ ପାଇଁ କିଛି ଅଭ୍ୟାସ ଯୋଗକୁ ବାଲେଶ୍ୱର ଜିଲ୍ଲା କାରାଗାରର ସୁପରିନ୍ଟେଣ୍ଡେଣ୍ଟ୍ ଶ୍ରୀମତୀ ସୁଚିତ୍ରା ଦାସଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ସାତଦିନବ୍ୟାପୀ ଯୋଗ କର୍ମଶାଳାକୁ ହୋଲିଷ୍ଟିକ୍ ହିଲିଙ୍ଗ୍ ଯୋଗ ଶିକ୍ଷାକେନ୍ଦ୍ର ତରଫରୁ ଆୟୋଜିତ ହୋଇ ଆଜି ପ୍ରଭାତରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହିଳାମାନଙ୍କ ପାଇଁ ମହିଳା ୱାର୍ଡ଼ରେ ମହିଳା ଯୋଗ ପ୍ରଶିକ୍ଷକ ଓ ପୁରୁଷମାନଙ୍କ ୱାଡ଼ରେ ପୁରୁଷମାନଙ୍କ ପାଇଁ ଅଲଗା ଅଲଗା ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଇଥିଲା।



### ସାୟାହ୍ନ ବୟସରେ ଅଭିନବ ପ୍ରୟାସ

## ସନାତନ ଧର୍ମ ସଂସ୍କୃତିର ପ୍ରଚାର ପାଇଁ ବୁଲୁଛନ୍ତି ନିରାକାର



**ହିଞ୍ଜିଳିକାଟୁ,୮।୬ (ସଂଚାର ବ୍ୟୁରୋ) :** ଚମ ଧୁଡୁ ଧୁଡୁ ଶରୀର । ଆଖିକୁ ଠିକ ସେ ଦେଖାଯାଉ ନାହିଁ। ପ୍ରତିଦିନ ଏ ଗାଁରୁ ସେ ଗାଁ ଆଉ କେବେ ସହର ଅଭିମୁଖେ ଯାତ୍ରା। ଯେଉଁଠି ସଞ୍ଜ ନୁହେଁ, ସେଇଠି ରାତି ରହଣି। ସାୟାହ୍ନ ବୟସରେ ସନାତନ ଧର୍ମର ପ୍ରଚାର ପ୍ରସାର ପାଇଁ ଅଣ୍ଟା ଭିଡ଼ିଛନ୍ତି ପୋଲସରା ଅଞ୍ଚଳର ନିରାକାର ମହାରଣା (୮୩)। କେବଳ ସେତିକି ନୁହଁ, ନିଶା ନିବାରଣ ସଚେତନତା ବି ସୃଷ୍ଟି କରୁଛନ୍ତି। 'ମଦ ନୁହଁ ସେ ମନ୍ଦ' ବୋଲି କହିଥିବା ବେଳେ ଅନେକ ପରିବାର ନଷ୍ଟ ହେଉଥିବା ଜଣେଇଥିଲେ।

ହିଞ୍ଜିଳିକାଟୁ ବସଷ୍ଟାଣ୍ଡରୁ ଚାଲି ଚାଲି ବ୍ଲକ ଅଭିମୁଖେ ଯିବା ବେଳେ ବେକରେ ସଚେତନ ବାର୍ତ୍ତା ଲେଖି ପକେଇଥିବା ବେଳେ ଆମ ପ୍ରତିନିଧିଙ୍କ ସହ ସାକ୍ଷାତ ହୋଇଥିଲା। ଲକ୍ଷ୍ୟ ଅଛି, ପୁରା ଭାରତ ଭ୍ରମଣ। ଏଥି ସହ ପରିବେଶକୁ କିଭଳି ବଞ୍ଚାଇ ରଖିବା ସଚେତନତା ବି ଜାରି ରଖିଛନ୍ତି। ଆଜିକାଲିର ଜଳବାୟୁ ପରିବର୍ତ୍ତନ ପାଇଁ ବୃକ୍ଷରୋପଣ ସହ ଯତ୍ନ ନେବାକୁ ପରାମର୍ଶ ଦେଇଛନ୍ତି। ସତରେ ୮୩ ବର୍ଷ ବୟସରେ ବୃଦ୍ଧଙ୍କ ଅଭିନବ ପ୍ରୟାସ ସମାଜ ପାଇଁ ନିହାତି ପ୍ରେରଣା ପାଲଟିବ ଏଥିରେ ଦ୍ୱିମତ ନାହିଁ।

## ସୋନପୁର କଲେଜ ଆଲୁମିନୀ ଆସୋସିଏସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



**ସୁବର୍ଣ୍ଣପୁର,୮।୬ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀଙ୍କ ସୁବର୍ଣ୍ଣପୁର ଗସ୍ତ ଅବସରରେ ସୋନପୁର ମହାବିଦ୍ୟାଳୟ ଆଲୁମିନୀ ଆସୋସିଏସନ ପକ୍ଷରୁ କଲେଜ କୁ ସରକାରୀ ମାନ୍ୟତା ପ୍ରଦାନ ଦାବିରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆସୋସିଏସନ ର ସଭାପତି ପ୍ରଫୁଲ୍ଲ କୁମାର ରଥ ଏବଂ ସଂପାଦକ ଭାରତ ଭୁଷଣ ଦାଶ ଙ୍କ ନେତୃତ୍ୱରେ ଏକ ୭ ଜଣିଆ ପ୍ରତିନିଧି ଦଳ ଏ ନେଇ ସର୍କିଟ ହାଉସ ଠାରେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ସାଧାରଣ ସଭା ରେ ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଏବଂ ବିଧାୟକ ରଘୁନାଥ ଜଗଦଲା ମଧ ତାଙ୍କ ବକ୍ତବ୍ୟରେ କଲେଜକୁ ସରକାରୀ ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରକାଶ ଯୋଗ୍ୟ ଯେ ସୋନପୁର ମହାବିଦ୍ୟାଳୟ ୧୯୬୪ ମସିହାରୁ ସ୍ଥାପିତ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ସରକାରୀ ମାନ୍ୟତା ପାଇ ପାରିନାହିଁ। ଜିଲ୍ଲାର ସର୍ବପୁରାତନ ସୋନପୁର ମହାବିଦ୍ୟାଳୟ ରାଜ୍ୟ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି । ବର୍ତ୍ତମାନ ମହା ବିଦ୍ୟାଳୟରେ ଯୁକ୍ତ ୨ ଓ ଯୁକ୍ତ ୩ ପର୍ଯ୍ୟନ୍ତ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ମୋଟ ୨୩୦୦ ଜଣ ଛାତ୍ରୀ/ ଛାତ୍ର ଅଧ୍ୟୟନରତ ଅଛନ୍ତି । ମହାନଦୀ କୂଳସ୍ଥିତ ଏକ ସବୁଜିମା ମନୋରମ ପରିବେଶରେ ୧୯୬୪ ମସିହାରେ ସ୍ଥାପିତ ହୋଇ ମହାବିଦ୍ୟାଳୟଟି ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ନିରନ୍ତର ଗୁଣାତ୍ମକ ଶିକ୍ଷା ପ୍ରଦାନ କରିଆସୁଅଛି । ଅନେକ ସୁନାମ ଅର୍ଜନ କରିଥିବା ଏହି ମହାବିଦ୍ୟାଳୟଟି ବିଭିନ୍ନ କ୍ଷେତ୍ରରେ ଆଜି ସୁଦ୍ଧା ବହୁ ପ୍ରତିଷ୍ଠିତ ଏଠାରୁ ପ୍ରଶାସନିକ ଅଧିକାରୀ, ବୈଜ୍ଞାନିକ, ଡାକ୍ତର, ଯନ୍ତ୍ରୀ, ଲୋକ ପ୍ରତିନିଧି ସୁନାମଧନ୍ୟ ମେଧାବୀ ସୃଷ୍ଟି କରିପାରିଛି। ୨୦୧୬ ମସିହା 'ରାଷ୍ଟ୍ରିୟ ମୂଲ୍ୟାଙ୍କନ ଏବଂ ପ୍ରତ୍ୟାୟନ ପରିଷଦ' ଅନୁସାରେ ମହାବିଦ୍ୟାଳୟଟି ବି ଗ୍ରେଡ୍ ମାନ୍ୟତା ଲାଭ କରିଥିଲା । ସରକାରୀ ମାନ୍ୟତାର ଦୃଢ଼ ଦାବିଦାର ପାଇଁ ୧୦ ଏକରରୁ ଉର୍ଦ୍ଧ୍ୱ ପରିମିତ ଜମିରେ ସ୍ଥାପିତ ଏହି ମହାବିଦ୍ୟାଳୟର ଆବଶ୍ୟକୀୟ ଭିତ୍ତିଭୂମି ମହାବିଦ୍ୟାଳୟର ରହିଥିବା ପ୍ରକାଶ କରିଛି ଆଲୁମିନୀ ସଙ୍ଘ।

# ଅଘୋଷିତ ବିଦ୍ୟୁତ କାଟରେ ଜନଜୀବନ ଅସ୍ତବ୍ୟସ୍ତ

**କଣାସ,୮।୬ (ସଂଚାର ବ୍ୟୁରୋ):** ଦୀର୍ଘ କିଛିଦିନ ହେଲା ରୌଦ୍ରତାପ ବୃଦ୍ଧି ଏବଂ ଅସହ୍ୟ ଗୁଳୁଗୁଳି ଯୋଗୁଁ ପୁରୀ ଜିଲ୍ଲା ଚିଲିକା ଉପକୂଳରେ ଅବସ୍ଥାପିତକଣାସ ବ୍ଲକର ଜନସାଧାରଣ ଆଠଦିନ ହେଲା ଅସହ୍ୟ ଯନ୍ତ୍ରଣା ଭୋଗ କରୁଛନ୍ତି ମଝିରେ ମଝିରେ ବିଦ୍ୟୁତ କାଟି ଯାଉଥିବାରୁ ଯନ୍ତ୍ରଣାକୁ ଦ୍ୱିଗୁଣିତ କରିଦେଉଛି। ଆଜି ରୌଦ୍ରତାପ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ହେଉଥିବାବେଳେ ଦିନ ୧ ଘଟିକା ଟାରୁ ଅପରାହ୍ନ ସାଢେ ଚାରିଟା ପର୍ଯ୍ୟନ୍ତ ଦୀର୍ଘ ସାଢେ ତିନି ଘଣ୍ଟା ଧରି ବିଦ୍ୟୁତ କାଟ ହେଉଥିବାରୁ ଜନସାଧାରଣଙ୍କ ଯନ୍ତ୍ରଣା କହିଲେ ନସରେ। ଅନେକ ପରିବାର ସଦସ୍ୟମାନେ ଘରେ ନରହି ବିଭିନ୍ନ ଗଛମୂଳେ ଆଶ୍ରୟ ନେଇଥିବାବେଳେ ଗଛ ମଧରେ ଥିବା କୀଟ ପତଙ୍ଗମାନେ ଅସହ୍ୟ ରୌଦ୍ରତାପ ସହ୍ୟ ନକରି ଗଛମୂଳକୁ ଚାଲି ଆସୁଥିବାରୁ ଗଛମୂଳେ ଆଶ୍ରୟ ନେଇଥିବା ଲୋକମାନେ ନାହିଁନଥିବାର ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ବିଦ୍ୟୁତ କାଟ ସର୍ମ୍ପକରେ କଣାସ ଠାରେ ବିଦ୍ୟୁତ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କୁ ପଚାରିବାରୁ ସେମାନେ କୁହନ୍ତି କୁମୁତାଳ ନିକଟରେ ଏକ ପାହଡରେ ବିଦ୍ୟୁତ ଖୁଣ୍ଟରୁ ତାର କଟି ଯିବା ଯୋଗୁଁ ବିଦ୍ୟୁତ ସରବରାହ ବ୍ୟାଘତ ହୋଇଛି। ଅନେକ ବିଦ୍ୟୁତ ଉପୋଭକ୍ତା ଅସହ୍ୟ ଯନ୍ତ୍ରଣା ଯୋଗୁଁ ବିଦ୍ୟୁତ କାର୍ଯ୍ୟାଳୟକୁ ଆସି କର୍ମଚାରୀମାନଙ୍କୁ ଗାଳିଗୁଲଜ କରୁଥିବା ଦେଖିବାକୁ ମିଳିଥିଲା। ଖବର ନେବାରେ ଜଣାପଡ଼ିଛି ଖୋର୍ଦ୍ଧାଠାରୁ ତିରିମଲ, ଡେଲାଙ୍ଗ ଦେଇ ଦୀର୍ଘ ୪୫ କିଲୋମିଟର ଅତିକ୍ରମ କରି କଣାସକୁ ୧୯୭୫ ମସିହାରେ ବିଦ୍ୟୁତ ସଂ ଯୋଗ କରାଯାଇଥିଲା। ଦୀର୍ଘ ୪୫ କିଲୋମିଟର ବିଦ୍ୟୁତ ତାର ଆସିଥିବାରୁ ଅନେକ ସମୟରେ ବିଦ୍ୟୁତ ତାର ଛିଣ୍ଡି ପଡୁଥିବାରୁ ବହୁ ସମୟ ଧରି କଣାସ ଅଞ୍ଚ ଅନ୍ଧାରରେ ରହୁଛି। କଣାସ ଠାରେ ଏକ ବିଦ୍ୟୁତ ଗ୍ରୀଡ ନିର୍ମାଣ କରିବାକୁ ବାରମ୍ବାର ଅଞ୍ଚଳବାସୀଙ୍କ ପକ୍ଷରୁ ଦାବୀ ହୋଇଆସୁଥିବାବେଳେ ତୁରନ୍ତ କଣାସ ଠାରେ ଏକ ବିଦ୍ୟୁତ ଗ୍ରୀଡ ନିର୍ମାଣ କରି ବିଦ୍ୟୁତ ସମସ୍ୟା ଦୂର କରିବା ପାଇଁ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତୀ ରାଉତ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ଏବଂ ଅନେକ ଲୋକପ୍ରତିନିଧି ଦାବୀ କରିଛନ୍ତି।



## ରାଜ୍ୟସ୍ତରୀୟ ଇକୋ ମଡେଲ ପ୍ରଦର୍ଶନୀରେ ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରକଳ୍ପ ପ୍ରଶଂସିତ




**ବୈଶିଙ୍ଗା,୮।୬ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଶ୍ରୀମାନ ଶୁଭଂକର ବେହେରାଙ୍କ ପ୍ରକଳ୍ପ "ହାଇ ଟେକ ପ୍ଲାଷ୍ଟିକ ୱେଷ୍ଟ ମ୍ୟାନେଜମେଣ୍ଟ ଡିଭାଇସ୍" ରାଜ୍ୟ ସ୍ତରୀୟ ଇକୋ ମଡେଲ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ଉଚ୍ଚ ପ୍ରଶଂସିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଜିଲ୍ଲା ଇକୋ କ୍ଲବ୍ ମାଷ୍ଟର ଟ୍ରେନର ଅଜିତ୍ କୁମାର ଜେନାଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତ ଏହି ଇକୋ ମଡେଲଟି ବିଚାରକ ମଣ୍ଡଳୀ ଦ୍ୱାରା ଖୁବ୍ ପ୍ରଶଂସିତ ହୋଇଥିଲା। ଭୁବନେଶ୍ୱର ସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ 'ବିଶ୍ୱ ପରିବେଶ ଦିବସ-୨୦୨୫' ପାଳନ କାର୍ଯକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓଡିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ସଚିବ ଉମା ନନ୍ଦୁରୀ, ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ତ ଓ ସେଣ୍ଟର୍ ଅଫ୍ ଏନଭିରନମେଣ୍ଟାଲ୍ ଷ୍ଟଡିଜ୍ ର ନିର୍ଦ୍ଦେଶକ ଡକ୍ଟର କେ ମୁରୁଗେସନ ପ୍ରମୁଖ ଯୋଗ ଦେଇ ଶ୍ରୀମାନ ଶୁଭଙ୍କରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପଟିକୁ ଖୁବ୍ ପ୍ରଶଂସା କରିଥିଲେ।

## 'ମେକ୍ ଇନ ଇଣ୍ଡିଆ ଆଣ୍ଡ ମିଡ଼ିଆ ପରିବାର'ର ଚାରା ରୋପଣ

**ଡେଲାଙ୍ଗ,୮।୬ (ସଂଚାର ବ୍ୟୁରୋ):** ମେକ୍ ଇନ ଇଣ୍ଡିଆ ଆଣ୍ଡ ମିଡ଼ିଆ ପରିବାର ପକ୍ଷରୁ ଆୟୋଜିତ ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ, ଗୁରୁବାର ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ସୁଜନପୁର ପଞ୍ଚାୟତ ମା' ବରାହୀ (ଖଣ୍ଡୁଆଳ) ପୀଠ, କଅଁଳପଡା ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମିଡ଼ିଆ ପରିବାରର ପ୍ରତିଷ୍ଠାତା ତଥା ରାଜ୍ୟସରକାରଙ୍କ ପ୍ରକୃତିବନ୍ଧୁ ପୁରସ୍କାର ପ୍ରାପ୍ତ ଦିଲ୍ଲୀପ କୁମାର ଧାଉଡ଼ିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ସମାଜସେବୀ ଆଲୋକମୟ ହରିଚନ୍ଦନ, ବାବୁରାମ ଦାସ, ବେଣୁଧର ମଙ୍ଗରାଜ,ସାମାଜିକ କର୍ମୀ ଭରତ ସାମନ୍ତରାୟ, କେଳୁ ଚରଣ ବେହେରା ପ୍ରମୁଖ ଯୋଗଦେଇ ଅନୁଷ୍ଠାନିକ ଭାବେ ଚାରାରୋପଣ ଶୁଭ ଉଦଘାଟନ କରିଥିଲେ।






# 'ରିଲ୍' ବଢ଼ାଉଛି ରକ୍ତଚାପ!

**ଚୀନରେ କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ ଯିଏ ଯେତେ ଅଧିକ ସମୟ 'ରିଲ୍' ଦେଖୁଛି, ସିଏ ସେତେ ଅଧିକ ଉଚ୍ଚ ରକ୍ତଚାପର ଶିକାର ହେଉଛି।**

ଆଜିକାଲି ସାମାଜିକ ଗଣମାଧ୍ୟମରେ 'ରିଲ୍' ବା କ୍ଷୁଦ୍ର ଭିଡିଓ ଦେଖିବା ସବୁ ବୟସର ଲୋକଙ୍କ ପାଇଁ ଏକ ମନୋରଞ୍ଜନ ସାମଗ୍ରୀ ପାଲଟିଛି। ପ୍ରଥମେ ପ୍ରଥମେ ସେସବୁକୁ କାଁ ଭାଁ ଦେଖୁଥିବା ବ୍ୟକ୍ତି ଶେଷରେ ତାହାକୁ ନିଶାରେ ପରିଣତ କରିଥାଏ। ସେଇ ବର୍ଗର ଲୋକମାନେ ଶୋଇବା ସମୟରେ 'ରିଲ୍' ଦେଖିବା ଏବଂ ସେମାନଙ୍କର ରକ୍ତଚାପ ଭିତରେ ଏକ ନିବିଡ଼ ସମ୍ପର୍କ ରହିଥିବା କଥା ଏକ ସଦ୍ୟ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି।

'ବିଏମ୍‌ସି' ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଚୀନ୍‌ରେ ମୋବାଇଲ୍ ଫୋନ୍‌ରେ 'ରିଲ୍' ଦେଖୁଥିବା ୪,୩୧୮ ଜଣ ମଧ୍ୟ-ବୟସ୍କ ଓ ଯୁବକଙ୍କୁ ସାମିଲ କରି ସେମାନଙ୍କର ରକ୍ତଚାପ ଅନୁଧ୍ୟାନ କରାଯାଇଥିଲା। ଦେଖାଯାଇଥିଲା, ଯିଏ ଯେତେ ଅଧିକ ସମୟ 'ରିଲ୍' ଦେଖୁଛି, ସିଏ ସେତେ ଅଧିକ ଉଚ୍ଚ ରକ୍ତଚାପର ଶିକାର ହୋଇଛି। ପାରମ୍ପରିକ ଭାବେ ଟିଭି ଦେଖିବା ବା କମ୍ପ୍ୟୁଟର ବ୍ୟବହାର କରିବା ଅଥବା ଭିଡିଓ ଗେମ୍ ଖେଳିବା ଅପେକ୍ଷା ଶୋଇବା ସମୟରେ ମୋବାଇଲ୍‌ରେ 'ରିଲ୍' ଦେଖିବାର ନକାରାତ୍ମକ ପ୍ରଭାବ ଅଧିକ ବୋଲି ଜଣାପଡ଼ିଛି। କାରଣ ଶୋଇବା ପୂର୍ବରୁ ମୋବାଇଲ୍ ପରଦାରେ ଦୃଷ୍ଟି ନିକ୍ଷେପ କରିବା ଦ୍ୱାରା ଶରୀରରେ 'ସିମ୍ପାଥେଟିକ୍' ଉତ୍ତେଜନା ସୃଷ୍ଟି ହୋଇଥାଏ। ଅର୍ଥାତ୍ ତାହା 'ସିମ୍ପାଥେଟିକ୍' ସ୍ନାୟବିକ କ୍ରିୟାକୁ ସକ୍ରିୟ କରିଥାଏ, ଯାହା ଶରୀରର 'ଫାଇଟ୍-ଅର୍-ଫ୍ଲାଇଟ୍' ପ୍ରତିକ୍ରିୟାକୁ ସଜାଗ କରିଥାଏ। ଏହା ପରୋକ୍ଷରେ ରକ୍ତଚାପ ବଢ଼ିବାର କାରଣ ସାଜିଥାଏ।

ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, 'ରିଲ୍'ରେ ମନୋନିବେଶ କରିବା ଦ୍ୱାରା ଜଣକର ମୂଲ୍ୟବାନ ସମୟ ତ ଅପଚୟ ହେଉଛି, ତାହା ସହିତ ନିଜ ସ୍ୱାସ୍ଥ୍ୟ ପାଇଁ ବିପଦକୁ ମଧ୍ୟ ଆମନ୍ତ୍ରଣ କରାଯାଉଛି। ଶରୀରର ବର୍ଦ୍ଧିତ ରକ୍ତଚାପ କମାଇବା ପାଇଁ କିମ୍ବା ରକ୍ତଚାପକୁ ସ୍ୱାଭାବିକ ରଖିବା ପାଇଁ ସୁସ୍ଥ ଜୀବନଶୈଳୀ ଆପଣେଇବା ସହିତ ଶୋଇବା ସମୟରେ 'ରିଲ୍' ଦେଖାରୁ ନିବୃତ୍ତ ରହିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି।



# ଓଜନ ହ୍ରାସ ପାଇଁ ଫାରାହ୍‌ଙ୍କ ଫର୍ମୁଲା

ବଲିଉଡ୍‌ର ଲୋକପ୍ରିୟ ନୃତ୍ୟ ନିର୍ଦ୍ଦେଶିକା, ସିନେନିର୍ଦ୍ଦେଶିକା ତଥା ପ୍ରଯୋଜିକା ଫାରାହ୍ ଖାଁ ନିଜର ସୃଜନାତ୍ମକ କୃତିରେ ଲକ୍ଷ ଲକ୍ଷ ପ୍ରଶଂସକଙ୍କୁ ମୁଗ୍ଧ କରିବା ସହ ସେ ସଦ୍ୟ ଯୋଗାଉଥିବା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସଚେତନତା ପରାମର୍ଶ ଅନେକଙ୍କୁ ଆକର୍ଷିତ କରିବାରେ ଲାଗିଛି। ନିଜର ଓଜନ କମାଇବା ପାଇଁ ସେ ଆପଣେଇଥିବା ଜୀବନଶୈଳୀ ଓ ଖାଦ୍ୟପେୟ ବାବଦରେ ଖୋଲାଖୋଲି ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି।

ନିଜର ୟୁଟ୍ୟୁବ୍ ଚାନେଲ୍‌ରେ ସେ ଛାଡ଼ିଥିବା ବିଭିନ୍ନ ପ୍ରକାର ବ୍ୟଞ୍ଜନ, ତାହାର ରନ୍ଧନ ପ୍ରକ୍ରିୟା ଏବଂ ପୋଷକପୂର୍ଣ୍ଣ ଖାଦ୍ୟ ସମ୍ବଳିତ ନିଜ ଓଜନହ୍ରାସ ଅଭିଯାନ ସମ୍ପର୍କିତ ଭିଡ଼ିଓଗୁଡ଼ିକ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ତାଙ୍କ ଦ୍ୱାରା ବର୍ଣ୍ଣିତ '୨ ଟାଇପ୍ କି ପନୀର ରେସିପିଜ୍' ଓ 'ନାରିୟଲ୍ ଚିକେନ୍ ରେସିପିଜ୍' ଭଳି ବ୍ୟଞ୍ଜନ ତାଙ୍କ ସୁସ୍ଥ ରୋଷେଇ ଅଭ୍ୟାସକୁ ପ୍ରମାଣିତ କରିବା ସହ ଅନ୍ୟମାନଙ୍କ ମନରେ ଆଗ୍ରହ ସୃଷ୍ଟି କରୁଛି। ବିଶେଷ କରି ଓଜନହ୍ରାସ ପାଇଁ ତାଙ୍କ ପରାମର୍ଶ ବେଶ୍ ଉତ୍ସାହଜନକ ଓ ପ୍ରେରଣାଦାୟକ ହୋଇପାରିଛି। ଓଜନହ୍ରାସ ଲକ୍ଷ୍ୟ ପୂରଣ ପାଇଁ ଫାରାହ୍ ଅନୁସରଣ କରିଥିବା ପନ୍ଥାରେ ମୁଖ୍ୟ ହେଉଛି ସନ୍ତୁଳିତ ଆହାର। କାରଣ ଭୋଜନରେ ଯଥାର୍ଥ ପରିମାଣର ଶର୍କରା, ପୁଷ୍ଟିସାର ଓ ସ୍ନେହସାର ଆଦି ରହିଥିଲେ ଶରୀର ସେଥିରୁ ଉଚିତ ପରିମାଣର ପୋଷକତତ୍ତ୍ୱ ପାଇପାରିବ ଏବଂ ଆଉ ଅନ୍ୟାନ୍ୟ ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବାକୁ ମନ ବଳାଇବନି। ଏଥି ସହିତ ଭୋଜନରେ ନଣ୍ଡା ବାଗୁଲି (ଚିଆ) ମଞ୍ଜି, କିନୋଆ ଓ ଆଭୋକାଡ଼ୋ ପରି ସୁପର୍‌ଫୁଡ୍ ସାମିଲ କରିବାକୁ ଫାରାହ୍ ପରାମର୍ଶ କରିଛନ୍ତି। ଖାଇଲା ବେଳେ ଟିଭି ବା ଫୋନ୍ ଉପରେ ମନୋନିବେଶ ନକରି ଖାଦ୍ୟମନସ୍କ ହୋଇ ରହିବାକୁ ସେ କହିଛନ୍ତି। ଏହା ମାତ୍ରାଧିକ ଭୋଜନରୁ ନିବୃତ୍ତ କରିବା ସହ ହଜମରେ ସହାୟକ ହୋଇଥାଏ। ଶରୀରକୁ ଦିନ ତମାମ ଆର୍ଦ୍ର ରଖିବା ସହ ହଜମକ୍ରିୟାକୁ ସୁଗମ କରିବା ପାଇଁ ଯଥେଷ୍ଟ ପରିମାଣର ପାଣି ପିଇବା ମଧ୍ୟ ବାଞ୍ଛନୀୟ। ତାହା ଅଯଥା ଭୋକକୁ କମାଇ ଓଜନହ୍ରାସରେ ସହାୟକ ହେବ। ସେହିପରି ଘରରନ୍ଧା ଖାଦ୍ୟ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସର୍ବୋପରି ଓଜନହ୍ରାସ ପାଇଁ କମ୍ ଶର୍କରା ଜାତୀୟ ଖାଦ୍ୟ ଖାଇବାକୁ ସେ ପରାମର୍ଶ ଦେଇଛନ୍ତି। କୌଣସି ପ୍ରକାର ମଧୁମିଶ୍ରିତ ପାନୀୟ କି ମିଠା ନଖାଇ ନିଜର ଜିହ୍ୱାଲାଳସା ପୂରଣ ପାଇଁ ବିଭିନ୍ନ ପ୍ରକାର ଫଳ ଏବଂ ପ୍ରାକୃତିକ ଶର୍କରା ଖାଇବା ଠିକ୍ ହେବ ବୋଲି ସେ କହିଛନ୍ତି।





# ଆୟୋଡିନ୍ ଅଭାବର ଲକ୍ଷଣ

ଆମ ଶରୀର ପାଇଁ ଆୟୋଡିନ୍ ଖଣିଜସାର ଏକ ଗୁରୁତ୍ୱପୂର୍ଣ୍ଣ ପୋଷକ ହୋଇଥିଲେ ହେଁ ଅନେକ ତାହାକୁ ଅଣଦେଖା କରିଥା'ନ୍ତି। କହିବା ବାହୁଲ୍ୟ, ଥାଇରଏଡ୍ ପରି ହରମୋନ୍ ପ୍ରସ୍ତୁତି ପାଇଁ ଅପରିହାର୍ଯ୍ୟ ଥିବା ଏହି ଖଣିଜସାର ଶରୀରର ବିଭିନ୍ନ ରାସାୟନିକ ପ୍ରକ୍ରିୟା(ମେଟାବୋଲିଜିମ୍) ଠାରୁ ଆରମ୍ଭ କରି ମସ୍ତିଷ୍କ କ୍ରିୟା ଯାଏ ସବୁକୁ ପ୍ରଭାବିତ କରିଥାଏ। ତେବେ ଶରୀରରେ ଯେତେବେଳେ ଆବଶ୍ୟକ ପରିମାଣର ଆୟୋଡିନ୍‌ର ଅଭାବ ରହେ, ସେତେବେଳେ ଶରୀର ମଧ୍ୟ ଉପଯୁକ୍ତ ସଂକେତ ସ୍ୱରୂପ ବିଭିନ୍ନ ଲକ୍ଷଣ ଦେଖାଇଥାଏ। ମାତ୍ର ସେସବୁ ଲକ୍ଷଣ ବେଳେ ବେଳେ ଅଣଦେଖା ରହିଯାଇଥାଏ। ଆଜି ସେଭଳି କିଛି ଆୟୋଡିନ୍ ଅଭାବ ଜନିତ ଶାରୀରିକ ଲକ୍ଷଣ ବାବଦରେ ଜାଣିବା। ଶରୀରରେ ଆୟୋଡିନ୍‌ର ଅଭାବ ରହିଲେ ଆଖି ଦୁଇଟି ଫୁଲି ଯାଇଥାଏ। କାରଣ ରକ୍ତରେ ନିମ୍ନ ସ୍ତରର ଆୟୋଡିନ୍ ଶରୀରର ତରଳ ପଦାର୍ଥ ସନ୍ତୁଳନରେ ବିଭ୍ରାଟ ଆଣି ମୁଖମଣ୍ଡଳ ପରି ଅପ୍ରତ୍ୟାଶିତ ସ୍ଥାନରେ ଫୁଲିବା ଦେଖାଯାଇଥାଏ। ସେହିପରି ତଣ୍ଟି ବସିଯିବା ବା କିଛି ଲାଖିଥିଲା ଭଳି ତଣ୍ଟି ଫୁଲିଯିବା ଅନୁଭବ ମଧ୍ୟ ହେଉଛି ଆୟୋଡିନ୍ ଅଭାବର ଅନ୍ୟତମ ଲକ୍ଷଣ। ଆୟୋଡିନ୍ ଅଭାବରୁ ମଧ୍ୟ ହୃଦ୍‌ସ୍ପନ୍ଦନରେ ଅନିୟମିତତା ଦେଖାଯାଇଥାଏ। କାରଣ ଆୟୋଡିନ୍ ଉପରେ ନିର୍ଭର କରୁଥିବା ଥାଇରଏଡ୍ ହରମୋନ୍ ହିଁ ଏକ ସୁସ୍ଥ ତଥା ନିୟମିତ ହୃଦ୍‌ସ୍ପନ୍ଦନ ପାଇଁ ସାହାଯ୍ୟ କରେ। ବେଳେ ବେଳେ ମାତ୍ରାଧିକ ଉତ୍କଣ୍ଠା ବଢ଼ିଯିବା ବା ମନୋଭାବରେ ଅସ୍ୱାଭାବିକ ପରିବର୍ତ୍ତନ ବା ଭୀଷଣ ଭାବେ ଚିଡ଼ିଚିଡ଼ା ଲାଗିବା ମଧ୍ୟ ଅନ୍ୟତମ ଲକ୍ଷଣ। ଆୟୋଡିନ୍ ଅଭାବ ଯୋଗୁଁ ମସ୍ତିଷ୍କର ରାସାୟନିକ ସନ୍ତୁଳନରେ ବ୍ୟାଘାତ ଘଟି ଏପରି ହୋଇଥାଏ। ସେହିପରି ଗୋଡ଼ ଓ ହାତରେ ହଠାତ୍ କଣ୍ଟା ଫୋଡ଼ିହେଲା ପରି ଅନୁଭବ ମଧ୍ୟ ଆୟୋଡିନ୍ ଅଭାବର ଲକ୍ଷଣ। କାରଣ ଆୟୋଡିନ୍ କମିଗଲେ ଥାଇରଏଡ୍ ହରମୋନ୍ ସ୍ତର କମିଯାଇ ସ୍ନାୟୁକ୍ରିୟାକୁ ଧିମେଇ ଦେଇଥାଏ। ମହିଳାମାନଙ୍କ ଠାରେ ଅନିୟମିତ ଋତୁସ୍ରାବ ମଧ୍ୟ ଆୟୋଡିନ୍ ଅଭାବରୁ ହୋଇଥାଇପାରେ। ସେହିପରି ଆମ ଶରୀରରେ କୌଣସି କ୍ଷତ ଶୁଖିବା ବିଳମ୍ବିତ ହେବା ମଧ୍ୟ ଆୟୋଡିନ୍ ଅଭାବର ଅନ୍ୟତମ ଲକ୍ଷଣ।

## କେଉଁଟି ଅଧିକ ସ୍ୱାସ୍ଥ୍ୟକର

| ଗୁଡ଼(୧୦୦ ଗ୍ରାମ୍ ପିଛା) | ପୋଷକତତ୍ତ୍ୱ | ଚିନି(୧୦୦ ଗ୍ରାମ୍ ପିଛା) |
|---|---|---|
| ୩୮୩ | କ୍ୟାଲୋରି | ୩୮୭ |
| ୯୮.୯୬ ଗ୍ରାମ୍ | ଶ୍ୱେତସାର | ୯୯.୯୮ ଗ୍ରାମ୍ |
| ୯୮.୯୬ ଗ୍ରାମ୍ | ଶର୍କରା | ୯୯.୯୮ ଗ୍ରାମ୍ |
| ୦.୦ ଗ୍ରାମ୍ | ଫାଇବର | ୦.୦ ଗ୍ରାମ୍ |
| ୦.୪ ଗ୍ରାମ୍ | ପୁଷ୍ଟିସାର | ୦ ଗ୍ରାମ୍ |
| ୦.୧ ଗ୍ରାମ୍ | ସ୍ନେହସାର | ୦ ଗ୍ରାମ୍ |
| ୮୦ ମିଲିଗ୍ରାମ୍ | କ୍ୟାଲ୍‌ସିୟମ୍ | ୧ ମିଲିଗ୍ରାମ୍ |
| ୧୧ ମିଲିଗ୍ରାମ୍ | ଲୌହସାର | ୦.୧ ମିଲିଗ୍ରାମ୍ |
| ୭୦-୯୦ ମିଲିଗ୍ରାମ୍ | ମ୍ୟାଗ୍‌ନେସିୟମ୍ | ୦ ମିଲିଗ୍ରାମ୍ |
| ୧୦.୫୦ ମିଲିଗ୍ରାମ୍ | ପୋଟାସିୟମ୍ | ୨ ମିଲିଗ୍ରାମ୍ |
| ୨୦-୯୦ ମିଲିଗ୍ରାମ୍ | ଫସ୍‌ଫରସ୍ | ୦ ମିଲିଗ୍ରାମ୍ |
| ୧୯-୩୦ ମିଲିଗ୍ରାମ୍ | ସୋଡିୟମ୍ | ୧ ମିଲିଗ୍ରାମ୍ |
| ଅଳ୍ପ ପରିମାଣର | ଭିଟାମିନ୍ ବି୬ | ୦ ମିଲିଗ୍ରାମ୍ |
| ଅଳ୍ପ | ଆଣ୍ଟି-ଅକ୍ସିଡାଣ୍ଟସ୍ | ଶୂନ୍ୟ |

ଚିନି ନା ଗୁଡ଼- କେଉଁଟି ଶରୀର ପାଇଁ ଉପକାରୀ? ଏ ପ୍ରଶ୍ନର ଉତ୍ତର ପ୍ରାୟ ସମସ୍ତେ 'ଗୁଡ଼' ହିଁ ଦେଇଥାନ୍ତି। ଗୁଡ଼ ପ୍ରାକୃତିକ ଭାବେ ଆଖୁରସ, ତାଳ ବା ଖଜୁରୀରୁ ମିଳୁଥିବା ବେଳେ ଏଥିରେ ଲୌହସାର ଓ ଆଣ୍ଟିଅକ୍ସିଡାଣ୍ଟ୍ ରହୁଥିବାରୁ ଏହା ଶରୀର ପାଇଁ ହିତକର। ଚିନି ଔଦ୍ୟୋଗିକ ପ୍ରକ୍ରିୟାକରଣ ଦ୍ୱାରା ପ୍ରସ୍ତୁତ ହେଉଥିବା ବେଳେ ଏଥିରେ ଗ୍ଲାଇସେମିକ୍ ଇଣ୍ଡେକ୍ସ ଅଧିକ ରହୁଥିବାରୁ ଏହା ରକ୍ତରେ ଶର୍କରାସ୍ତରକୁ ଦ୍ରୁତ ଗତିରେ ବଢ଼ାଇଦିଏ। କିନ୍ତୁ ଗୁଡ଼ରେ ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ରହୁଥିବାରୁ ଏହା ଧୀରେଧୀରେ ରକ୍ତ ଶର୍କରା ସ୍ତର ବଢ଼ାଏ। ଅଧିକ ପରିମାଣରେ ଚିନିଜାତୀୟ ଖାଦ୍ୟ ଖାଇବା ଫଳରେ ମୋଟାପଣ, ଇନ୍‌ସୁଲିନ୍ ପ୍ରତିରୋଧ, ଟାଇପ୍-୨ ମଧୁମେହ ଆଦି ସମସ୍ୟା ଦେଖାଯାଇଥାଏ। କିନ୍ତୁ ନିୟମିତ ଅଧିକ ପରିମାଣରେ ଗୁଡ଼ର ସେବନ ମଧ୍ୟ ଚିନିଜାତୀୟ ଖାଦ୍ୟ ଖାଇବା ଭଳି କୁପରିଣତି ଆଣିଦେଇପାରେ। ଚିନି ଅପେକ୍ଷା ଗୁଡ଼ ସ୍ୱାସ୍ଥ୍ୟକର, କିନ୍ତୁ ଗୁଡ଼ ମଧ୍ୟ ନିୟନ୍ତ୍ରିତ ଭାବେ ଖାଇବା ଉଚିତ।



# ଖାଇବା ପରେ ପ୍ରତି ଥର ଶିଶୁର ପାଟି ଭଲରେ ସଫା କରନ୍ତୁ

**ଶିଶୁ ଦନ୍ତକ୍ଷୟ କେବେଠାରୁ ଦେଖାଯାଏ?**
ଶିଶୁ ଦନ୍ତକ୍ଷୟ ବା 'ଅର୍ଲି ଚାଇଲ୍ଡହୁଡ୍ କ୍ୟାରିଜ୍' ଶିଶୁମାନଙ୍କଠାରେ କ୍ଷୀର ଦାନ୍ତ ଉଠିବା ପରେ ଦେଖାଦେଇପାରେ। ଏହା ସାଧାରଣତଃ ୧ରୁ ୬ ବର୍ଷ ବୟସର ଶିଶୁମାନଙ୍କ ଠାରେ ଦେଖାଯାଏ। ଏହା ମୁଖ୍ୟତଃ କ୍ଷୀର ପିଉଥିବା ଶିଶୁଙ୍କଠାରେ ଅଧିକ ଦେଖାଯାଇଥାଏ।



**ଏହାର କାରଣ କ'ଣ ହୋଇପାରେ?**
ଜୁସ୍, କ୍ଷୀର ଆଦି ଶର୍କରାଜାତୀୟ ତରଳ ପଦାର୍ଥ ପିଇବା ପରେ ଶିଶୁର ପାଟିକୁ ସଫା ନ କଲେ ତାହା ଦାନ୍ତରେ ବହୁତ ସମୟ ଧରି ଲାଗି ରହିଯାଏ। ଶିଶୁମାନଙ୍କ ଦାନ୍ତକୁ ନିୟମିତ ଭାବରେ ବ୍ରସ୍ ନ କଲେ ପାଟିରେ ଥିବା ବିଭିନ୍ନ ପ୍ରକାର ଜୀବାଣୁ ସକ୍ରିୟ ହୁଅନ୍ତି ଓ ଦନ୍ତ କ୍ଷୟ କରାନ୍ତି। ଏହା ଦନ୍ତକ୍ଷୟର ଅନ୍ୟତମ କାରଣ ହୋଇପାରେ।



ଡାକ୍ତର ଲଭଲିନ୍ ମହାନ୍ତି
ଦନ୍ତରୋଗ ବିଶେଷଜ୍ଞ
ପରଫେକ୍ଟ ୩୨ ଡେଣ୍ଟାଲ୍ କେୟାର୍, ମୈତ୍ରୀ ବିହାର, ଭୁବନେଶ୍ୱର
ଫୋନ୍: ୮୯୧୭୫୩୪୭୧୧

**କେଉଁ ଶିଶୁମାନଙ୍କଠାରେ ଅଧିକ ଦନ୍ତକ୍ଷୟ ଦେଖାଯାଏ?**
ଅଧିକ ପରିମାଣର ଚକୋଲେଟ୍, ଫାଷ୍ଟଫୁଡ୍, ରିଫାଇନ୍‌ଡ ଓ ପ୍ରୋସେସଡ୍ ଫୁଡ୍ ଖାଉଥିବା ଶିଶୁମାନଙ୍କଠାରେ ଦନ୍ତକ୍ଷୟ ହେବାର ଅଧିକ ଆଶଙ୍କା ରହିଥାଏ।

**ଏହାର ଲକ୍ଷଣ କ'ଣ?**
ଦାନ୍ତରେ ଧଳା ଚିହ୍ନ ହେବା। ଦାନ୍ତ ଧୀରେ ଧୀରେ ହଳଦିଆ ଓ ମାଟିଆ ରଙ୍ଗ ହୋଇଯିବା। ମାଟିଆ ଦାଗଗୁଡ଼ିକ ଗାତ ପରି ଦିଶିବା ଓ ବେଳେବେଳେ ଭାଙ୍ଗିଯିବା। ଖାଇବା ସମୟରେ ଦାନ୍ତ ଦରଜ ହେବା। ମାଢ଼ି ଓ ଗାଲ ଫୁଲିବା ଆଦି ଦନ୍ତକ୍ଷୟର ଲକ୍ଷଣ ହୋଇପାରେ।

**ଦନ୍ତକ୍ଷୟର ନିରାକରଣ ଲାଗି କି କି ଉପାୟ ରହିଛି?**
ବୋତଲରୁ କ୍ଷୀର ପିଉଥିବା ଶିଶୁଙ୍କ ମାଆମାନେ ଯତ୍ନବାନ ରହନ୍ତୁ। ଶିଶୁକୁ ବୋତଲ ଯୋଗେ ମୁଖ୍ୟତଃ ରାତି ସମୟରେ ଜୁସ୍ ଆଦି ନ ଦିଅନ୍ତୁ। ସବୁ ଥର ଖାଇବା ପରେ ଶିଶୁର ମାଢ଼ି ଓ ଦାନ୍ତକୁ ଭଲ ଭାବେ ସଫା କରିବାକୁ ଚେଷ୍ଟା କରନ୍ତୁ। ଶିଶୁର ଦାନ୍ତକୁ ନିୟମିତ ବ୍ରସ୍‌ରେ ସଫା କରନ୍ତୁ। ଦନ୍ତକ୍ଷୟର କୌଣସି ଲକ୍ଷଣ ଦେଖା ହେଲେ ତୁରନ୍ତ ଦନ୍ତ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

# ମୋଟାପଣ ମାପିବାକୁ ନୂଆ ଉପାୟ

କୌଣସି ବ୍ୟକ୍ତିଙ୍କ ମୋଟାପଣ ବା ମେଦବହୁଳତା (ଓବେସିଟି) ନିର୍ଣ୍ଣୟ କରିବା ପାଇଁ ତାଙ୍କ ଶରୀରର ଓଜନ ଓ ଉଚ୍ଚତା ମଧ୍ୟରେ ଥିବା ଅନୁପାତକୁ ବିଚାରକୁ ନିଆଯାଇଥାଏ। ଏହାକୁ 'ବଡି ମାସ୍ ଇଣ୍ଡେକ୍ସ' (ବିଏମ୍‌ଆଇ) କୁହାଯାଏ। ତେବେ ନିକଟରେ ଦଳେ ବିଶ୍ୱସ୍ତରୀୟ ବିଶେଷଜ୍ଞ ବିଏମ୍‌ଆଇକୁ ବିବାଦୀୟ ବୋଲି ଅଭିହିତ କରିଛନ୍ତି।

ସେମାନଙ୍କ କହିବା କଥା, ଅତ୍ୟଧିକ ଚର୍ବି ଜନିତ ମୋଟାପଣ ବା ପୃଥୁଳକାୟତାର ଚିକିତ୍ସାରେ କେବଳ ବିଏମ୍‌ଆଇ ଜାଣିବା ଯଥେଷ୍ଟ ନୁହେଁ। କାରଣ ବେଳେବେଳେ ଏହା ମାତ୍ରାଧିକ ମେଦବହୁଳତାକୁ ସୂଚାଉଥାଏ ତ ପୁଣି କେତେବେଳେ ମଧ୍ୟ ଏହା ମେଦବହୁଳତାକୁ ଅଣଦେଖା କରିଥାଏ। ଉଦାହରଣ ସ୍ୱରୂପ, ବିଏମ୍‌ଆଇ ସୂଚକାଙ୍କର ସ୍ୱାଭାବିକ ପରିମାଣ ୩୦ କିମ୍ବା ତା' ଠାରୁ କମ୍ ରହିବା ବାଞ୍ଛନୀୟ। ତେବେ ବେଳେବେଳେ ମାତ୍ରାଧିକ ଚର୍ବି ଥିବା ବ୍ୟକ୍ତିଙ୍କର ବିଏମ୍‌ଆଇ ୩୦ ଟପୁନଥିବା ବେଳେ ଶକ୍ତ ମାଂସପେଶୀ ଥିବା କ୍ରୀଡ଼ାବିତ୍‌ଙ୍କ କ୍ଷେତ୍ରରେ ସ୍ୱାଭାବିକ ଚର୍ବି ସତ୍ତ୍ୱେ ବିଏମ୍‌ଆଇ ପରିମାଣ ୩୦ ଉପରେ ଦର୍ଶାଇଥାଏ। ଅପରପକ୍ଷେ, ବିଶେଷଜ୍ଞମାନେ ଶରୀରର ମୋଟାପଣ ମାପିବା ପାଇଁ ଅନ୍ୟ ଏକ ନୂତନ ପଦ୍ଧତି ଅନ୍ୱେଷଣ କରିଛନ୍ତି। ଏଥିରେ ଶରୀରର ଉଚ୍ଚତା ଓ ଓଜନ ସମେତ ଅଣ୍ଟାର ଗୋଲେଇ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ବାବଦରେ ତର୍ଜମା କରିବାକୁ ହୋଇଥାଏ।

ସୂଚନାଯୋଗ୍ୟ, ସମ୍ପ୍ରତି ସମଗ୍ର ବିଶ୍ୱରେ ପ୍ରାୟ ୧୦୦ କୋଟି ଲୋକ ମେଦବହୁଳତାର ଶିକାର ହୋଇଥିବା ଆକଳନ କରାଯାଇଛି। ବିଶେଷ କରି ଆମେରିକାର ପ୍ରାୟ ୪୦ ପ୍ରତିଶତ ନାଗରିକ ମେଦବହୁଳ ଶରୀର ଧାରଣ କରିଥିବା ଜଣାଯାଇଛି। ଶରୀରର ମେଦବହୁଳତା ହିଁ ହୃଦ୍‌ସମସ୍ୟା ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସଂକଟକୁ ଆମନ୍ତ୍ରଣ କରିଥାଏ। ତେଣୁ ଏହାର ଚିକିତ୍ସା ପାଇଁ ଅନେକ ଆଗଭର ଅଛନ୍ତି। ତେବେ ସେମାନଙ୍କ ଶରୀରର ଅନାବଶ୍ୟକ ମେଦବହୁଳ ସ୍ଥିତି ନିର୍ଣ୍ଣୟ କରିବା ପାଇଁ ଏକ ତ୍ରୁଟିହୀନ ପଦ୍ଧତିର ଆବଶ୍ୟକତା ରହିଛି, ଯାହା କେବଳ ବିଏମ୍‌ଆଇ ମାପିଦେଲେ ଯଥେଷ୍ଟ ହେବନାହିଁ ବୋଲି ୱାସିଂଟନ୍ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ରଖିଛନ୍ତି। ସେମାନଙ୍କ ପଦ୍ଧତିରେ ଦୁଇପ୍ରକାରର ଶାରୀରିକ ସ୍ଥିତି ନିର୍ଣ୍ଣୟ କରିବାକୁ ହେବ। ଗୋଟିଏ ହେଲା, କ୍ଲିନିକାଲ୍ ଓବେସିଟି ଏବଂ ଅନ୍ୟଟି ହେଉଛି ପ୍ରି-କ୍ଲିନିକାଲ୍ ଓବେସିଟି। କ୍ଲିନିକାଲ୍ ଓବେସିଟି ଦ୍ୱାରା ଶରୀରର ବିଏମ୍‌ଆଇ ସମେତ ମେଦବହୁଳତାର ଅନ୍ୟାନ୍ୟ ସଂକେତ ଜାଣିହୋଇଥାଏ। ଏଥିସହିତ ପୃଥୁଳକାୟତା ସହ ଜଡ଼ିତ ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ଯକୃତ କି ବୃକ୍କ ଜନିତ ରୋଗ ଏବଂ ଦୀର୍ଘଦିନର ଆଣ୍ଠୁଗଣ୍ଠି କି ଅଣ୍ଟା ଯନ୍ତ୍ରଣା ଆଦିର ତର୍ଜମା କରାଯାଇଥାଏ। ଏଭଳି ରୋଗୀଙ୍କର ଚିକିତ୍ସା ଜରୁରି। ଅପରପକ୍ଷେ, ପ୍ରି-କ୍ଲିନିକାଲ୍ ଓବେସିଟିରେ ଉପରୋକ୍ତ ସମସ୍ୟାଗୁଡ଼ିକର ଆଶଙ୍କା ଥିବା ଜଣାପଡ଼ିଥାଏ, ମାତ୍ର ରୋଗୀ କୌଣସିଥିରେ ପୀଡ଼ିତ ନଥାଏ। ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରି ଏହାର ଚିକିତ୍ସା କରାଯିବା ସମ୍ଭବ।



